# ବ୍ରହ୍ମବିଦ୍ୟାର କ୍ରମିକ ପାଠ୍ୟ

## (ବ୍ରହ୍ମବିଦ୍ୟାର ନିର୍ଯ୍ୟାସ)

(ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗ)

ସଂକଳକ : ସତ୍ୟବୀର ତ୍ୟାଗୀ

ଅନୁବାଦ : ଡକ୍ଟର ଚିନ୍ମୟୀ ମହାପାତ୍ର

ଉତ୍କଳ ବ୍ରହ୍ମବିଦ୍ୟା ସଂଘ

୩୪୬, ଗୌତମନଗର, ଭୁବନେଶ୍ୱର-୭୫୧୦୧୪

THERE IS NO RELIGION HIGHER THAN TRUTH

# ବ୍ରହ୍ମବିଦ୍ୟାର କ୍ରମିକ ପାଠ୍ୟ

## (ବ୍ରହ୍ମବିଦ୍ୟାର ନିର୍ଯ୍ୟାସ)

## (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗ)

ସଂକଳକ:

ସତ୍ୟବୀର ତ୍ୟାଗୀ

ଅନୁବାଦ :

ଡକ୍ଟର ଚିନ୍ମୟୀ ମହାପାତ୍ର

**ଉତ୍କଳ ବ୍ରହ୍ମବିଦ୍ୟା ସଂଘ**

୩୪୬, ଗୌତମନଗର, ଭୁବନେଶ୍ୱର-୭୫୧୦୧୪

# ବ୍ରହ୍ମବିଦ୍ୟାର କ୍ରମିକ ପାଠ୍ୟ

(ବ୍ରହ୍ମବିଦ୍ୟାର ନିର୍ଯ୍ୟାସ)

(ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗ)

❖

ସଂକଳକ: ସତ୍ୟବୀର ତ୍ୟାଗୀ

ଅନୁବାଦ : ଡକ୍ଟର ଚିନ୍ମୟୀ ମହାପାତ୍ର

ପ୍ରକାଶକ : ଉତ୍କଳ ବ୍ରହ୍ମବିଦ୍ୟା ସଂଘ

୩୪୬, ଗୌତମନଗର,

ଭୁବନେଶ୍ୱର-୭୫୧୦୧୪

ପ୍ରକାଶକାଳ :୨୦୨୬

ମୁଦ୍ରଣ : ପଣ୍ଡା ଗ୍ରାଫିକ୍ସ, କଟକ-୯

ମୂଲ୍ୟ : ୬୦ଟଙ୍କା

## ପ୍ରଥମ ଭାଗ

### (ଅନୁସନ୍ଧିତ୍ସୁଙ୍କ ପାଇଁ ପ୍ରାରମ୍ଭିକ ପାଠ୍ୟ)


୧. ବ୍ରହ୍ମବିଦ୍ୟା ସମିତି ଓ ଏହାର ତିନି ଉଦ୍‌ଘୋଷିତ ଆଭିମୁଖ୍ୟ ୫

୨, ଚିନ୍ତାର ସ୍ୱାତନ୍ତ୍ର୍ୟ ୬

୩. ବ୍ରହ୍ମବିଦ୍ୟା ସମିତିର ସଭ୍ୟତ୍ୱ ୭

୪. ବ୍ରହ୍ମବିଦ୍ୟା ସମିତିର ପ୍ରତୀକ ଓ ଆଦର୍ଶ ୮

୫. ବ୍ରହ୍ମବିଦ୍ୟା ଓ ବ୍ରହ୍ମବିଦ୍ୟା ସମିତିର ମୌଳିକ ତତ୍ତ୍ୱ ୧୪

୫. ତିନି ଶାଶ୍ୱତ ସତ୍ୟ ଓ ଈଶ୍ୱରୀୟ ଯୋଜନା ୧୬


## ଦ୍ୱିତୀୟ ଭାଗ

### (ବ୍ରହ୍ମବିଦ୍ୟାର ନୂତନ ଛାତ୍ରଙ୍କ ପାଇଁ ସଂକ୍ଷିପ୍ତ ପାଠ୍ୟକ୍ରମ)


୧. ବିଶ୍ୱବ୍ରହ୍ମାଣ୍ଡର ପରିପ୍ରକାଶ ୧୯

୨. ଜୀବନ ଓ ଆକୃତି ସମୂହର ବିବର୍ତ୍ତନ ୨୨

୩ . ଚେତନାର ସଂକୋଚନ ଓ ଉଦ୍‌ବର୍ତ୍ତନ

୪ . ମନୁଷ୍ୟର ଗଠନ ୨୯

୫ . ପୁନର୍ଜନ୍ମ ୩୪

୬ . କର୍ମ ୩୯


## ତୃତୀୟ ଭାଗ

### (ବ୍ରହ୍ମବିଦ୍ୟାର ଅଗ୍ରଣୀ ଛାତ୍ରଙ୍କ ପାଇଁ ସଂକ୍ଷିପ୍ତ ପାଠ୍ୟକ୍ରମ)


୧. ମାନବ-ଜୀବନର ଅନ୍ତର୍ନିହିତ ଲକ୍ଷ୍ୟ ୪୮

୨. ଆତ୍ମ-ପ୍ରଶିକ୍ଷଣ ଓ ମାର୍ଗରେ ପହଞ୍ଚିବା ପାଇଁ ପ୍ରସ୍ତୁତି ୫୩

୨. ଗୁରୁମହାତ୍ମାଗଣ ଓ ଶିଷ୍ୟତ୍ୱର ମାର୍ଗ ୫୫

୪. ବିବର୍ତ୍ତନର ଯୋଜନାରେ ଜାତି, ସୃଷ୍ଟିଚକ୍ର ଓ ସୃଷ୍ଟି-ଶୃଙ୍ଖଳ ୭୧

୫. ଗୋଟିଏ ଜୀବନ, ଗୋଟିଏ ନିୟମ ଓ ଗୋଟିଏ ସ୍ଥିତି ୭୩

୬. ଜ୍ଞାନ, ପ୍ରଜ୍ଞା ଓ ଆତ୍ମୋପଲବ୍ଧି ୭୯


❖❖❖

# ପ୍ରଥମ ଭାଗ

## (ଜିଜ୍ଞାସୁଙ୍କ ପାଇଁ ପ୍ରାରମ୍ଭିକ ପାଠ୍ୟକ୍ରମ)

### ୧. ବ୍ରହ୍ମବିଦ୍ୟା ସମିତି ଓ ଏହାର ତିନି ଉଦ୍‌ଘୋଷିତ ଆଭିମୁଖ୍ୟ :

ବ୍ରହ୍ମବିଦ୍ୟା ସମିତି ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ ଶାଖା ବିସ୍ତାର କରିଥିବା ଏକ ଆନ୍ତର୍ଜାତିକ ଅନୁଷ୍ଠାନ । ଜ୍ଞାନ-ଗୁରୁ ମହାତ୍ମାମାନଙ୍କର ପ୍ରେରଣାରେ ମାଡାମ୍ ହେଲେନା ପେଟ୍ରୋଭ୍‌ନା ବ୍ଲାଭାଟ୍‌ସ୍କି ଓ କଲୋନେଲ୍ ହେନେରି ଷ୍ଟିଲ୍ ଅଲ୍‌କଟ୍ ୧୮୭୫ ମସିହା ନଭେମ୍ବର ୧୭ ତାରିଖରେ ନିଉୟର୍କ ଠାରେ ଏହାର ସଂସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ଭାରତରେ, ଚେନ୍ନାଇ (ତତ୍‌କାଳୀନ ମାଡ୍ରାସ୍) ନିକଟବର୍ତ୍ତୀ ଆଡ୍‌ୟାର୍‌ଠାରେ ଏହାର ଆନ୍ତର୍ଜାତିକ ମୁଖ୍ୟାଳୟ ପ୍ରତିଷ୍ଠିତ ହେଲା । ବିଶ୍ୱର ବିଭିନ୍ନ ଦେଶରେ ଥିବା ଏହାର ଶାଖାଗୁଡ଼ିକ ସାଂଗଠନିକ ଓ ପ୍ରଶାସନିକ ଦୃଷ୍ଟିରୁ ସ୍ୱତନ୍ତ୍ର ହେଲେହେଁ ମୂଳ ସଂସ୍ଥାର ଅଂଶ ରୂପେ ଏହାର ତିନି ଆଭିମୁଖ୍ୟକୁ ଭିତ୍ତି କରି କାର୍ଯ୍ୟ କରିଥା'ନ୍ତି ।

ଏହା ଏକ ଅଣ-ସାଂପ୍ରଦାୟିକ ଅନୁଷ୍ଠାନ, ଯାହାର ସତ୍ୟାନୁସନ୍ଧିତ୍ସୁ ସଭ୍ୟମାନେ ସତ୍ୟାନ୍ୱେଷା କ୍ଷେତ୍ରରେ ମଣିଷର ପୂର୍ଣ୍ଣ ସ୍ୱାଧୀନତା ପାଇଁ ଭ୍ରାତୃତ୍ୱବୋଧକୁ ପ୍ରୋତ୍ସାହିତ କରିବାର ପ୍ରୟାସ କରିଥା'ନ୍ତି । ଏହା କୌଣସି ନିର୍ଦ୍ଦିଷ୍ଟ ବିଶ୍ୱାସ ବା ମତବାଦକୁ ସଭ୍ୟମାନଙ୍କ ଉପରେ ଲଦି ଦିଏ ନାହିଁ; କିନ୍ତୁ ଅଧ୍ୟୟନ ଓ  ଆଲୋଚନା ପାଇଁ ଲିଖିତ ଉପାଦାନ ଯୋଗାଇ ଦିଏ, ଅଭିଭାଷଣ ଶୁଣାଇବାର ସୁଯୋଗ ସୃଷ୍ଟି କରେ । ଏସବୁଦ୍ୱାରା ସଭ୍ୟମାନେ ସମଗ୍ର ବ୍ରହ୍ମାଣ୍ଡ ବିଷୟରେ ତଥା ନିଜ ବିଷୟରେ ଅନେକ କଥା ବୁଝିପାରନ୍ତି ।

### ତିନୋଟି ଉଦ୍‌ଘୋଷିତ ଆଭିମୁଖ୍ୟ :

(କ) ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଆଦିର ନିର୍ବିଶେଷରେ ବିଶ୍ୱଜନୀନ ଭ୍ରାତୃତ୍ୱବୋଧର ବୀଜ (nucleus) ବପନ କରିବା ।

(ଖ) ଦର୍ଶନଶାସ୍ତ୍ର, ବିଜ୍ଞାନ ଓ ବିଭିନ୍ନ ଧର୍ମର ତୁଳନାତ୍ମକ ଅଧ୍ୟୟନକୁ ପ୍ରୋତ୍ସାହିତ କରିବା ।

(ଗ) ପ୍ରକୃତିର ଅବ୍ୟାଖ୍ୟାତ ନିୟମସମୂହ ତଥା ମନୁଷ୍ୟ ମଧ୍ୟରେ ନିହିତ ଅଫୁରନ୍ତ ଶକ୍ତି ବିଷୟରେ ଅନୁଶୀଳନ କରିବା ।

ବିଶ୍ୱର ଯେକୌଣସି ଧର୍ମ-ସଂପ୍ରଦାୟର ଅନ୍ତର୍ଭୁକ୍ତ ଅଥବା କୌଣସି ବି ଧର୍ମମତକୁ ସ୍ୱୀକାର କରୁ ନ ଥିବା, ଅଥଚ ବ୍ରହ୍ମବିଦ୍ୟାସମିତିର ଉଲ୍ଲିଖିତ ତିନି ଆଭିମୁଖ୍ୟକୁ ସ୍ୱୀକାର କରୁଥିବା ବ୍ୟକ୍ତିମାନେ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହୋଇଥା'ନ୍ତି । ସେମାନେ ଜାତିଗତ, ଧର୍ମଗତ ଓ ସାମାଜିକ ବିରୋଧିତା ଦୂର କରିବାର ଇଚ୍ଛା ପୋଷଣ କରିଥା'ନ୍ତି, ଯଦ୍ଦ୍ୱାରା ଧର୍ମ ତଥା ଅନ୍ୟ ବିଷୟକ ବିବିଧତା ସତ୍ତ୍ୱେ ସଦିଚ୍ଛାବନ୍ତ ନର-ନାରୀମାନେ ଏକତ୍ରିତ ହୋଇପାରନ୍ତି ।

## ୨. ସ୍ୱାଧୀନ ଚିନ୍ତାର ସୁଯୋଗ :

ବ୍ରହ୍ମବିଦ୍ୟା ସମିତିର କ୍ଷେତ୍ର ସୁଦୂରପ୍ରସାରୀ । ସବୁ ଧର୍ମର ମଣିଷମାନେ ନିଜର ବିଶେଷ ଧର୍ମୀୟ ଶିକ୍ଷା ଓ ବିଶ୍ୱାସକୁ ପରିତ୍ୟାଗ ନ କରି ଏହାର ସଭ୍ୟ ହୋଇଥା'ନ୍ତି । ତେଣୁ ଜୋର୍ ଦେଇ କୁହାଯାଇପାରେ ଯେ, ଏହି ସମିତିର ସଭ୍ୟମାନଙ୍କ ପାଇଁ କୌଣସି ବାଧ୍ୟବାଧକତା କି ନିର୍ଦ୍ଦିଷ୍ଟ ତତ୍ତ୍ୱ ବା ମତବାଦ ନାହିଁ । କୌଣସି ସଭ୍ୟ କିଛି ଛାଡ଼ିବାକୁ କି ଗ୍ରହଣ କରିବାକୁ ବାଧ୍ୟ ନୁହେଁ । ଏଚ୍.ପି.ବ୍ଲାଭାଟ୍‌ସ୍କିଙ୍କଠାରୁ ଆରମ୍ଭ କରି କୌଣସି ବି ଗୁରୁ କି ଗ୍ରନ୍ଥ-ରଚୟିତାଙ୍କର ଶିକ୍ଷା କି ମତାମତର ସଭ୍ୟମାନଙ୍କ ଉପରେ କର୍ତ୍ତୃତ୍ୱ ନାହିଁ । ପ୍ରତ୍ୟେକ ସଭ୍ୟଙ୍କର ନିଜ ପସନ୍ଦ ଅନୁଯାୟୀ ଯେକୌଣସି ଶିକ୍ଷା, ଚିନ୍ତନ (ଦୃଷ୍ଟିକୋଣ) ବା ଅନୁଷ୍ଠାନ ସହ ଜଡ଼ିତ ହେବାର ସ୍ୱାଧୀନତା ଓ ଅଧିକାର ଅଛି; ମାତ୍ର ଅନ୍ୟ କାହା ଉପରେ ତାଙ୍କର ପସନ୍ଦକୁ ଲଦି ଦେବାର ଅଧିକାର ନାହିଁ ।

ଯେକୌଣସି ତତ୍ତ୍ୱ ବା ମତକୁ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିବାର ସ୍ୱାଧୀନତା ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନଙ୍କର ଅଛି; କିନ୍ତୁ କୌଣସି କଥାକୁ ଗ୍ରହଣ କି ପ୍ରତ୍ୟାଖ୍ୟାନ କରିବା ପାଇଁ ତରବର ହେବା ବିଜ୍ଞତାର ଲକ୍ଷଣ ନୁହେଁ । ଜିଜ୍ଞାସୁ ହେବା, ସତ୍ୟର ସନ୍ଧାନ କରିବା ହିଁ ସବୁଠାରୁ ଭଲ । ଯେଉଁମାନଙ୍କର ମନ ଜ୍ଞାନକୁ

(ସତ୍ୟକୁ) ଗ୍ରହଣ କରିବାକୁ ସମର୍ଥ, ସେହିମାନେ ହିଁ ଜ୍ଞାନପ୍ରାପ୍ତ ହୋଇଥା'ନ୍ତି । ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନେ କେବଳ ବ୍ରହ୍ମବିଦ୍ୟା ସଂପର୍କିତ କିମ୍ବା ସେହି ପ୍ରକାରର ସାହିତ୍ୟ ଅଧ୍ୟୟନ କରିବାକୁ ନୁହେଁ; ପ୍ରକୃତ ବ୍ରହ୍ମବିଦ୍ୟାନିଷ୍ଠ ଜୀବନ ବଞ୍ଚିବାକୁ ଚାହାନ୍ତି । ସେମାନେ ଶୁଦ୍ଧ ତଥା ଆତ୍ମନିୟନ୍ତ୍ରିତ ଜୀବନଯାପନ କରି ଅନ୍ତର୍ଲୋକରୁ ଜ୍ଞାନ ଆହରଣ କରିବାକୁ ପ୍ରସ୍ତୁତ ହୋଇଥା'ନ୍ତି ।

**ବ୍ରହ୍ମବିଦ୍ୟା ସମିତିର ସଭ୍ୟତ୍ୱ :**

ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଏ ସମିତିର ସଭ୍ୟ ହେବାର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ଏହାର ସଭ୍ୟ ଦୁଇ ପ୍ରକାରେ ହୋଇପାରନ୍ତି;

(କ) ସ୍ୱୀକୃତିପ୍ରାପ୍ତ ଶାଖା ବା କେନ୍ଦ୍ରର ସଭ୍ୟ

(ଖ) ଜାତୀୟ-ମୁଖ୍ୟାଳୟ ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ସଭ୍ୟ

ବ୍ରହ୍ମବିଦ୍ୟା ସମିତିର ଆଭିମୁଖ୍ୟ ପ୍ରତି ସମଭାବାପନ୍ନ ଓ ନିୟମାନୁବର୍ତ୍ତିତା ପ୍ରତି ଆଗ୍ରହୀ ୧୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ଯେ କେହି ଏହାର ସଭ୍ୟ ହେବାପାଇଁ ଉପଯୁକ୍ତ । କିନ୍ତୁ ୧୮ ବର୍ଷରୁ କମ୍ ବୟସର ପିଲା ସଭ୍ୟ ହେବାକୁ ହେଲେ ତାଙ୍କର ପିତାମାତା କିମ୍ବା ଅଭିଭାବକଙ୍କର ଲିଖିତ ସ୍ୱୀକୃତି ଆବଶ୍ୟକ ।

ବ୍ରହ୍ମବିଦ୍ୟା ସମିତିର ପ୍ରତ୍ୟେକ ସଦସ୍ୟ ଭ୍ରାତୃତ୍ୱ, ମୈତ୍ରୀ ଓ ବିଶ୍ୱ ଏକତାର ପରିବେଶ ସୃଷ୍ଟି କରିବା ତଥା ସଂଘକୁ ସଜୀବ ଓ ସକ୍ରିୟ ରଖିବା ଆଶା କରାଯାଏ । ଆମର ଚିନ୍ତନ ଓ କର୍ମରେ ଏହି ସଂସ୍ଥାର ଆଦର୍ଶ ପ୍ରତିଫଳିତ ହେବା ଆବଶ୍ୟକ । ବିଶ୍ୱର ଜନଗଣ ବ୍ରହ୍ମବିଦ୍ୟା ସମିତିକୁ ଏହାର ଆଭିମୁଖ୍ୟ ନୁହେଁ; ବରଂ ଏହାର ସଭ୍ୟମାନଙ୍କର ଜୀବନଶୈଳୀ, କାର୍ଯ୍ୟଧାରା ଓ ବ୍ୟକ୍ତିତ୍ୱ ଦେଖି ଆକଳନ କରିବେ । ତେଣୁ ପ୍ରତ୍ୟେକ ସଭ୍ୟ 'ବ୍ରହ୍ମବିଦ୍ୟା' ଶବ୍ଦର ତାତ୍ପର୍ଯ୍ୟ ବୁଝି ତଦନୁଯାୟୀ ଜୀବନଯାପନ କରିବା, ଆଚରଣ ପ୍ରଦର୍ଶନ କରିବା, ସାର୍ବଜନୀନ ଭ୍ରାତୃତ୍ୱବୋଧ ରଖିବା ଉଚିତ ।

ବ୍ରହ୍ମବିଦ୍ୟାବିତ୍ ହେବା ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହେବାଠାରୁ ଭିନ୍ନ କଥା । ଏଥିପାଇଁ ନିଜ ଭିତରେ ଜ୍ଞାନର ଆବଶ୍ୟକତା ଥାଏ । ତେଣୁ ସ୍ୱାଧୀନଚେତନାକୁ ସମ୍ମାନ ଦେବା; ମନକୁ ଉନ୍ମୁକ୍ତ ରଖିବା; ବିଶ୍ୱଜନୀନ ଭାବ, ମୈତ୍ରୀ, ସାହାଯ୍ୟ

ପରାୟଣ ମନୋବୃତ୍ତି ପୋଷଣ କରିବା ଦରକାର । ବ୍ରହ୍ମବିଦ୍ୟାବିତ୍ ହେବାର ଅର୍ଥ ପ୍ରାକୃତିକ ସରଳ ଜୀବନକୁ ଆପଣେଇବା । ଏହା ଗତାନୁଗତିକ କୃତ୍ରିମ ମାର୍ଗ ନୁହେଁ; ସଂସାରରେ ଜନ୍ମ ନେଇଥିବା ମଣିଷର ଇପ୍‌ସିତ ମାର୍ଗ, ମାନବୋଚିତ ମାର୍ଗ । ଯେତେବେଳେ ଜଣେ ବୁଝିପାରେ ଯେ ଏହା ହିଁ ବ୍ରହ୍ମବିଦ୍ୟାର ଯଥାର୍ଥ ମର୍ମ, ସେତେବେଳେ ଏହି ସମିତି ବା ସଂସ୍ଥା କେଡ଼େ ଚମତ୍କାର ସେ କଥା ତା'ର ହୃଦ୍‌ବୋଧ ହୁଏ । ଏହି ଅନୁଷ୍ଠାନର ସଭ୍ୟମାନେ  କେବଳ ନିଜ ନିଜର କାର୍ଯ୍ୟ ନୁହେଁ; ଚିନ୍ତା, ଅନୁଭବ ଓ ଜୀବନଶୈଳୀଦ୍ୱାରା ମଧ୍ୟ ଏହାକୁ ସମସ୍ତଙ୍କର ସହାୟତା କରିବାର ମାଧ୍ୟମରେ ପରିଣତ କରିପାରିବେ, ସମଗ୍ର ମାନବଜାତି ପାଇଁ ଆଶୀର୍ବାଦର ପ୍ରବାହ ବୋଲି ପ୍ରମାଣିତ କରିପାରିବେ ।

ବ୍ରହ୍ମବିଦ୍ୟା ସମିତିର ଏକ ଉଚ୍ଚସ୍ତରୀୟ 'ଗୂଢ଼ (estoteric) ଶାଖା' ଅଛି । ଏକ ନିର୍ଦ୍ଦିଷ୍ଟ ସମୟ ଧରି ଏହି ସମିତିର ସଭ୍ୟ ରହିଥିବା ଓ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରିଥିବା ସଭ୍ୟ ଇଚ୍ଛା କଲେ ଏଥିରେ ପ୍ରବେଶ କରିପାରନ୍ତି । ଯେଉଁମାନେ କେବଳ ବ୍ରହ୍ମବିଦ୍ୟା ସମିତିର ନିର୍ଦ୍ଦିଷ୍ଟ ପୁସ୍ତକ ଓ ତତ୍‌ସଂପର୍କିତ ଅନ୍ୟାନ୍ୟ ବିଷୟ ଅଧ୍ୟୟନରେ ନିଜକୁ ନିବଦ୍ଧ ନ ରଖି ଯଥାର୍ଥ ବ୍ରହ୍ମବିଦ୍ୟାର୍ଥୀର ଜୀବନ ବଞ୍ଚିବାକୁ ଚାହାନ୍ତି ଏହି 'ଗୂଢ଼ ଶାଖା' ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ । ଜ୍ଞାନ ସେଇମାନଙ୍କୁ ମିଳେ, ଯେଉଁମାନଙ୍କର ମନ ଜ୍ଞାନକୁ ଗ୍ରହଣ କରିବାକୁ ସମର୍ଥ । ଗୂଢ଼ ଶାଖାର ସଦସ୍ୟମାନେ ଶୁଦ୍ଧ ଜୀବନଚର୍ଯ୍ୟା ଓ ଆତ୍ମସଂଯମ ଦ୍ୱାରା ନିଜକୁ ଜ୍ଞାନପ୍ରାପ୍ତ ହେବାପାଇଁ ପ୍ରସ୍ତୁତ କରନ୍ତି । ଜ୍ଞାନ ଓ ସତ୍ୟ ପ୍ରାପ୍ତ ହେବାପାଇଁ ପବିତ୍ର ଓ ନିଃସ୍ୱାର୍ଥପର ଜୀବନଯାତ୍ରା କରିବାକୁ 'ବ୍ରହ୍ମବିଦ୍ୟା ସମିତି' କାହାକୁ ବାଧ୍ୟ କରେ ନାହିଁ । କିନ୍ତୁ 'ଗୂହ୍ୟ ଶାଖା'ରେ ଯୋଗ ଦେଇଥିବା ସଭ୍ୟମାନେ ଏହି ମାର୍ଗର ଗୁରୁତ୍ୱପୂର୍ଣ୍ଣ ସଂକଳ୍ପମାନ ସ୍ୱେଚ୍ଛାପ୍ରଣୋଦିତ ଭାବେ ଗ୍ରହଣ କରିଥା'ନ୍ତି ।

## ୩. ବ୍ରହ୍ମବିଦ୍ୟା ସମିତିର ପ୍ରତୀକ ଓ ଆଦର୍ଶ :

ବ୍ରହ୍ମବିଦ୍ୟା ସମିତିର ଚିହ୍ନ ଅନେକ ପ୍ରତୀକର ସମାହାର । ସେହି ପ୍ରତିଟି ପ୍ରତୀକ ପ୍ରାଚୀନକାଳରୁ ଆରମ୍ଭ କରି ମନୁଷ୍ୟ ଓ ବିଶ୍ୱବ୍ରହ୍ମାଣ୍ଡ ସଂପର୍କିତ ଗଭୀର ଆଧ୍ୟାତ୍ମିକ ଓ ଦାର୍ଶନିକ ଧାରଣାମାନ ପ୍ରକାଶ କରନ୍ତି ।

**ଅଙ୍ଖ :** ଦୁଇ ପରସ୍ପରଚ୍ଛେଦୀ ସୁନିବଦ୍ଧ ତ୍ରିଭୁଜର କେନ୍ଦ୍ରରେ Tau Cross ର ଶୀର୍ଷରେ ଏକ ବୃତ୍ତ ରହିଛି, ଯାହା ସୁପ୍ରାଚୀନ ମିଶରୀୟ ପରମ୍ପରାର ଏକ ପ୍ରତୀକ । ଏହା ଭୌତିକତାର ପେଟିକାରେ ଆବଦ୍ଧ ଆତ୍ମାର ପୁନରୁତ୍‌ଥାନକୁ ଦର୍ଶାଏ । ଅନ୍ୟ ଭାବରେ ଏହାକୁ ମୃତ୍ୟୁ ଉପରେ ଜୀବନର, ବସ୍ତୁ ଉପରେ ଆତ୍ମାର, ମନ୍ଦ ଉପରେ ଭଲର ବିଜୟ ବୋଲି କୁହାଯାଇପାରେ ।

**ପରସ୍ପଚ୍ଛେଦୀ ତ୍ରିଭୁଜଦ୍ୱୟ :** [ଇହୁଦୀ ଧର୍ମରେ ସଲୋମନ୍‌ଙ୍କ ମୁଦ୍ରାଙ୍କ (Seal of Solemon) କିମ୍ବା ଡେଭିଡ୍‌ଙ୍କ ତାରକା (Star of David) ରୂପେ ପରିଚିତ] । ଏକ ସର୍ପଦ୍ୱାରା ବେଷ୍ଟିତ ପରସ୍ପରଚ୍ଛେଦୀ ତ୍ରିଭୁଜଦ୍ୱୟ ସ୍ଥାନ ଓ କାଳର ସୀମା ମଧ୍ୟରେ ସୀମିତ ସୃଷ୍ଟିକର୍ତ୍ତାଙ୍କଦ୍ୱାରା ସୃଷ୍ଟ ବିଶ୍ୱବ୍ରହ୍ମାଣ୍ଡର ପ୍ରତୀକ । ପୃଥକ୍ ପୃଥକ୍ କରି ଦେଖିଲେ ତ୍ରିଭୁଜଗୁଡ଼ିକ ସୃଷ୍ଟିକର୍ତ୍ତାଙ୍କ ତ୍ରିବିଧ ରୂପରେ ପରିପ୍ରକାଶକୁ ସୂଚିତ କରେ । ବିଭିନ୍ନ ଧର୍ମରେ ଏହି ତ୍ରିବିଧ ରୂପ (ସର୍ଜନକର୍ତ୍ତା, ପାଳନକର୍ତ୍ତା, ସଂହାରକର୍ତ୍ତା) ସ୍ୱୀକାର କରାଯାଇଛି । ନିମ୍ନମୁଖୀ କଳା (darker) ତ୍ରିଭୁଜଟି ସ୍ଥୂଳଜଗତକୁ ଜୀବନର ଅବତରଣକୁ ପ୍ରତୀକିତ କରୁଥିବାବେଳେ ଊର୍ଦ୍ଧ୍ୱମୁଖୀ ଶୁଭ୍ର (Lighter) ତ୍ରିଭୁଜ ସ୍ଥୂଳଜଗତରୁ ମୁକୁଳି ଊର୍ଦ୍ଧ୍ୱତର ସୂକ୍ଷ୍ମଜଗତ ଆଡ଼କୁ ଉନ୍ମୁଖ ଜୀବନର ଉତ୍ତରଣକୁ ଦର୍ଶାଏ, ପ୍ରକୃତି ଭିତରେ ଓ ମଣିଷର ଅନ୍ତରରେ ଚାଲିଥିବା ଅନ୍ଧକାର ଓ ଆଲୋକର ନିରନ୍ତର ସଂଘର୍ଷକୁ ଦର୍ଶାଏ ।

**ସର୍ପ :** ସର୍ପ ଜ୍ଞାନର ପ୍ରତୀକ । ନିଜର ଲାଞ୍ଜକୁ ଖାଉଥିବା ସର୍ପଟି ସଂସାର-ଚକ୍ର (The circle of Universe) ର ପ୍ରତିନିଧିତ୍ୱ କରେ, ବ୍ୟକ୍ତଜଗତର ଚକ୍ରାବର୍ତ୍ତ ପ୍ରକ୍ରିୟା (Cyclic process) କୁ ସୂଚିତ କରେ ।

**ସ୍ୱସ୍ତିକ :** ଘ ।-କ ।ର ଅନୁକୂଳ ଦିଗରେ ଘୂର୍ଣ୍ଣାୟମାନ ଅଗ୍ନିଶିଖା ତୁଲ୍ୟ ବାହୁ ବିଶିଷ୍ଟ ଛକ ପରି ଦିଶୁଥିବା ସ୍ୱସ୍ତିକ ପ୍ରକୃତିର ବିପୁଳ ଶକ୍ତିର ପ୍ରତୀକ ସ୍ୱରୂପ, ଯାହା ଅବିରାମ ବିବିଧ ରୂପର ସୃଷ୍ଟି ଓ ସଂହାର କରି ଚାଲିଥାଏ, ଯଦ୍ଦ୍ୱାରା ବିବର୍ତ୍ତନପ୍ରକ୍ରିୟା ସମ୍ଭବ ହୋଇଥାଏ ।

**ଓଁ :** ପ୍ରତୀକଟିର ଶୀର୍ଷଦେଶରେ ସନାତନ ହିନ୍ଦୁଧର୍ମର ପବିତ୍ର ସଂସ୍କୃତ ଅକ୍ଷର 'ॐ' (ଦେବନାଗରୀ ଲିପିରେ) ରହିଛି, ଯାହା ପରମତତ୍ତ୍ୱର ତ୍ରିବିଧତା (ତ୍ରିବିଧ ରୂପ)ର ପ୍ରତୀକ । ଏହା ନିରନ୍ତର ନିନାଦିତ ହୋଇ ବିଶ୍ୱବ୍ରହ୍ମାଣ୍ଡକୁ ଧରି ରଖିଥିବା ନାଦବ୍ରହ୍ମ ବା ଈଶ୍ୱରୀୟ ସତ୍ତାର ଧାରଣା ମଧ୍ୟ ଦେଇଥାଏ ।

**ନୀତି ବା ଆଦର୍ଶ (Motto) :** ପ୍ରତୀକକୁ ଘେରି ବ୍ରହ୍ମବିଦ୍ୟା ସମିତିର ଆଦର୍ଶ ଲିପିବଦ୍ଧ ହୋଇଛି– "ସତ୍ୟଠାରୁ ବଡ଼ ଧର୍ମ କିଛି ନାହିଁ" (ସତ୍ୟାତ୍ ନାସ୍ତି ପରୋଧର୍ମ) । ପ୍ରତ୍ୟେକ ବ୍ରହ୍ମବିଦ୍ୟାବିତ୍ ସତ୍ୟର ଅନ୍ୱେଷଣ କରିଥା'ନ୍ତି, ସେ ଯେଉଁ ଧର୍ମରେ ବିଶ୍ୱାସ ରଖିଥା'ନ୍ତୁ ନା କାହିଁକି । ପ୍ରତ୍ୟେକ ମହତ୍ତ୍ୱପୂର୍ଣ୍ଣ ଧର୍ମ ଏକ ହିଁ ଶାଶ୍ୱତ ଓ ଦିବ୍ୟଜ୍ଞାନର ଆଲୋକକୁ କିଛି ପରିମାଣରେ ପ୍ରତିଫଳିତ କରିଥା'ନ୍ତି । ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନଙ୍କର ଏକତାର ବନ୍ଧନ ସାମୂହିକ ଭାବେ ସତ୍ୟର ଅନ୍ୱେଷଣ ଓ ସେଥିପାଇଁ ଅଦମ୍ୟ ଇଚ୍ଛାର ଲକ୍ଷ୍ୟ ପୋଷଣ କରିଥାଏ । ସେମାନେ ଧରି ନେଇଥା'ନ୍ତି ଯେ ଅଧ୍ୟୟନ, ମନନ, ଧ୍ୟାନ, ସେବା, ଶୁଦ୍ଧ ଜୀବନଧାରା ଓ ଉଚ୍ଚସ୍ତରର ଭକ୍ତିଦ୍ୱାରା ହିଁ ସତ୍ୟର ଅନ୍ୱେଷଣ କରିବାକୁ ହେବ । କୌଣସି ନିର୍ଦ୍ଦିଷ୍ଟ ଧର୍ମାନୁଷ୍ଠାନ ବା ଧର୍ମାଧିକାରୀ (ଧର୍ମଗୁରୁ)ଙ୍କଦ୍ୱାରା ନିର୍ଦ୍ଧାରିତ ବାଧ୍ୟବାଧକତା କି ପ୍ରଥା-ପରମ୍ପରାର ଅନୁସରଣ ଦ୍ୱାରା ନୁହେଁ, ଆନ୍ତରିକ ପ୍ରଯତ୍ନ ଦ୍ୱାରା ହିଁ ସତ୍ୟର ସନ୍ଧାନ ସମ୍ଭବ ବୋଲି ସେମାନେ ବିଶ୍ୱାସ କରନ୍ତି । ସେମାନଙ୍କ ବିବେଚନାରେ ବିଶ୍ୱାସ ବ୍ୟକ୍ତିଗତ ଅଧ୍ୟୟନ ଓ ଅନ୍ତଃପ୍ରଜ୍ଞାପ୍ରସୂତ ହେବା ଉଚିତ, ଜ୍ଞାନ ଉପରେ ଆଧାରିତ ହେବା ଉଚିତ; ପୂର୍ବରୁ କୁହାଯାଇଥିବା ବା ଜୋର୍ ଦେଇ ଥାପି ଦିଆଯାଇଥିବା ବିଷୟ ଉପରେ ନୁହେଁ ।

ସେମାନେ ପ୍ରତ୍ୟେକ ଧର୍ମରେ ଦିବ୍ୟଜ୍ଞାନର ପରିପ୍ରକାଶ ଲକ୍ଷ୍ୟ କରନ୍ତି । ସେଗୁଡ଼ିକର ନିନ୍ଦନୀୟ ଦିଗ ଓ ଧର୍ମାନ୍ତରୀକରଣ ନୀତି ଅପେକ୍ଷା ସେସବୁର ଅଧ୍ୟୟନ ବା ଅନୁଶୀଳନ ଉପରେ ଗୁରୁତ୍ୱ ଦିଅନ୍ତି ।

ସତ୍ୟ ଯେପରି ସେମାନଙ୍କର ଲକ୍ଷ୍ୟ, ଶାନ୍ତି ସେହିପରି ସେମାନଙ୍କର ଅଭୀପ୍ସା।

ବିଶ୍ୱରେ ବୁଦ୍ଧ, ଯୀଶୁ, ମହମ୍ମଦ, ସ୍ୱେଡେନ୍‌ବର୍ଗ, କେଲ୍‌ଭିନ୍ କି ଅନ୍ୟ କାହାରି ବା କୌଣସି ଧର୍ମସଂପ୍ରଦାୟର ଉପାସନା ମନ୍ଦିର ଆବଶ୍ୟକ ନାହିଁ । ସତ୍ୟ କେବଳ ଏକ ହୋଇଥିବାରୁ ମଣିଷ ଏକ ହିଁ ଉପାସନାପୀଠ ଆବଶ୍ୟକ କରେ । ତାହା ହେଉଛି ଆମ ଅନ୍ତରରେ ଈଶ୍ୱରଙ୍କର ମନ୍ଦିର । ତାହାର କାନ୍ଥ ଭୌତିକ ବସ୍ତୁ ନିର୍ମିତ ହେଲେହେଁ ମାର୍ଗ ଖୋଜି ପାଇଥିବା ଯେ କେହି ତା' ଭିତରେ ପ୍ରବେଶ କରିପାରେ । ନିର୍ମଳ ହୃଦୟରେ ଈଶ୍ୱରଙ୍କର ଦର୍ଶନ ମିଳେ । (ହେଲେନା ପେଟ୍ରୋଭ୍‌ନା ବ୍ଲାଭାଟ୍‌ସ୍କି)

ଧର୍ମର ମୌଳିକ ସତ୍ୟ କ'ଣ ? ଏ ପ୍ରଶ୍ନର ମୌଳିକ ଉତ୍ତର– ଆତ୍ମାର ଏକତ୍ୱ ବା ଅଭେଦତ୍ୱ । ସବୁରି ଭିତରେ ଏକ ହିଁ ଜୀବନ, ପ୍ରତ୍ୟେକ ଭିନ୍ନ ଆକୃତିରେ ବା ବିଭିନ୍ନ ରୂପରେ ଏକ ହିଁ ଜୀବନର ସ୍ଥିତି ବା ପରିପ୍ରକାଶ। ବାହ୍ୟତଃ ଆଭାସିତ ବିଭିନ୍ନତା ଭିତରେ ଅନ୍ତର୍ନିହିତ ଏକତ୍ୱ; ତାହା ହିଁ ଧର୍ମର ମୌଳିକ ସତ୍ୟ ଓ ବିଶ୍ୱଜନୀନ ଭ୍ରାତୃତ୍ୱର ଆଧାର । ସାଧାରଣତଃ ସେହି ସତ୍ୟରୁ ଜାତିକୁ ସୁଦୃଢ଼ କରୁଥିବା ସଦ୍‌ଗୁଣସମୂହର ଉତ୍ପତ୍ତି ଓ ଅଭିବୃଦ୍ଧି ହୋଇଥାଏ, ଯଦ୍ଦ୍ୱାରା ଜାତିର ମହତ୍ତ୍ୱ ସଂପାଦିତ ହୁଏ, ଜାତିର ମଣିଷମାନଙ୍କର ଉନ୍ନତି ଘଟେ । ଏକ ହିଁ ଜୀବନରେ ବିଶ୍ୱାସରୁ ଜାତୀୟ ଜୀବନର ପରିଚୟ, ଜାତୀୟ ଏକତାର ଆବଶ୍ୟକତା, ଜାତୀୟତାବୋଧ ଓ ଦେଶପ୍ରେମ ଜାଗରିତ ହୁଏ । (ଆନି ବେଶାନ୍ତ)

## ୪. ବ୍ରହ୍ମବିଦ୍ୟା :

ବ୍ରହ୍ମବିଦ୍ୟା ଖୁବ୍ ପ୍ରାଚୀନ; ଖୁବ୍ ନୂତନ ବି । ଖୁବ୍ ପ୍ରାଚୀନ, କାହିଁକି ନା ଏଥିରେ ଥିବା ନୀତି ବା ଆଦର୍ଶ ସମୂହ ଅତୀତରେ କ୍ରମାନ୍ୱିତ ଭାବେ ଅଭ୍ୟୁତ୍‌ଥିତ ଅନେକ ସଭ୍ୟତାରେ ବିଦିତ ଥିଲା ଓ ଅନେକ ଜ୍ଞାନଦୀପ୍ତ ବ୍ୟକ୍ତି ଏସବୁ ବିଷୟ ଶିକ୍ଷା ଦେଇଥିଲେ । ଖୁବ୍ ନୂତନ, କାହିଁକି ବା ଏହା ଆଧୁନିକତମ ଆବିଷ୍କୃତ ତଥ୍ୟ ସମୂହକୁ ମଧ୍ୟ ଗର୍ଭିତ କରିଛି, ଯାହାସବୁ ପୁରାତନ ଜ୍ଞାନକୁ ପରିପୁଷ୍ଟ କରେ ।

Theosophy (ବ୍ରହ୍ମବିଦ୍ୟା) ନାମଟିର ବ୍ୟୁତ୍ପତ୍ତି Theos ଓ Sophia ଦୁଇଟି ଗ୍ରୀକ୍ ଶବ୍ଦର ସମନ୍ୱୟରୁ ହୋଇଛି । Theos ର ଅର୍ଥ ଦିବ୍ୟ (Divine) ଓ Sophia ର ଅର୍ଥ ଜ୍ଞାନ (Wisdom) । ଏହି ନାମଟି ପ୍ରଥମେ ଆଲେକ୍‌ଜାଣ୍ଡ୍ରିଆରେ ଆମ୍ମୋନିଅସ୍ ସାକ୍କାସ୍ ଓ ତାଙ୍କ ଶିଷ୍ୟମାନଙ୍କଦ୍ୱାରା ବ୍ୟବହୃତ ହୋଇଥିଲା । ସେମାନେ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ Eclectic Theosophical System ବା ଉଦାର ବ୍ରହ୍ମବିଦ୍ୟା ପଦ୍ଧତିର ପ୍ରାରମ୍ଭ କରିଥିଲେ । ଏହାର ଅନୁଗାମୀ ତଥା ଅନ୍ୟ ସତ୍ୟାନୁରାଗୀ (Lovers of truth) ଙ୍କ ଅନ୍ତରରେ କେତେକ ମହନୀୟ ଆଦର୍ଶର ସତ୍ୟକୁ ଆରୋପିତ କରାଇବା ସେମାନଙ୍କର ଲକ୍ଷ୍ୟ ଥିଲା । ତେଣୁ 'ବ୍ରହ୍ମବିଦ୍ୟା ସମିତି' ମଧ୍ୟ 'ସତ୍ୟଠାରୁ ବଡ଼ ଧର୍ମ ନାହିଁ' ଉକ୍ତିକୁ ଆଦର୍ଶ ରୂପେ ଗ୍ରହଣ କରିଛି । Eclectic Theosophical System ର ପ୍ରତିଷ୍ଠାତାଙ୍କର ମୁଖ୍ୟ ଲକ୍ଷ୍ୟକୁ ଆଧୁନିକ ଉତ୍ତରାଧିକାରୀ Theosophical Society ଅନ୍ୟତମ ଲକ୍ଷ୍ୟ (object) ରୂପେ ଗ୍ରହଣ କରିଛି । ସବୁ ଧର୍ମ, ସଂପ୍ରଦାୟ ଓ ଜାତିକୁ ଚିରକାଳର ବିବିଧତା ଉପରେ ଆଧାରିତ ଏକ ସମନ୍ୱୟବୋଧର ଧାରାରେ ଏକତ୍ର କରିଛି ।*

Theosophy ବା ବ୍ରହ୍ମବିଦ୍ୟାର ବିଷୟ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ କୋଳାଗ୍ରତ କରିଛି । ଏହାର ଦର୍ଶନ ସମୁଦାୟ ମାନବଜାତିର ଉଦ୍‌ଭବ ଓ ଭାଗ୍ୟ ପରି ବିପୁଳ । ଏହା ବସ୍ତୁ, ଜୀବନ, ଚେତନା, ଚେତନୋତ୍ତର ତଥା ସେମାନଙ୍କ ଭିତରେ ଥିବା ପାରସ୍ପରିକ ସଂପର୍କର ଚର୍ଚ୍ଚା କରେ । **ତଥାପି ବ୍ରହ୍ମବିଦ୍ୟା ସମିତିର ସମ୍ବିଧାନ ବା କୌଣସି ବୈଧାନିକ ନଥି (Official document) ରେ Theosophy ଶବ୍ଦର ସଂଜ୍ଞା ପ୍ରଦତ୍ତ ହୋଇ ନାହିଁ । ବ୍ରହ୍ମବିଦ୍ୟା କୌଣସି ଗୁପ୍ତତଥ୍ୟର ଉନ୍ମୋଚନ କରେ ନାହିଁ କି କିଛି ନିୟମକୁ ଜୋରଜବରଦସ୍ତି ଥାପି ଦିଏ ନାହିଁ ।** କାହାକୁ ବ୍ରହ୍ମବିଦ୍ୟା ସମିତିର ଉପସ୍ଥାପିତ କଥାରେ ବିଶ୍ୱାସ କରିବାକୁ ବାଧ୍ୟ କରାଯାଏ ନାହିଁ; ବରଂ ତାହାକୁ ପରୀକ୍ଷାନିରୀକ୍ଷା, ବିଚାର-ଆଲୋଚନା କରି

---

**ଭାରତରେ ବ୍ରହ୍ମବିଦ୍ୟା ଶବ୍ଦର ପ୍ରଚଳନ ଅତି ପ୍ରାଚୀନ । ଉପନିଷଦ, ଗୀତା ଇତ୍ୟାଦିରେ ଏହାର ବିଶେଷ ଉଲ୍ଲେଖ ହୋଇଛି ।*

ମତାମତ ରଖିବାକୁ ସୁଯୋଗ ଦିଆଯାଏ । ଏଥିରୁ ଏହି ଉଦ୍ଦେଶ୍ୟ ସିଦ୍ଧ ହୋଇଥାଏ ଯେ ପ୍ରତ୍ୟେକେ ଏହା କ'ଣ, ଏହାର ସ୍ୱରୂପ ବା ସ୍ୱଭାବ କ'ଣ, ତାହା ନିଜେ ନିଜ ପାଇଁ ବୁଝିବେ । କାରଣ ଜାଣିବା, ବୁଝିବା, ତାତ୍ପର୍ଯ୍ୟ ନିର୍ଣ୍ଣୟ କରିବା ମଣିଷର ଅନ୍ୟତମ ମୌଳିକ ଆବଶ୍ୟକତା । ବିଶେଷତଃ ଜୀବନର ସବୁ ମୌଳିକ ଜିଜ୍ଞାସାର ଉତ୍ତର ତା' ପାଖରେ ଥିବା ଆବଶ୍ୟକ ।

ବ୍ରହ୍ମବିଦ୍ୟା ଚିରନୂତନ ଜ୍ଞାନର ମର୍ମବୋଧ ସହ ଜଡ଼ିତ ହୋଇଥିବାରୁ ଏସବୁ ଜିଜ୍ଞାସାର ସମାଧାନ କରାଇଥାଏ । ଏହା ଜ୍ଞାନାଶ୍ରୟୀ ଧର୍ମ, ଯାହା ମାନବଜାତିକୁ ପ୍ରକୃତିର ଅଦୃଶ୍ୟ ପ୍ରକ୍ରିୟା ଓ ନିୟମସମୂହକୁ ବୁଝିବାରେ ସାହାଯ୍ୟ କରିଥାଏ । ଏହା ବିଶ୍ୱଜଗତକୁ ଧରି ରଖିଥିବା ଆଧିଭୌତିକ ତତ୍ତ୍ୱସମୂହ (Metaphysical principles) ର ଅଧ୍ୟୟନ କରିଥାଏ ।

ସବୁ ମଣିଷ ନିଜ ଜୀବନକାଳ ଭିତରେ କେବେ ନା କେବେ ଏପରି ପ୍ରଶ୍ନମାନ କରିଥା'ନ୍ତି; ମୋର ଉତ୍ପତ୍ତି କେଉଁଠାରୁ ଓ କାହିଁକି ହେଲା ? ମୋର ଗତି କେଉଁଠାକୁ ? କେବେକେବେ ମଧ୍ୟ ଯଦି ସେ ଅନେକ କଷ୍ଟ ଭୋଗିଥାନ୍ତି, ପଚାରିଥା'ନ୍ତି– ସାରା ଜୀବନ କେବଳ ସଂଯୋଗବଶତଃ ଚାଲିଥାଏ କି ? ସଂସାର ନିୟମ ଅନୁସାରେ ଚାଲିଛି କି ? ଈଶ୍ୱର ସତରେ ଅଛନ୍ତି କି ?

ମହନୀୟ ଧର୍ମଗୁଡ଼ିକ ଏସବୁ ପ୍ରଶ୍ନର ଉତ୍ତର ଦେଇଥା'ନ୍ତି । ଏପରି କେତେକ ପ୍ରଶ୍ନର ଉତ୍ତର ଆଧୁନିକ ବୈଜ୍ଞାନିକ ତତ୍ତ୍ୱରେ ମଧ୍ୟ ନିହିତ ଅଛି । ମାତ୍ର ସବୁ ମଣିଷଙ୍କୁ ଏସବୁ ଉତ୍ତର ସନ୍ତୋଷ ଦିଏ ନାହିଁ । ଯଦି କିଛି ଉତ୍ତର ବୌଦ୍ଧିକ ସନ୍ତୋଷ ଦିଏ, ପ୍ରାୟତଃ ହୃଦୟ ତହିଁରେ ସନ୍ତୁଷ୍ଟ ହୁଏ ନାହିଁ । ମନ ବୁଝେ ନାହିଁ । ସେହିହେତୁ ପ୍ରତ୍ୟେକ ଭୂଖଣ୍ଡରେ ଧର୍ମ, ଦର୍ଶନ, ବିଜ୍ଞାନ ସମସ୍ୟା ସମୂହର ସମାଧାନ ଦେଇଥିବା ସତ୍ତ୍ୱେ କେହି କେହି ପୁରୁଷ ବା ନାରୀ ଅଧିକ ଯୁକ୍ତିଯୁକ୍ତ, ଅଧିକ ଉତ୍ସାହପ୍ରଦ ବା ପ୍ରେରଣାଦାୟକ ସମାଧାନ ଖୋଜିଥା'ନ୍ତି । ଏହି ଶ୍ରେଣୀର ମଣିଷଙ୍କ ପାଇଁ 'ବ୍ରହ୍ମବିଦ୍ୟା ସମିତି'ର ବିଶେଷ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ରହିଛି ।

## ବ୍ରହ୍ମବିଦ୍ୟା ସମିତିର ମୌଳିକ ତତ୍ତ୍ୱ :

୧. ଏ ବ୍ରହ୍ମାଣ୍ଡରେ ପ୍ରକୃତିର ଶକ୍ତି ଦୈବାତ୍ କାର୍ଯ୍ୟ କରି ନ ଥାଏ । ପ୍ରାରମ୍ଭିକ କାଳରୁ ଘଟି ଆସିଥିବା ସମସ୍ତ ଘଟଣା ଏହା ମଧ୍ୟରେ ନିହିତ କେତେକ ନିୟମ ଅନୁସାରେ ହିଁ ଘଟିଛି । ଏହି ନିୟମସମୂହ ଏକ ମହତ୍ତର ଚେତନା ବା ଦିବ୍ୟ ଚେତନାର ଅଭିବ୍ୟକ୍ତି । ସୂକ୍ଷ୍ମ ବସ୍ତୁକଣିକାଠାରୁ ବୃହତ୍ତମ ତାରକା ପର୍ଯ୍ୟନ୍ତ ଯାହାକିଛି ରହିଛି, ତାହା ମଧ୍ୟରେ ଚେତନା ଅନ୍ତର୍ନିହିତ ରହିଛି ।

୨. ସର୍ବତ୍ର ବିଦ୍ୟମାନ, ଶାଶ୍ୱତ, ଅନନ୍ତ, ସ୍ୱୟଂପ୍ରକାଶ (self existent), ଅବିକାରୀ (immutable) ପରମସତ୍ତା (ultimate reality) ଆମ ଅବବୋଧର ପରିସୀମାଠାରୁ ଊର୍ଦ୍ଧ୍ୱରେ ରହିଛି, ଯାହାକୁ ମୁନି-ଋଷିମାନେ 'ବ୍ରହ୍ମନ୍', 'ଈଶ୍ୱର' (God), 'ଅପରିବର୍ତ୍ତନୀୟ ପରମ ଶାଶ୍ୱତ ନିୟମ' (Absolute Immutable Law), 'ପରମ ଦିବ୍ୟ ତତ୍ତ୍ୱ' (Absolute or Ultimate Divine Principle) ରୂପେ ଅଭିହିତ କରିଛନ୍ତି ।

ସବୁକିଛି ଯାହା ନିର୍ଦ୍ଦେଶରେ (ଇଙ୍ଗିତରେ) ପରିଚାଳିତ, ସେହି ମୌଳିକ ସତ୍ତା (fundamental reality) କୁ କିପରି ଧ୍ୟାନ କରିବେ, ସମ୍ମାନ ପ୍ରଦର୍ଶନ ବା ଭକ୍ତି ନିବେଦନ କରିବେ, ତାହା ପ୍ରତ୍ୟେକ ମଣିଷ ନିଜ ସ୍ୱଭାବ ଓ ଅଭିଜ୍ଞତା ଅନୁଯାୟୀ ସ୍ଥିର କରିବା ଉଚିତ ।

୩. ଚେତନା ଓ ଶକ୍ତି, କିମ୍ବା ଆତ୍ମା ଓ ବସ୍ତୁ (spirit and matter) ଦୁଇଟି ପରସ୍ପର ସ୍ୱତନ୍ତ୍ର ବାସ୍ତବିକତା ନୁହେଁ; ପରମ ସତ୍ତାର ଦୁଇ ପରସ୍ପର ବିପରୀତ ସ୍ୱରୂପ (Polar aspect) ମାତ୍ର । ଅତଏବ ସମଗ୍ର ଅସ୍ତିତ୍ୱ ବା ସତ୍ତାର ଏକାତ୍ମକତା ହିଁ ପ୍ରକୃତ ବାସ୍ତବିକତା ।

୪. ପରମାତ୍ମା (Absolute), ଆତ୍ମା (Spirit), ଓ ବସ୍ତୁ (Matter) ଏହି ତ୍ରୟୀ (triad) ରୁ ଅଗଣିତ ବିଶ୍ୱ ସୃଷ୍ଟି ଓ ପ୍ରଳୟର ଅନନ୍ତ ଚକ୍ରରେ ପ୍ରକାଶିତ ଓ ତିରୋହିତ ହୋଇଥା'ନ୍ତି ।

୫. ପ୍ରତ୍ୟେକ ମାନବାତ୍ମା ବିଶ୍ୱାତ୍ମା (Universal over-soul) ସହିତ ସମରୂପାତ୍ମକ (identical) ଓ ସାରତଃ ଦିବ୍ୟ । ସେମାନଙ୍କ ମଧ୍ୟରେ ସକଳ ଗୁଣ

ଓ ଶକ୍ତି ବୀଜ ରୂପେ ନିହିତ ଥାଏ । ସେଗୁଡ଼ିକ କ୍ରମେକ୍ରମେ ଉନ୍ମୁକ୍ତ ଓ ବିକଶିତ ହୋଇ ଚେତନାର ଅସୀମ ବିସ୍ତାର ଓ ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇଥା'ନ୍ତି ।

୬. ଏହି ଗୁଣ ଓ ଶକ୍ତିସମୂହର କ୍ରମ ଉନ୍ମୋଚନ ପୁନର୍ଜନ୍ମ ପ୍ରକ୍ରିୟାଦ୍ୱାରା କାର୍ଯ୍ୟକାରୀ ହୋଇଥାଏ । ଜୀବାତ୍ମା ବିଭିନ୍ନ ଦେଶ ଓ ବିଭିନ୍ନ ପରିବେଶରେ ବାରମ୍ବାର ଜନ୍ମ ନେଇ ସମସ୍ତ ପ୍ରକାର ଅଭିଜ୍ଞତା ଅର୍ଜନ କରିଥାଏ । ଶରୀରାତୀତ ଜଗତରେ ବିରାମ କାଳରେ ସେହିସବୁ ଅନୁଭୂତିକୁ ଆତ୍ମୀକୃତ (assimilate) କରିଥାଏ ।

୭. ମାନବ-ଜୀବନର ଭୌତିକ ତଥା ଅନ୍ୟ ସମସ୍ତ ଦିଗ ନିଜ ନିଜ ସ୍ତରରେ କ୍ରିୟାଶୀଳ ପ୍ରାକୃତିକ ନିୟମସମୂହଦ୍ୱାରା ପରିଚାଳିତ । ସବୁଆଡ଼େ ଆବୋରି ରହିଥିବା ଏହି କାର୍ଯ୍ୟ-କାରଣର ନିୟମ (Law of cause and effect), ଯାହାକୁ 'କର୍ମ' ବୋଲି କୁହାଯାଏ, ମଣିଷକୁ ନିଜ ଭାଗ୍ୟର ଅଧିପତି, ନିଜ ସୁଖ ବା ଦୁଃଖର ପ୍ରସ୍ତୁତକର୍ତ୍ତା କରିଥାଏ ।

୮. ଉଦ୍ଭିଦ ଓ ପଶୁ ଜଗତରେ ଯେପରି ଜୈବ ନିୟମର ପ୍ରୟୋଗଦ୍ୱାରା ଉଦ୍‌ବର୍ତ୍ତନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ, ମନୁଷ୍ୟର ଉଦ୍‌ବର୍ତ୍ତନ ସେହିପରି ମାନସିକ ଓ ଆଧ୍ୟାତ୍ମିକ ନିୟମ ସମୂହକୁ ସେମାନଙ୍କର ଯଥାଯଥ ସ୍ତରରେ କ୍ରିୟାଶୀଳ କରିବା ଦ୍ୱାରା ତ୍ୱରାନ୍ୱିତ ହୋଇଥାଏ ।

୯. ପୃଥିବୀରେ ରହିଥିବା ମଣିଷମାନଙ୍କର ଉଦ୍‌ବର୍ତ୍ତନକୁ ଦିଗ୍‌ଦର୍ଶନ ଦେବା ଲାଗି ନିଜର ଅନ୍ତର୍ନିହିତ ଶକ୍ତି ଓ ମନୋବଳକୁ ପୂର୍ଣ୍ଣବିକଶିତ କରିପାରିଥିବା ପୂର୍ଣ୍ଣତାପ୍ରାପ୍ତ ମହାତ୍ମାମାନଙ୍କୁ ନେଇ ପ୍ରସ୍ତୁତ ଏକ ଆଧ୍ୟାତ୍ମିକ ସୋପାନକ୍ରମ (Occult Hierarchy) ରହିଛି । ସେମାନଙ୍କୁ ଗୁରୁ (master) ରୂପେ ସ୍ୱୀକାର କରାଯାଇଛି ।

୧୦. ବ୍ୟକ୍ତ ଜଗତର ଅଂଶ ମାତ୍ରକୁ ରୂପାୟିତ କରୁଥିବା ଅସଂଖ୍ୟ ସୌରମଣ୍ଡଳ ପରମସତ୍ତାର ପରିପ୍ରକାଶ । ପ୍ରତ୍ୟେକ ସୌରମଣ୍ଡଳର ଏକଏକ ସ୍ୱତନ୍ତ୍ର ଏକକ ହୋଇଥିଲେ ହେଁ ସେ ସକଳର ଆଧାର ଚିରଅବ୍ୟକ୍ତ ପରମସତ୍ତା (Ever-unmenifest reality)।

୧୧. ପ୍ରତ୍ୟେକ ସୌରମଣ୍ଡଳର ପୂର୍ଣ୍ଣତଃ ଶୃଙ୍ଖଳିତ ସଂଚାଳନବିଧି ରହିଛି । ତାହା କେବଳ ପ୍ରକୃତିର ଅଲଂଘ୍ୟ ନିୟମ ଦ୍ୱାର ପରିଚାଳିତ ନୁହେଁ; ବରଂ ଏକ ଶ୍ରେଷ୍ଠ ପ୍ରଜ୍ଞାଶକ୍ତିର ପରିପ୍ରକାଶ, ଯାହାକୁ ସେହି ସେହି ସୌରମଣ୍ଡଳର ଅଧିଦେବତା ବା ସୂର୍ଯ୍ୟନାରାୟଣ (Solar Logos) ବୋଲି କୁହାଯାଏ ।

୧୨. ଭୌତିକ ସୂର୍ଯ୍ୟ ଓ ତା' ସହ ସଂପୃକ୍ତ ଗ୍ରହଗୁଡ଼ିକ ସୌରମଣ୍ଡଳର ବାହ୍ୟତମ ଓ ସ୍ଥୂଳତମ ଅଂଶ । ଭୌତିକ ଜଗତକୁ ଘେରି ଅନ୍ତର୍ଭେଦୀ (interpenetrating) ଅନେକ ଅଦୃଶ୍ୟ ଜଗତ ରହିଛନ୍ତି, ଯେଉଁଗୁଡ଼ିକ କ୍ରମ ସୂକ୍ଷ୍ମତର ଉପାଦାନମାନଙ୍କରେ ନିର୍ମିତ ।

## ୫. ତିନି ଶାଶ୍ୱତ ସତ୍ୟ :

୧. ମଣିଷର ଜୀବାତ୍ମା ଅମର । ଏହାର ଭବିଷ୍ୟତ ବିକାଶ ଓ ବୈଭବର କୌଣସି ସୀମାନାହିଁ ।

୨. ଆମକୁ ଜୀବନ ଦେଉଥିବା ତତ୍ତ୍ୱ ଆମ ଭିତରେ ଓ ବାହାରେ ମଧ୍ୟ ରହିଛି । ତାହା ଅବିନାଶୀ ଓ ଚିରମଙ୍ଗଳମୟ । ତାହାକୁ ଶ୍ରବଣ, ଦର୍ଶନ କି ଆଘ୍ରାଣ କରି ହୁଏ ନାହିଁ । କିନ୍ତୁ ଅନୁଭବ କରିବାକୁ ଚାହୁଁଥିବା ମଣିଷ ତାକୁ ଅନୁଭବ କରିପାରେ ।

୩. ପ୍ରତ୍ୟେକ ମଣିଷର ନିଜ ପାଇଁ ନିୟମ ଗଢ଼ିବାକୁ ପୂର୍ଣ୍ଣ ଅଧିକାରୀତ୍ୱ ରହିଛି । ସେ ନିଜ ପାଇଁ ମହିମାର ଆଲୋକ ଅଥବା ହୀନତାର ଅନ୍ଧକାର ପ୍ରସ୍ତୁତ କରିପାରେ । ସେ ହିଁ ନିଜ ଜୀବନର, ନିଜ ପୁରସ୍କାରର, ନିଜ ଦଣ୍ଡର ନିର୍ଣ୍ଣାୟକ ।

## ଈଶ୍ୱରୀୟ ଯୋଜନା (The Divine Plan) :

ବ୍ରହ୍ମବିଦ୍ୟା ସ୍ୱୀକାର କରେ ଯେ ଏକ ଈଶ୍ୱରୀୟ ଯୋଜନା ରହିଛି;, ସେହି ଯୋଜନା ହେଉଛି ଉଦ୍‌ବର୍ତ୍ତନ (Evolution) ।

"ଯେତେବେଳେ ଜଣେ ମଣିଷ ତାହା ଦେଖିଛି ଓ ପ୍ରକୃତରେ ଜାଣିପାରିଛି, ସେଥିପାଇଁ କାର୍ଯ୍ୟ କରିବାରୁ, ସେଥି ସହିତ ଏକ ହୋଇଯିବାରୁ ସେ ନିବୃତ୍ତ ରହିପାରିବ ନାହିଁ । କାରଣ ତାହା ଅତ୍ୟନ୍ତ ମହିମାନ୍ୱିତ, ଅତି ସୁନ୍ଦର । କାରଣ ସେ

ଜାଣେ ଯେ, ସେ ଉତ୍ତମର ପକ୍ଷ ନେଉଛି ଓ ମନ୍ଦର ବିରୋଧ କରୁଛି; ସ୍ୱାର୍ଥ ପାଇଁ ନୁହେଁ, ଉଦ୍‌ବର୍ତ୍ତନ ପାଇଁ କାର୍ଯ୍ୟ କରୁଛି ।

ସମଗ୍ର ବିଶ୍ୱରେ ମାତ୍ର ଦୁଇ ପ୍ରକାର ମଣିଷ ଅଛନ୍ତି; ଯେଉଁମାନେ ଜାଣନ୍ତି (ଜ୍ଞାନୀ) ଓ ଯେଉଁମାନେ ଜାଣନ୍ତି ନାହିଁ (ଅଜ୍ଞାନୀ) । ଏହି ଜାଣିବା (ଉଦ୍‌ବର୍ତ୍ତନ ସଂପର୍କିତ ଈଶ୍ୱରୀୟ ଯୋଜନାର ଜ୍ଞାନ) ହିଁ ମାନେ ରଖେ । ଜଣେ ଲୋକ କେଉଁ ଧର୍ମ, କେଉଁ ଜାତିର ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ; ଏହି ଜ୍ଞାନ, ଅର୍ଥାତ୍ ମଣିଷ ପାଇଁ ପରମେଶ୍ୱରଙ୍କ ଯୋଜନା ସଂପର୍କିତ ଜ୍ଞାନ ହିଁ ଗୁରୁତ୍ୱପୂର୍ଣ୍ଣ ।"

ମଣିଷ ଶରୀର ନୁହେଁ; ବ୍ୟବହାର ପାଇଁ ଅନେକ ଶରୀର ଧାରଣ କରୁଥିବା ଏକ ଆତ୍ମା (ଜୀବାତ୍ମା) । ଆତ୍ମା ଈଶ୍ୱରୀୟ ଦିବ୍ୟଜ୍ୟୋତିର ଅବିଚ୍ଛିନ୍ନ ସ୍ଫୁଲିଙ୍ଗ, ଯାହା ଭୌତିକ ଶରୀରରେ ଆବଦ୍ଧ ହୋଇଥାଏ । ଏହା ମହାଜାଗତିକ ଚେତନା (Universal consciousness) ର ଏକ ବ୍ୟକ୍ତୀଭୂତ କେନ୍ଦ୍ର (Individualized centre) । ଆତ୍ମା ମାନବୀୟ ସ୍ତରରେ ପହଞ୍ଚିବା ପୂର୍ବରୁ ସୁଦୀର୍ଘ କାଳ ଧରି ଧୀରେ ଧୀରେ ବିବର୍ତ୍ତିତ ହୋଇଥାଏ । ବସ୍ତୁ ମଧ୍ୟରେ ଚେତନା ନିହିତ ରହିଥାଏ, ବସ୍ତୁ ସହିତ ଜଡ଼ିତ ରହି ବିବର୍ତ୍ତିତ ହୁଏ । ସେ ଉଭୟ (ବସ୍ତୁ ଓ ଚେତନା) ପରସ୍ପରର ଅଭିନ୍ନ ସହଚର, ଏକ ହିଁ ସତ୍ତାର ଦୁଇଟି ଦିଗ । ବସ୍ତୁ ମଧ୍ୟରେ କ୍ରିୟାଶୀଳ ଚେତନାର ଏକ କେନ୍ଦ୍ର ତା' ନିଜ ବିଷୟରେ ଏକ ଆକୃତି ବା ରୂପ ଗଠନ କରିଥାଏ । ବିବର୍ତ୍ତନର ପ୍ରାଥମିକ ଅବସ୍ଥାରେ ରୂପ ଅତି ସରଳ ହୋଇଥାଏ । କ୍ରମେ କ୍ରମେ ଉଚ୍ଚରୁ ଉଚ୍ଚ ଅବସ୍ଥାରେ ଅଧିକରୁ ଅଧିକ ଜଟିଳ ହେବାରେ ଲାଗିଥାଏ । ଏଠାରେ ଯେଉଁ ବସ୍ତୁର କଥା କୁହାଯାଇଛି, ତାହା ସବୁବେଳେ ଦୃଶ୍ୟମାନ ନୁହେଁ, ଭୌତିକ ଅର୍ଥରେ ବସ୍ତୁକୁ ବୁଝାଏ ନାହିଁ । ଭୌତିକ ବସ୍ତୁର ମଧ୍ୟ କେତେକ ବର୍ଗ ବା ଶ୍ରେଣୀ ରହିଛି, ଯାହା ଅଦୃଶ୍ୟ ଓ ଅରୂପ, ଯେପରିକି ବାୟୁ । ବିରଳ ଓ ଦୁର୍ଲ୍ଲଭ ବସ୍ତୁସମୂହର ଏହି ଶ୍ରେଣୀବିଭାଗ ଆମ ପହୁଞ୍ଚର ଅତୀତ ।

ଉଦ୍‌ବର୍ତ୍ତନ ପ୍ରକ୍ରିୟା ମୌଳିକ ଜଗତ (Elemental Kingdom) ରୁ ଧାତବ, ପୁଣି ଉଦ୍ଭିଦ, ତା'ପରେ ପଶୁ ଓ ତା'ପରେ ମନୁଷ୍ୟ ଜଗତର ଅତୁଳନୀୟ ପରିପ୍ରକାଶ ଆଡ଼କୁ ଗତି କରିଥାଏ ।

ପଶୁ ଅବସ୍ଥା ପର୍ଯ୍ୟନ୍ତ ଉଦ୍‌ବର୍ତ୍ତନ ବା ବିକାଶ ପ୍ରକୃତିର ଅନୁପ୍ରେରଣାରେ ସ୍ୱତଃ ଚାଲିଥାଏ; କିନ୍ତୁ ମନୁଷ୍ୟ ଅବସ୍ଥାରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ (self-consciousness) ରେ ରୂପାନ୍ତରିତ ହୁଏ । ମନୁଷ୍ୟ କ୍ଷେତ୍ରରେ ଉଦ୍‌ବର୍ତ୍ତନକୁ ସ୍ୱେଚ୍ଛାକୃତ ଭାବେ ତ୍ୱରାନ୍ୱିତ ବା ବିଳମ୍ବିତ କରିବାର ସ୍ୱାଧୀନତା ଥାଏ । ଏ ସୁଯୋଗ ମାନବବେତର ଜଗତରେ ନ ଥାଏ । ବିବର୍ତ୍ତନର ଉଚ୍ଚତର ଧାରାରେ ଗତି କରି ମନୁଷ୍ୟ ଭିତରେ ଏପରି ଅବସ୍ଥା ଆସେ, ଯେଉଁଠାରୁ ତା'ର ଆତ୍ମଚେତନା ସର୍ବଭୂତାତ୍ମକ ଚେତନା (all conscious) ରେ ପରିଣତ ହୋଇଯାଏ । ପରିଣାମତଃ ସେ ସକଳ ରୂପ ମଧ୍ୟରେ ଜୀବନର ଏକତ୍ୱ (Unity of life) କୁ ଉପଲବ୍ଧି କରେ ।

❖❖❖

# ଦ୍ୱିତୀୟ ଭାଗ

## ୧. ବିଶ୍ୱବ୍ରହ୍ମାଣ୍ଡର ପରିପ୍ରକାଶ

ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସ୍ୱରୂପ ଏକ ଓ ତନ୍ମଧ୍ୟରେ ଏକ ହିଁ ଜୀବନ ସଞ୍ଚାରିତ, ଏକ ହିଁ ଶାଶ୍ୱତ ତତ୍ତ୍ୱ (Eternal essence), ଯାହା ଏହାର ପ୍ରତ୍ୟେକ ଅଂଶରେ ପୂରି ରହିଛି । ସେହି ଏକ ପରମତତ୍ତ୍ୱ କେବଳ ସମଗ୍ର କ୍ଷେତ୍ରରେ ପୂରି ରହି ନାହିଁ, ତାହା ହିଁ କ୍ଷେତ୍ର ମଧ୍ୟ । ଆତ୍ମା ଓ ବସ୍ତୁ, ଜୀବନ ଓ ରୂପ (form), ସବୁ ସେହି ଏକ ହିଁ ପରିପୂର୍ଣ୍ଣ ପରମସତ୍ତାର ପରିପ୍ରକାଶ । ଯେପରିକି ଉପନିଷଦରେ କୁହାଯାଇଛି, "ଖର୍ବଂ ଖଲ୍ୱିଦଂ ବ୍ରହ୍ମ" । ସବୁକିଛି ଏକ ପରମସତ୍ତା । ପ୍ରତ୍ୟେକ ପଦାର୍ଥ, ପ୍ରତ୍ୟେକ ଆକୃତି ତାଙ୍କରିଠାରୁ ଉଦ୍ଭୂତ, ସେ ହିଁ ସକଳର ଆଧାର, ମୂଳ ଉତ୍ସ ।

ସୃଷ୍ଟିର ପ୍ରକାଶ କାଳରେ ଆଦିକାରଣ (First cause) ଏକ ଅଦ୍ୱିତୀୟ ପରମସତ୍ତା ଦୁଇ ଭାଗରେ ବିଭକ୍ତ ହୁଅନ୍ତି । ତାହାର ପରିଣାମ ଦ୍ୱୈତତା, ଯାହା ଆତ୍ମା ଓ ବସ୍ତୁ, ଭଲ ଓ ମନ୍ଦ, ଆଲୋକ ଓ ଅନ୍ଧକାର, ପୁରୁଷ ଓ ନାରୀ ଆଦି ବିପରୀତଧର୍ମୀ ଯୁଗ୍ମ ସୃଷ୍ଟିର କାରଣ ହୁଏ । ଏହି ଯୁଗ୍ମତାଗୁଡ଼ିକ ସର୍ଜନରତ ସେହି ଏକ ହିଁ ପରମସତ୍ତାର ଭିନ୍ନଭିନ୍ନ ଦିଗ ମାତ୍ର । ଏକ ଅନେକ ହୁଏ । ପ୍ରଥମ ପର୍ଯ୍ୟାୟରେ ଦିବ୍ୟ ବୋଧ୍ (Divine Intelligence)ର ମହାନ୍ ପରିପୋଷକ ପ୍ରଜାପତିମାନଙ୍କୁ, ଦେବଗଣଙ୍କୁ, ଉଚ୍ଚତର ଅନୁକ୍ରମଗୁଡ଼ିକୁ, ଦୈବୀସତ୍ତାମାନଙ୍କୁ ଜାତ କଲେ । ଏହି ବୌଦ୍ଧିକ ସତ୍ତା ସମୂହ ସ୍ୱାଭାବିକ ଭାବରେ ଓ ନିଃସଂଶୟରେ ସେହି ଏକ ପରମସତ୍ତାଙ୍କର ଇଚ୍ଛାର ପରିପାଳନ କରନ୍ତି । ସେମାନଙ୍କ କାର୍ଯ୍ୟକଳାପ ମାଧ୍ୟମରେ ବିଶ୍ୱର ଓ ପ୍ରାକୃତିକ-ଜଗତର ସର୍ଜନ ତାଙ୍କରି ଭିତରୁ ହିଁ ସମ୍ଭବ ହୋଇଥାଏ ।

ଆଧ୍ୟାତ୍ମିକ ଦୃଷ୍ଟିରୁ ବିବେଚନା କଲେ ସମସ୍ତ ମନୁଷ୍ୟ ସମାନ ଜାଗତିକ ଜୀବନର ଅଂଶୀଦାର, ସମାନ ଉତ୍ସରୁ ଜାତ, ପରମସତ୍ୟ ଅଭିମୁଖେ ସମାନ

ଭାବେ ଯାତ୍ରା କରିଥା'ନ୍ତି। ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭ୍ରାତୃତ୍ୱବୋଧର ଅନୁଭବ ଏକ ମହାନ୍ ପ୍ରାକୃତିକ ବାସ୍ତବିକତା। ଏହା ମନୁଷ୍ୟ ମଧ୍ୟରେ ନିହିତ ଦିବ୍ୟତା ଉପରେ ଆଧାରିତ। ଯେତେ଼ ଅଜ୍ଞ, ଦୁଷ୍ଟ, ବର୍ବର ମଣିଷ ହେଲେ ବି କେହି ଏ ଭ୍ରାତୃତ୍ୱର ବାହାରେ ନୁହେଁ। ବସ୍ତୁତଃ, କେବଳ ମଣିଷ ନୁହେଁ; ବରଂ ସକଳ ଜୀବନ୍ତ ସତ୍ତା ଏ ଭ୍ରାତୃତ୍ୱର ଅନ୍ତର୍ଗତ।

ଜାଗତିକ କାର୍ଯ୍ୟଧାରା ଆରମ୍ଭ କରିବା ପୂର୍ବରୁ ଈଶ୍ୱର (Logos) 'ଦିବ୍ୟ ମାନସ ସ୍ତରରେ' (Plane of the Divine Mind) ପ୍ରାରମ୍ଭରୁ ବିଲୟ (ଅନ୍ତ) ପର୍ଯ୍ୟନ୍ତ ଯାହାସବୁ ଜଗତରେ ସଂଘଟିତ ହେବାର କଥା, ସେ ସବୁକିଛିର ସର୍ଜନ କରିଥା'ନ୍ତି । ସବୁ ପ୍ରକାରର ଶକ୍ତି, ଆକୃତି, ଭାବ, ଭାବନା (ଚିନ୍ତା), ଅନ୍ତଃପ୍ରଜ୍ଞା ଆଦିସ୍ୱରୂପ (archetype) ସୃଷ୍ଟି କରିବା ସହିତ ତାଙ୍କ ସୃଷ୍ଟ ଜଗତରେ ବିବର୍ତ୍ତନର ପ୍ରକ୍ରିୟା କିପରି କାର୍ଯ୍ୟକାରୀ ହେବ, ସଭ୍ୟତା ବିକାଶର କେଉଁ ପର୍ଯ୍ୟାୟରେ ସେସବୁ କିପରି କ୍ରିୟାଶୀଳ ରହିବ, ତାହା ସ୍ଥିରୀକୃତ କରିଥା'ନ୍ତି ।

ତା'ପରେ ନିଜ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ମହାଶୂନ୍ୟର ସେହି ଅଂଶରେ ନିଜର ତୃତୀୟ ସ୍ୱରୂପ (Third Aspect) ଶକ୍ତି-ଉପାଦାନ (Force-matter) ମାଧ୍ୟମରେ ସେ ସୃଷ୍ଟି ରଚନା ଆରମ୍ଭ କରନ୍ତି । ମହାଶୂନ୍ୟର ଯେଉଁ ବିପୁଳାୟତନ ଅଂଶରେ ସୂର୍ଯ୍ୟ ଓ ଏହାର ଗ୍ରହମଣ୍ଡଳ (ସୌରଜଗତ)ର ଉଦ୍ଭବ ହେବାକୁ ଥିଲା, ପ୍ରଥମେ ବର୍ତ୍ତମାନ ସମୟରେ ଉପଲବ୍ଧ ହେଉଥିବା କୌଣସି ଉପାଦାନ (ଦୃଶ୍ୟ କି ଅଦୃଶ୍ୟ) ସେଠାରେ ନ ଥିଲା। ଥିଲା କେବଳ 'ମୂଳ ପ୍ରକୃତି' (Root Matter), ଯାହକୁ ବିଜ୍ଞାନ ଏକଦା ମହାକାଶର ଇଥର ରୂପେ ସ୍ୱୀକାର କରିଥିଲା, ଯାହାକୁ ଆମେ କଳ୍ପନା କରିବା ଓ ବୁଝିବା ସମ୍ଭବ ନୁହେଁ। ଆମର ଧାରଣା ରହିଛି ଯେ ଇଥରରେ ଥିବା ଛିଦ୍ର ବା ଗର୍ତ୍ତରୁ ହିଁ ପଦାର୍ଥ ବା ବସ୍ତୁ (matter) ଗଠିତ। ବ୍ରହ୍ମବିଦ୍ୟାର ପାଠ୍ୟରେ ବସ୍ତୁର ଏହି ପ୍ରାରମ୍ଭିକ ଓ ଆଦ୍ୟ ଅସ୍ତିତ୍ୱହୀନତାକୁ Koilon ବା ଶୂନ୍ୟତା ବୋଲି କୁହାଯାଇଛି। ଏହି କଏଲନ୍ ବା ମହାଶୂନ୍ୟର ଆଦ୍ୟ ଇଥରୀୟ ସ୍ତର ମଧ୍ୟକୁ ପରମେଶ୍ୱର (Cosmic Logos) ତାଙ୍କ ଶକ୍ତି ଢାଳି ଦେଲେ (ଯାହାକୁ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ 'The Secret

Doctrine' ରେ ଫୋହାତ୍ (Fohat) ବୋଲି ଅଭିହିତ କରାଯାଇଛି) ଓ ବଦ୍‌ବୁଦ ବା ଛିଦ୍ରମାନ ସୃଷ୍ଟି ହେଲା, ଯାହା ଆମ ସୌରଜଗତର ପରମାଣୁ (ultimate atoms) ବା ସୂକ୍ଷ୍ମତମ ଏକକ । ପ୍ରତ୍ୟେକଟି ବୁଦ୍‌ବୁଦ ବା ଆଲୋକ-ବିନ୍ଦୁ ସେଇଠି ଥାଏ, ଯେଉଁଠି କଏଲନ୍ ନ ଥାଏ । ସୁତରାଂ, ପ୍ରତିଟି ବଦ୍‌ବୁଦ ପ୍ରକୃତିରେ ପରମେଶ୍ୱରଙ୍କ ତୃତୀୟ ସ୍ୱରୂପର ଚେତନାର ବିନ୍ଦୁଟିଏ ମାତ୍ର, ଯାହା ସେ ଇଚ୍ଛା କରୁଥିବା ପର୍ଯ୍ୟନ୍ତ ହିଁ ରହିଥାଏ ।

ପରବର୍ତ୍ତୀ କ୍ରିୟାରେ ସୂର୍ଯ୍ୟ ନାରାୟଣ (Solar Logos) ତାଙ୍କର ତୃତୀୟ ସ୍ୱରୂପ (Third Aspect) ବୁଦ୍‌ବୁଦସମୂହକୁ ବାହି ନେଇ ସର୍ପିଳ ଆକୃତିରେ ସଜାଇଲା ପରି ରଖିଦେଲେ । ପ୍ରତ୍ୟେକ ସର୍ପିଳ ଗୋଲାକୃତିରେ ସାତଟି ଲେଖାଏଁ ବୁଦ୍‌ବୁଦ ରହିଲେ । ଏହିପରି ସାତଟି ସର୍ପିଳ ଗୋଲାକୃତି ଦ୍ୱିତୀୟ ଶୃଙ୍ଖଳାର ଗୋଟିଏ ସର୍ପିଳ ଗୋଲାକୃତି ଗଠନ କଲା । ପରବର୍ତ୍ତୀ ଶୃଙ୍ଖଳାଗୁଡ଼ିକ ସେହି କ୍ରମରେ ବୃଦ୍ଧି ପାଇ ଚାଲିଲା । ପ୍ରଥମ ବା ଆଦି ଲୋକର ପରମାଣୁ ଗୋଟିଏ ମାତ୍ର ବୁଦ୍‌ବୁଦ । ତା'ର ପରବର୍ତ୍ତୀ ଅନୁପାଦକ ଲୋକର ପରମାଣୁ ୪୯ଟି ବୁଦ୍‌ବୁଦରେ ଗଠିତ । ତତ୍‌ପରବର୍ତ୍ତୀ ଆତ୍ମିକ ଲୋକର ପରମାଣୁ ୪୯ x ୪୯, ଅର୍ଥାତ୍ ୨୪୦୧ ଗୋଟି ବୁଦ୍‌ବୁଦରେ, ତା' ପର ବୁଦ୍ଧି ଲୋକର ପରମାଣୁ ୨୪୦୧ x ୪୯, ପରବର୍ତ୍ତୀ ମାନସ ଲୋକର ପରମାଣୁ ୨୪୦୧ x ୨୪୦୧ ବୁଦ୍‌ବୁଦରେ, ତହିଁ ପର ଭାବ ଲୋକର ପରମାଣୁ ୨୪୦୧ x ୨୪୦୧ x ୪୯ ବୁଦ୍‌ବୁଦରେ ଓ ପରିଶେଷରେ ଭୌତିକ ଜଗତର ପରମାଣୁ ୨୪୦୧ x ୨୪୦୧ x ୨୪୦୧ ବୁଦ୍‌ବୁଦରେ ଗଠିତ । ଯେତେବେଳେ ସାତଟି ଯାକ ଜଗତ ମଧ୍ୟରୁ ପ୍ରତ୍ୟେକର ପରମାଣୁସମୂହ ସୃଷ୍ଟି ହୋଇଗଲେ, ସେତେବେଳେ ଈଶ୍ୱରଙ୍କର ତୃତୀୟ ସ୍ୱରୂପ (Third Logos) ପ୍ରତ୍ୟେକ ଜଗତର ଉପଜଗତ ବା ଉପସ୍ତର ସୃଷ୍ଟି କଲେ । ପ୍ରତ୍ୟେକ ଲୋକର ପରମାଣୁସମୂହ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇ ସାତଟି ଲେଖାଏଁ ଉପସ୍ତର ଗଠିତ ହେଲା । ପ୍ରଥମ ବା ଉଚ୍ଚତମ ଉପସ୍ତର ଗୋଟିଏ ଏକକ ପରମାଣୁରରେ ନିର୍ମିତ; ସପ୍ତମ ବା ନିମ୍ନତମ ଉପସ୍ତର ସାତଟି ପରମାଣୁର ସମନ୍ୱୟରେ ଅଣୁଦ୍ୱାରା ଗଠିତ । ବସ୍ତୁର ଭିନ୍ନଭିନ୍ନ ଉପସ୍ତର

ହେଲା କଠିନ, ତରଳ, ବାଷ୍ପୀୟ, ଇଥରୀୟ, ଅତି ଇଥରୀୟ (Super etheric), ଉପ-ପାରମାଣବିକ (Sub-atomic) ଓ ପାରମାଣବିକ (Atomic) । ପରମାଣୁଗୁଡ଼ିକ ସକାରାତ୍ମକ (Positive) ଓ ନକାରାତ୍ମକ (Nagative) ଦୁଇ ପ୍ରକାରର ହୋଇଥା'ନ୍ତି।

ତା'ପରେ ଈଶ୍ୱରଙ୍କ ଦ୍ୱିତୀୟ ସ୍ୱରୂପ (Second Logos) ପ୍ରତୀକ୍ଷୀଭୂତ ହୁଏ। ନିଜ ଶକ୍ତିଦ୍ୱାରା ସେ ସପ୍ତଲୋକର ପଦାର୍ଥରେ ଜୀବନ ସଞ୍ଚାର କରନ୍ତି। ତାହାକୁ ବିବିଧ ରୂପ ରଚନାର ରହସ୍ୟମୟ ଗୁଣରେ ସମ୍ପନ୍ନ କରନ୍ତି, ଯାହାକୁ ଆମେ ଜୀବନ ବୋଲି କହୁଁ।

## ୭. ଜୀବନର ବିବର୍ତ୍ତନ ଓ ବିବିଧ ରୂପ

ଧାତବ, ଉଦ୍ଭିଦ, ପଶୁ ଆଦି ପୂର୍ବବର୍ତ୍ତୀ ଅବସ୍ଥାଗୁଡ଼ିକରେ ଏକ ହିଁ ଜୀବନ ବାରମ୍ବାର ବ୍ୟବହାର କରୁଥିବା ଆକୃତିସମୂହର ବ୍ୟବସ୍ଥା କରୁଥିବା ଅଦୃଶ୍ୟ ସହାୟକମାନଙ୍କ ତତ୍ତ୍ୱାବଧାନରେ ହିଁ ବିକାଶ ହୋଇଥାଏ। ବିକାଶର ପ୍ରକ୍ରିୟା ଅଗ୍ରଗତିମୂଳକ ହେଲେ ହେଁ ବୃତ୍ତଧର୍ମୀ। ଆମେ ଯେପରି ଜାଣୁ ସ୍ଥୂଳ ଭୌତିକଜଗତର ଉତ୍ପତ୍ତି ପର୍ଯ୍ୟନ୍ତ ଆକୃତିଗୁଡ଼ିକ କ୍ରମେ ଘନରୁ ଘନତର ହେବାରେ ଲାଗିଥାଏ। ଏହିପରି ଭାବରେ ବାରମ୍ବାର ସଂଘଟିତ ପରୀକ୍ଷା ଓ ଅଦୃଶ୍ୟ ସହାୟକମାନଙ୍କର ସହାୟତାରେ ଦୃଢ଼ ଅନୁକ୍ରିୟାଶୀଳ (responsive) ଶରୀରସମୂହର ବିକାଶ ଘଟିଥାଏ।

ପ୍ରାକୃତିକ ଆକୃତିସମୂହର ସୌନ୍ଦର୍ଯ୍ୟ ସୃଷ୍ଟିର ଅନ୍ତର୍ନିହିତ ସତ୍ୟର ପରିପ୍ରକାଶ। ସତ୍ୟର ସ୍ୱରୂପକୁ ଅନ୍ତର୍ଦୃଷ୍ଟି ବଳରେ ଦେଖି ପାରୁଥିବା ଅନେକ ମହାନ୍ ବ୍ୟକ୍ତି ଅନୁଭବ କରିଛନ୍ତି ଯେ ସୌନ୍ଦର୍ଯ୍ୟ ହେଉଛି ଦିବ୍ୟତାକୁ ଉପଲବ୍ଧି କରିବାର ଏକ ମାର୍ଗ। ବ୍ରହ୍ମବିଦ୍ୟା ଦିବ୍ୟ ମାନସ ଓ ଆଧ୍ୟାତ୍ମିକ ଜୀବନର ସଂସ୍ପର୍ଶ ଲାଭ ପାଇଁ ପ୍ରକୃତି, ତାହାର ଗଠନ ଓ ଶୃଙ୍ଖଳାର ଅଧ୍ୟୟନ ସମ୍ପର୍କରେ ଶିକ୍ଷା ଦିଏ।

ପଶୁ-ମନର ବିକାଶ ଓ ମାନସ-ଉପାଦାନର ଜାଗରଣ (ମାନସିକ ଶକ୍ତିର ଅଭିବୃଦ୍ଧି) ସଙ୍ଗେସଙ୍ଗେ ଈଶ୍ୱରୀୟ ସତ୍ତା ଭୌତିକ ଆକୃତି ମଧ୍ୟରେ ନିଜକୁ ଅଧିକତର

ପୂର୍ଣ୍ଣ ଭାବରେ ପ୍ରକାଶ କରିବା ସମ୍ଭବ ହେଲା। ବିବର୍ତ୍ତନ ପ୍ରକ୍ରିୟାର କୌଣସି ଏକ ମୁହୂର୍ତ୍ତରେ ଈଶ୍ୱରଙ୍କର ପ୍ରଥମ ସ୍ୱରୂପ, ଦିବ୍ୟ ସର୍ଜନଶୀଳ ବୁଦ୍ଧିଶକ୍ତି (Divine Creative Intelligence) ର ଏକ ରଶ୍ମିରେଖା ଉଦ୍‌ଭାସିତ ହେଲା ତହିଁରୁ ଆତ୍ମସଚେତନତା ଓ ଆତ୍ମ-ଦିଗ୍‌ଦର୍ଶନକ୍ଷମତା ସମ୍ପନ୍ନ ମାନବୀୟ ବ୍ୟକ୍ତିସତ୍ତାର ଉଦ୍ଭବ ହେଲା।

ସୃଷ୍ଟିପ୍ରକ୍ରିୟାରେ ଏକ ମହାନ୍ ଯୋଜନା କାର୍ଯ୍ୟକାରୀ ହୋଇଥାଏ। ସେହି ଯୋଜନା ହେଉଛି ଉଦ୍‌ବର୍ତ୍ତନ (evolution)। ବସ୍ତୁ (matter) ଦିବ୍ୟ ବୁଦ୍ଧିଶକ୍ତି ଦ୍ୱାରା ସଂଯୋଜିତ ହୋଇ କ୍ରମବର୍ଦ୍ଧନଶୀଳ ଅଧିକରୁ ଅଧିକ ପୂର୍ଣ୍ଣାଙ୍ଗ ରୂପରେ ପରିଣତ ହୋଇଥାଏ। ବିବର୍ତ୍ତନ-ଧାରାରେ କୌଣସି ପ୍ରଭାବ ପ୍ରତି ଅଧିକ ପ୍ରତିକ୍ରିୟା-ସାମର୍ଥ୍ୟ, ସମ୍ବେଦନଶୀଳତା ଓ ନିଜ ଅସ୍ତିତ୍ୱର ସ୍ୱାତନ୍ତ୍ର୍ୟ ଦେଖାଉଥିବା ଜୀବ ସମୂହ ଦେଖା ଯାଇଛନ୍ତି। ଏହି ରୂପସମୂହର ବିବର୍ତ୍ତନ କ୍ରମରେ ଜୀବନ ଓ ଚେତନା ଅଧିକରୁ ଅଧିକ ପୂର୍ଣ୍ଣ ଓ ମୁକ୍ତ ଭାବରେ ପ୍ରକାଶ ପାଇଥିବାର ପରିଲକ୍ଷିତ ହୋଇଛି। ସୁଫି ସନ୍ଥଙ୍କର ଖବ୍ ଜଣାଶୁଣା ରଚନାରେ ଏହି କଥା ସୁନ୍ଦର ଭାବେ ଅଭିବ୍ୟକ୍ତ ହୋଇଛି, "ଈଶ୍ୱର ଧାତବଜଗତରେ ସୁପ୍ତ ଅବସ୍ଥାରେ ଥା'ନ୍ତି, ଉଦ୍ଭିଦଜଗତରେ ସ୍ୱପ୍ନାବସ୍ଥାରେ ଥା'ନ୍ତ, ପଶୁଜଗତରେ ଜାଗ୍ରତ ଓ ସଚେତନ ହୋଇଉଠନ୍ତି; ମନୁଷ୍ୟ ଅବସ୍ଥାରେ ଆତ୍ମ-ସଚେତନ ଅବସ୍ଥା ପ୍ରାପ୍ତ ହୋଇଥା'ନ୍ତି। ସିଦ୍ଧିପ୍ରାପ୍ତ ମନୁଷ୍ୟ ମଧ୍ୟରେ ସେ ଦିବ୍ୟ ବା ଐଶୀ ଚେତନାର ସ୍ତରକୁ ଉତ୍ତରିତ ହେବେ।" ଏହି ବିଷୟକ ଅନ୍ୟ ଏକ ଉକ୍ତି ହେଉଛି, "ପ୍ରକୃତିର ମାନବେତର ଜଗତରେ ପରିଲକ୍ଷିତ ଅଚେତନ ପୂର୍ଣ୍ଣତା (Unconscious Perfection) ରୁ ମାନବୋତ୍ତର ଜୀବନର ସଚେତନ ପୂର୍ଣ୍ଣତା (Conscious Perfection) ମାଧ୍ୟମରେ ଉତ୍ତରଣ ବା ବିକାଶ ହିଁ ଉଦ୍‌ବର୍ତ୍ତନ।"

ବିଶ୍ୱଜଗତର ସୃଷ୍ଟି ବା ପରିପ୍ରକାଶ ପୂର୍ଣ୍ଣତାର ଉନ୍ମୀଳନ ପାଇଁ ହିଁ ହୋଇଛି। ଏହା ମନୁଷ୍ୟ ଆକୃତିରେ ନିର୍ମିତ ଦେବତାମାନଙ୍କର ଇଚ୍ଛାନୁସାରେ ନୁହେଁ, କେତେକ ଅଲଂଘ୍ୟ ନିୟମ ଅନୁସାରେ ହିଁ ହୋଇଥାଏ। କୌଣସି ନିର୍ଦ୍ଦିଷ୍ଟ ଦେବତାଙ୍କର ହସ୍ତକ୍ଷେପ ବା ପ୍ରତିଶୋଧପରାୟଣତା କୌଣସି ପ୍ରାକୃତିକ ଘଟଣାର ହେତୁ ବୋଲି

ଆମେ (ବ୍ରହ୍ମବିଦ୍ୟାର ଛାତ୍ରମାନେ) ଭାବୁ ନାହିଁ। ଲୋକମାନେ ଜାଣିବା ଦରକାର ଯେ ଭୌତିକ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ନିୟମର ହିଁ ରାଜୁତି ଚାଲେ। ସୃଷ୍ଟି-ପ୍ରକାଶର ସମସ୍ତ କ୍ରିୟା-ପ୍ରକ୍ରିୟା, ରୂପର କ୍ରମବିକାଶ ଓ ଏକ ମହନୀୟ ପରିପୂର୍ଣ୍ଣତାର ସ୍ତରକୁ ଚେତନାର ଉନ୍ମୀଳନ, ସବୁକିଛି ନିୟମ ଅନୁସାରେ ହିଁ ସଂଘଟିତ ହୋଇଥାଏ। ସେହି ନିୟମସମୂହ ଅଲଂଘ୍ୟ ଓ ଶାଶ୍ୱତ।

ପ୍ରକୃତିର ନିୟମକୁ ମାନି ଚଳିବା ଓ ତଦନୁଯାୟୀ କାର୍ଯ୍ୟ କରିବାକୁ ଶିଖିବା ମଣିଷ ପାଇଁ ଅତ୍ୟନ୍ତ ଆବଶ୍ୟକ। ଭୌତିକ ଓ ଶାରୀରିକ କ୍ଷେତ୍ରରେ ପ୍ରାକୃତିକ କ୍ରିୟା ଓ ନିୟମ ସମ୍ବନ୍ଧୀୟ ଜ୍ଞାନ ପ୍ରଗତି ଓ ଶକ୍ତିର ଆଧାର ବୋଲି ସେ ଜାଣେ। କିନ୍ତୁ ମାନସିକ ସ୍ତରରେ ମଧ୍ୟ ତାହା ପ୍ରଯୁଜ୍ୟ ବୋଲି ସେ ସଚେତନ ହୋଇ ନାହିଁ।

ମାନବଜାତିର ବ୍ୟବସ୍ଥିତି ପୂର୍ବବର୍ତ୍ତୀ (ମାନବେତର) ସ୍ତରସମୂହର ଶୃଙ୍ଖଳାଠାରୁ ଭିନ୍ନ। ମନୁଷ୍ୟର ଅନ୍ତର୍ଦୃଷ୍ଟି ଥାଏ, ନୂତନ ଧରଣର ପଦକ୍ଷେପ ଗ୍ରହଣ କରିବାର ସାମର୍ଥ୍ୟ ଥାଏ। ପ୍ରକୃତି ମନୁଷ୍ୟକୁ କିଛି ସ୍ୱାଧୀନତା ଦେଇଥାଏ, ସେ ଯାହାର ସଦୁପଯୋଗ କରିବା ଆବଶ୍ୟକ। ବିବର୍ତ୍ତନ-ପ୍ରକ୍ରିୟାର ସୁଦୀର୍ଘ ସମୟ ମଧ୍ୟରେ ମନୁଷ୍ୟ ବାରମ୍ବାର ଭୌତିକ ଶରୀରରେ ଜନ୍ମ ଦେଇଥାଏ। ତା'ର କାର୍ଯ୍ୟ ହେଉଛି ଜାଗ୍ରତ ଚେତନାକୁ କ୍ରମଶଃ ଅଧିକରୁ ଅଧିକ ଆଧ୍ୟାତ୍ମିକ ସଚେତନାରେ ଭରି ଦେବା ଓ ଭୌତିକ ଶରୀରକୁ ଉପଯୋଗ କରୁଥିବା ବେଳେ ନିଜକୁ ଆତ୍ମା ରୂପେ ଅଧିକରୁ ଅଧିକ ପ୍ରକାଶ କରିବା। ଯଦିଓ ମାନବଜାତି ଦିବ୍ୟଜୀବନର ଏକ ପୂର୍ଣ୍ଣତର ପ୍ରକାଶ (ମାନବେତର ସୃଷ୍ଟି ଅପେକ୍ଷା), ଏହାର ସମ୍ଭାବନା ଧୀରେ ଧୀରେ ବୃଦ୍ଧି ପାଇଥାଏ। ପ୍ରତ୍ୟେକ ବ୍ୟକ୍ତି ବାରମ୍ବାର ଜନ୍ମ ନେଇଥାଏ, ପୁରୁଣା ଓ ଅସମାହିତ ଅବସ୍ଥାଗୁଡ଼ିକର ସମ୍ମୁଖୀନ ହୋଇଥାଏ। ତେଣୁ ପୁରୁଣା ବନ୍ଧୁ ଓ ବିରୋଧୀମାନଙ୍କୁ ଭେଟିଥାଏ। ଦୁଃଖ-ଯନ୍ତ୍ରଣା ସହିଥାଏ ଓ ଶିକ୍ଷା ଲାଭ କରିଥାଏ। ଏହି ପ୍ରକ୍ରିୟା କର୍ମର ନିୟମ (Law of Karma) ଦ୍ୱାରା ପରିଚାଳିତ ହୋଇଥାଏ, ଯଦ୍ଦ୍ୱାରା ମଣିଷ ଯାହା ବୁଣିଥାଏ, ତାହା ହିଁ ଅମଳ କରିଥାଏ (ଯେଉଁ ଗଛ ଲଗାଇଥାଏ, ତାରି ଫଳ ହିଁ ପାଇଥାଏ)। କର୍ମ ଏକ ଶିକ୍ଷକ ଓ ବନ୍ଧୁ ମଧ୍ୟ। ମନୁଷ୍ୟର ଯାନ (ଶରୀର) ଅଧିକରୁ ଅଧିକ ସମ୍ବେଦନଶୀଳ ଓ ନିୟନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ସେ

ଏହି ସତ୍ୟ ସହିତ ପ୍ରକୃତିର ଅନ୍ୟ ନିୟମଗୁଡ଼ିକୁ ଅଧିକ ଅଧିକ ଭଲ ଭାବରେ ବୁଝିବାରେ ଲାଗିଥାଏ। ଏହିପରି ସେ ଦିବ୍ୟଜୀବନ ସହ ସହଯୋଗ ରକ୍ଷା କରି ସ୍ୱତଃପ୍ରବୃତ୍ତ ଭାବେ କାର୍ଯ୍ୟ କରିବାରେ ଲାଗିଯାଏ।

## ୩. ଚେତନାର ସଂକୋଚନ ଓ ଉଦ୍‌ବର୍ତ୍ତନ

ସେହି ଏକ ହିଁ ସତ୍ତା, ଯାହା ଏକାଧାରରେ ଉଭୟ ବସ୍ତୁ ଓ ଶକ୍ତି, ରୂପ ଓ ଜୀବନ, ତାହାର ଉଚ୍ଚତମ ବା ମହତ୍ତମ ପରିପ୍ରକାଶ ହିଁ ଚେତନା। ଚେତନାର ପ୍ରାରମ୍ଭିକ ବିଶିଷ୍ଟ ସଂକେତ ହେଉଛି ଅଂଶ ଭିତରେ ପୂର୍ଣ୍ଣର, ଏକକ ଭିତରେ ସମଗ୍ରର ସ୍ଥିତି। ଗୋଟିଏ ଇଲେକ୍‌ଟ୍ରନ୍‌ରେ ଥିବା ଚେତନା ଗୋଟିଏ ଛୁଞ୍ଚିମୁନ ପରିମିତ ହୋଇଥିଲେ ମଧ୍ୟ ସେହି କ୍ଷୁଦ୍ରାତିକ୍ଷୁଦ୍ର ଏକକ ଅପରିମେୟ ପରିବ୍ୟାପ୍ତିଶୀଳ ସମଗ୍ର ଚେତନା (ଈଶ୍ୱରୀୟ) ସହ ସଂପୃକ୍ତ। କ୍ଷୁଦ୍ର ହେଉ କି ବୃହତ, ପ୍ରତିଟି ଆତ୍ମାନ୍ୱିତ ଏକକ ସତ୍ତାରେ ଚେତନାର ସମସ୍ତ ସମ୍ଭବ ପରିପ୍ରକାଶ ଘଟିଛି।

ମନୁଷ୍ୟ ଭିତରେ ଚେତନାର ଉଦ୍‌ବର୍ତ୍ତନ 'ଦେବା' (giving) କାର୍ଯ୍ୟଦ୍ୱାରା ହିଁ ସମ୍ଭବ ହୋଇଥାଏ। ପଶୁ ଓ ଉଦ୍ଭିଦ ଜଗତରେ ପ୍ରତିଯୋଗିତା, ଶତ୍ରୁତା ଆଚରଣ ଓ ସ୍ୱାର୍ଥାନ୍ୱେଷା ଅଭିବୃଦ୍ଧିର ଉପାୟ ହୋଇଥାଏ; ମନୁଷ୍ୟ ପାଇଁ ପ୍ରଗତିର ସୂତ୍ର ହେଉଛି ସହଯୋଗିତା, ତ୍ୟାଗ ଓ ଆତ୍ମୋତ୍ସର୍ଗ। ମଣିଷ ଭିତରେ ସଂଗୁପ୍ତ ଚେତନାର ଉନ୍ମୀଳନ ପର୍ଯ୍ୟାୟକ୍ରମେ ଘଟିଥାଏ; କିନ୍ତୁ ଆତ୍ମୋତ୍ସର୍ଗ (ସ୍ୱାର୍ଥତ୍ୟାଗ) ବିନା ଗୋଟିଏ ସ୍ତରରୁ ପରବର୍ତ୍ତୀ (ଉଚ୍ଚତର) ସ୍ତରକୁ ଉନ୍ନୀତ ହେବା ସମ୍ଭବ ନୁହେଁ। ମଣିଷ ଭିତରେ ଥିବା ପ୍ରତିଟି ପଶୁ (ପାଶବିକ ପ୍ରବୃତ୍ତି) ମରିବା ଦରକାର, ଯଦିଓ ଏଥିପାଇଁ ଶହଶହ ଜନ୍ମ ଲାଗିଥାଏ। ଅନେକ ବାର ଜନ୍ମ ଓ ମୃତ୍ୟୁ ପରେ, ଯେତେବେଳେ ତା' ଭିତରେ ଆତ୍ମୋତ୍ସର୍ଗର ଅନ୍ତର୍ନିହିତ ପ୍ରବୃତ୍ତି ସଞ୍ଚରିତ ହୁଏ, ସେତେବେଳେ ସେ ଜାଣିପାରେ ଯେ ତ୍ୟାଗ ବା ବଳିଦାନ ହିଁ ଆନନ୍ଦ, ଏକମାତ୍ର ଅନୁଭବବେଦ୍ୟ ଆନନ୍ଦ।

ଚେତନାର ଉଦ୍‌ବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏହା ପ୍ରଥମେ ସଂକୋଚନ ପ୍ରକ୍ରିୟାର ବଶବର୍ତ୍ତୀ ହୋଇଥିବ। ଅବ୍ୟକ୍ତ ଈଶ୍ୱର ତିନିଗୋଟି ସ୍ୱରୂପରେ

ବ୍ୟକ୍ତ ହୋଇଥା'ନ୍ତି, ଯେପରିକି ପ୍ରଥମ ସ୍ୱରୂପ ଶିବ, ଦ୍ୱିତୀୟ ସ୍ୱରୂପ ବିଷ୍ଣୁ ଓ ତୃତୀୟ ସ୍ୱରୂପ ବ୍ରହ୍ମା; ଅଥବା ଏଗୁଡ଼ିକୁ ପିତା, ପୁତ୍ର ଓ ପବିତ୍ର ଆତ୍ମା (Holy Ghost) ବୋଲି କୁହାଯାଇପାରେ।

ଆମ ସୌରମଣ୍ଡଳର ସାତଟି, ବିଶିଷ୍ଟ ସ୍ତର ରହିଛି। ଯଥା : (୧) ଆଦି ଲୋକ, (୨) ଅନୁପାଦକ ଲୋକ (Monadic Plane), (୩) ନିର୍ବାଣ ଲୋକ ବା ଆତ୍ମିକ ଜଗତ, (୪) ପ୍ରଜ୍ଞା ଲୋକ (Buddhic or Intuitional Plane), (୫) ମାନସ ଲୋକ, (୬) ଭାବ ଲୋକ (Astnal Plane), (୭) ସ୍ଥୂଳଲୋକ ବା ଭୌତିକ ଜଗତ।

ବ୍ୟକ୍ତରୂପ ସୂର୍ଯ୍ୟନାରାୟଣ (Solar Logos) ସଂକୋଚନ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ଉଚ୍ଚତମ ଜଗତ ଆଦି ଲୋକରେ ତ୍ରିବିଧ ସ୍ୱରୂପରେ ଅବତରଣ କରିଥା'ନ୍ତି। ଯେତେବେଳେ ସେ ନିମ୍ନତର ଜଗତ ଅନୁପାଦକ ଲୋକକୁ ଅବତରଣ କରନ୍ତି, ସୀମିତ ହୋଇଯା'ନ୍ତି। ତାଙ୍କର ପ୍ରଥମ ସ୍ୱରୂପ ସେଠାରେ ନିଷ୍କ୍ରିୟ ହୋଇଯାଏ; କେବଳ ଦ୍ୱିତୀୟ ଓ ତୃତୀୟ ସ୍ୱରୂପ ପୂର୍ଣ୍ଣ ରୂପେ ବ୍ୟକ୍ତ ହୋଇଥାଏ। ପରବର୍ତ୍ତୀ ନିମ୍ନତର ସ୍ତର ନିର୍ବାଣ ଲୋକରେ ଈଶ୍ୱର ଆହୁରି ସୀମିତ ହୁଅନ୍ତି ଓ କେବଳ ତାଙ୍କର ତୃତୀୟ ସ୍ୱରୂପ ହିଁ ପୂର୍ଣ୍ଣ ରୂପେ ପ୍ରକାଶିତ ହୋଇପାରେ।

କେତେକଙ୍କ ପାଇଁ ଏକଥା ବୁଝିବା କଷ୍ଟକର ହୋଇପାରେ ଯେ, ସର୍ବଶକ୍ତିମାନ୍ ଈଶ୍ୱର କିପରି କ୍ରମନିମ୍ନ ଜଗତମାନଙ୍କୁ ଅବତରଣ କରିବା ଦ୍ୱାରା ସୀମିତ ହୋଇଯା'ନ୍ତି। ଏ ସମ୍ପର୍କୀୟ ଜ୍ଞାନର ଉଦାହରଣଦ୍ୱାରା ଆମେ ଏ ବିଷୟକୁ ବୁଝିପାରିବା। ଆମେ ଘନବସ୍ତୁ ବିଷୟରେ ଜାଣୁ, ଯାହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା, ଏହି ତିନିଟି ଆୟାମ (dimension) ଥାଏ। ଆମେ ବାରଟି ସୀମାସୂଚକ ସରଳରେଖା ସହିତ ଛଅଟି ବର୍ଗାକାର କ୍ଷେତ୍ର ଦେଖୁ। କିନ୍ତୁ ମନେକରାଯାଉ ଆମେ ନିଜକୁ ଏକ କୀଟାଣୁର ଚେତନାରେ ପ୍ରବେଶ କରାଇବା, ଯେ କି ଘନବସ୍ତୁଟି ରଖାଯାଇଥିବା କାଗଜର ପୃଷ୍ଠରୁ ନିଜକୁ ଉପରକୁ ଉଠାଇ ପାରିବ ନାହିଁ। କୀଟାଣୁଟି ଘନବସ୍ତୁ କାଗଜକୁ ସ୍ପର୍ଶ କରୁଥିବା ଧାରର ଚାରିପଟେ ଘୂରି ବୁଲିବ। ସେ କେବଳ ଚାରିଟି ସମାନ, ପରସ୍ପର ଅଭେଦ୍ୟ ବର୍ଗକ୍ଷେତ୍ର ହିଁ ଦେଖିବ। ତା' କଳ୍ପନାକ୍ଷମତାର

ଚରମ ଅବସ୍ଥାରେ ସେ ସେ ବର୍ଗକ୍ଷେତ୍ର ସମ୍ପର୍କରେ ବୁଝିବାକୁ ସମର୍ଥ ହୋଇପାରିବ; ଘନବସ୍ତୁ ବିଷୟରେ ନୁହେଁ। ସୁତରାଂ, ଯେତେବେଳେ ତିନି ଆୟାମବିଶିଷ୍ଟ କୌଣସି ବସ୍ତୁ କେବଳ ଦୁଇଟି ଆୟାମ ବିଷୟକ ଜ୍ଞାନ ଥିବା ଏକ ଚେତନା ସମକ୍ଷରେ ଉପସ୍ଥାପିତ ହେବ, ତାହା ସୀମିତତ୍ୱର ବଶବର୍ତ୍ତୀ ହେବ। ଏହି ସୀମିତତ୍ୱ ବସ୍ତୁର ନୁହେଁ; ଏ ଦୁଇ ଆୟାମବିଶିଷ୍ଟ ଜଗତରେ ବସ୍ତୁଟି ପ୍ରୟୋଗ କରିପାରୁଥିବା ଶକ୍ତି ଉପରେ ନିର୍ଭରଶୀଳ। ଅନୁରୂପ ଭାବରେ ଈଶ୍ୱର ନିମ୍ନତର ଜଗତଗୁଡ଼ିକରେ ଅବତରଣ କରିବାଦ୍ୱାରା ସୀମିତତ୍ୱର ବଶବର୍ତ୍ତୀ ହୋଇଥା'ନ୍ତି। ତାଙ୍କର ସ୍ୱାଭାବିକ ସ୍ୱରୂପ ସଦାସର୍ବଦା ଅପରିବର୍ତ୍ତିତ ରହିଥାଏ। କିନ୍ତୁ ନିଜେ ସୃଷ୍ଟି କରିଥିବା ବିଭିନ୍ନ ଜଗତରେ କାର୍ଯ୍ୟ କରିବା ସମୟରେ ସେ ସେହିସବୁ ନିର୍ଦ୍ଦିଷ୍ଟ ଜଗତର ପଦାର୍ଥଧର୍ମ ଅନୁଯାୟୀ ସୀମିତତ୍ୱ ଭୋଗ କରିଥା'ନ୍ତି।

ଊର୍ଦ୍ଧ୍ୱତମ ତିନିଟି ଜଗତରେ ଈଶ୍ୱରଙ୍କର ଅବତରଣ ସମୟରେ ମନୁଷ୍ୟର ଜୀବାତ୍ମା (Monad), ଯାହା ଈଶ୍ୱରୀୟସତ୍ତାର ଏକ କିରଣରେଣୁ, ପ୍ରଦୀପ୍ତ ଅଗ୍ନିଶିଖାର ଏକ ସ୍ଫୁଲିଙ୍ଗ, ତାଙ୍କରି ଭିତରେ ହିଁ ରହିଥାଏ। ଏପରି କୌଣସି ଗୋଟିଏ ହେଲେ ମୁହୂର୍ତ୍ତ ବା କ୍ଷଣ ନାହିଁ, ଯେତେବେଳେ ଆମେ ପ୍ରତ୍ୟେକ ଜୀବାତ୍ମା ରୂପେ ତାଙ୍କରି ଭିତରେ ନ ରହିଛୁଁ କି ନ ଚଳିଛୁଁ। ଆମର ସତ୍ତା ତାଙ୍କରି ଭିତରେ ରହିଥିଲେ ହେଁ ପ୍ରଥମେ ଆମେ ତାଙ୍କ ବିଷୟରେ କିଛି ଜାଣି ନ ଥାଉଁ। ଯେତେବେଳେ ଜାଣୁଁ, ହୁଏତ କିଛି ସମୟ ପାଇଁ ତାଙ୍କ ଇଚ୍ଛା ବିରୁଦ୍ଧରେ ଯାଇଥାଉଁ। ତଥାପି ଆମେ ଗତି କରିଥିବା ଧାତୁ ବା ଜଡ଼ ପଦାର୍ଥ, ଉଦ୍ଭିଦ, ପଶୁ ତଥା ମନୁଷ୍ୟ ପ୍ରତ୍ୟେକ ଅବସ୍ଥାରେ ତାଙ୍କଠାରୁ ଅଭିନ୍ନ ହିଁ ରହିଥାଉଁ, ଭିନ୍ନ ହେବା ସମ୍ଭବ ହିଁ ନୁହେଁ। 'The Secret Doctrine'ର ପ୍ରାଚୀନ ପଂକ୍ତି ଏହିପରି କହେ – "ସ୍ଫୁଲିଙ୍ଗ ଅଗ୍ନିଶିଖାରୁ ଫୋହାତ୍‌ର ସୂକ୍ଷ୍ମତମ ସୂତ୍ରରେ ଝୁଲି ରହେ। ଏହା ମାୟାର ସପ୍ତଲୋକ ଦେଇ ଗତି କରିଥାଏ। ଏହା ତଳଆଡୁ ପ୍ରଥମ ଜଗତରେ ଅଟକିଯାଏ ଓ ଖଣ୍ଡିଏ ଧାତୁ, ଖଣ୍ଡିଏ ପଥର ହୋଇ; ଆଉ ଦେଖ, ଉଦ୍ଭିଦଟିଏ। ଉଦ୍ଭିଦଟି ସପ୍ତବିଧ ପରିବର୍ତ୍ତନ ପଥରେ ଭ୍ରମେ ଓ ପବିତ୍ର ଏକ ପଶୁ ପାଲଟିଯାଏ। ଏମାନଙ୍କର ସମନ୍ୱିତ ଗୁଣାବଳୀରୁ ମନନଶୀଳ (The Thinker) ମନୁଷ୍ୟ ସୃଷ୍ଟି ହୁଏ ।"

ନିର୍ବାଣ ଲୋକରେ ଜୀବାତ୍ମା ନିଜକୁ ଆତ୍ମା-ବୁଦ୍ଧି-ମାନସର ତ୍ରୟୀ ରୂପେ, ଶିଖାଠାରୁ ଭିନ୍ନ ଅଥଚ ଶିଖାରୁ ପ୍ରାପ୍ତ ଆଲୋକ ଅଗ୍ନିର ସମସ୍ତ ଗୁଣରେ ସପନ୍ନ ରୂପେ ଦେଖିଲା ପରେ ତା'ଠାରେ କର୍ତ୍ତାପଣର ଅଭିମାନ ଜାତ ହୁଏ। ନିର୍ବାଣ ଲୋକରେ ଥିବା ସେହି ତ୍ରୟୀରୂପ ଜୀବାତ୍ମା ଈଶ୍ୱରଙ୍କର କ୍ଷୁଦ୍ର ପ୍ରତିରୂପ, ନିଜର ସ୍ରଷ୍ଟାଙ୍କ ସହିତ ସବୁ ମତେ ସମଗୁଣର।

ଈଶ୍ୱର ଯେପରି ସଂକୋଚନ ପ୍ରକ୍ରିୟାର ବଶବର୍ତ୍ତୀ ହୋଇଥିଲେ, ଜୀବାତ୍ମା ମଧ୍ୟ ସେହିପରି କରିଥାଏ। ଜୀବାତ୍ମାର ତିନିଟିଯାକ ସ୍ୱରୂପ ତା'ର ବାସ୍ତବିକ ନିଜସ୍ୱ ଜଗତ ନିର୍ବାଣ ଲୋକରେ ପ୍ରକଟିତ ହୋଇଥା'ନ୍ତି। ଯେଉଁ ମୁହୂର୍ତ୍ତରେ ସେ ବୁଦ୍ଧି ଲୋକକୁ ଅବତରଣ କରେ, ସୀମିତ ହୋଇଯାଏ। ତା'ର 'ଆତ୍ମା' ସ୍ୱରୂପଟି ଆବୃତ ବା ଲୁକ୍କାୟିତ ହୋଇଥାଏ; କେବଳ ବୁଦ୍ଧି ଓ ମାନସ ପ୍ରକାଶିତ ହୋଇଥା'ନ୍ତି। ସେହିପରି, ସେ ଯେତେବେଳେ ନିମ୍ନତର ମାନସ ଲୋକକୁ ଅବତରଣ କରେ, ଆହୁରି ସୀମିତ ହୋଇଯାଏ। ସେଠାରେ ସେ ଯେଉଁ 'କାରଣ ଶରୀର' (Causal body) ନିର୍ମାଣ କରେ, ସେଠାରେ କେବଳ ତା'ର ମାନସ ସ୍ୱରୂପ ପ୍ରକାଶିତ ହୁଏ; **ଉଚ୍ଚମାନସ ସ୍ତର ସହ ସମ୍ପୃକ୍ତ ଅନ୍ୟ ସ୍ୱରୂପଦ୍ୱୟ ନିଷ୍କ୍ରିୟ ବା ପ୍ରଚ୍ଛନ୍ନ ହୋଇଯାଏ।**

ବର୍ତ୍ତମାନ କାରଣ ଶରୀରରେ ଥିବା ଜୀବାତ୍ମା (Ego ବା Soul) ର ଆହୁରି ଆହୁରି ସଂକୋଚନ ହୁଏ। ଯେତେବେଳେ ଜୀବାତ୍ମା ଜନ୍ମ ନିଏ, ସେ ମାନସ ଜଗତ, ଭାବଜଗତ ଓ ଭୌତିକ ଶରୀରରେ କ୍ରମେକ୍ରମେ ଅଧିକରୁ ଅଧିକ ସଂକୁଚିତ ହୋଇଚାଲେ।

ଏହି ଚେତନାର ସଂକୋଚନ ପ୍ରକ୍ରିୟା ବ୍ୟକ୍ତିସତ୍ତା (Ego) ମଧ୍ୟରେ, ତା'ପରେ ଜୀବାତ୍ମା (Monad)ରେ, ପରିଶେଷରେ ଈଶ୍ୱରଙ୍କଠାରେ ନିହିତ ନିଗୂଢ଼ ଶକ୍ତିକୁ ଭିନ୍ନ ଭିନ୍ନ ଜଗତରେ ନିର୍ମିତ ବାହନସମୂହ(Vehicles) ବା ଆବରଣସମୂହ ମାଧ୍ୟମରେ ଉନ୍ମୁକ୍ତ ବା ପ୍ରଦର୍ଶିତ କରିବାର ପ୍ରକ୍ରିୟା।

'ମନୁଷ୍ୟ' ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ଦୃଷ୍ଟିରୁ ମଣିଷ ହେଉଛି ମନନଶୀଳ (ଚିନ୍ତାଶୀଳ)। ସେ ସବୁବେଳେ ଭିନ୍ନଭିନ୍ନ ପ୍ରକାରର ଚିନ୍ତା ବା ଭାବନାକୁ ରୂପ

ଦେବାରେ ଲାଗିଥାଏ। ଚିନ୍ତା କି ଯୋଜନା କରିବାରେ, ବା ଆନନ୍ଦ ଉପଭୋଗ କରିବାରେ ଅଥବା ଆନନ୍ଦମୟ ଅନୁଭବକୁ ସ୍ମରଣୀୟ କରି ରଖିବାରେ କୌଣସି ଦୋଷ ନ ଥାଏ। କିନ୍ତୁ ଆମେ ଯେତେବେଳେ ସେହି ଅନୁଭବ କି ଚିନ୍ତା ପ୍ରତି ଆସକ୍ତିରେ ବାନ୍ଧି ହୋଇଯାଉଁ, ତାହାର ଚିରସ୍ଥାୟିତ୍ୱ କାମନ କରୁଁ, ସେତେବେଳେ ହିଁ ଜଟିଳ ସମସ୍ୟା ଗଢ଼ି ଉଠେ। ପ୍ରତ୍ୟେକ ଆସକ୍ତି ହିଁ ଏକ ବନ୍ଧନରଜ୍ଜୁ। ଯଦି ବର୍ତ୍ତମାନର ଉପସ୍ଥିତ ଚେତନା ଆସକ୍ତିକୁ ତା' ବାଟରେ ଯିବାକୁ ଛାଡ଼ିଦିଏ, (ଯାହା ପ୍ରକୃତରେ ତାହାର ନିଜର ସ୍ମୃତିପଟଳ), ତତ୍କ୍ଷଣାତ୍ ପରିଣାମରେ ବିପୁଳ ପରିବର୍ତ୍ତନ ଘଟିଥାଏ। ସ୍ମୃତିମାନେ ସେମାନଙ୍କର ସତ୍ତା ହରାଇବେ ନାହିଁ; କିନ୍ତୁ ପଛରେ ପଡ଼ି ରହିବେ, ଦୂର ହୋଇଯିବେ, ଏବଂ ବର୍ତ୍ତମାନକୁ ସ୍ୱତନ୍ତ୍ର ଓ ସ୍ୱାଭାବିକ ପରିପୂର୍ଣ୍ଣତାର ଅବସ୍ଥାରେ ଛାଡ଼ିଦେବେ। ଅତୀତ କେବଳ ମାତ୍ର ଦୃଶ୍ୟଟିଏରେ ପରିଣତ ହୋଇଯିବ।

– ଏନ୍.ଶ୍ରୀରାମ

## ୪. ମନୁଷ୍ୟର ଗଠନ

ପ୍ରତ୍ୟେକ କ୍ଷେତ୍ରରେ ମଣିଷର ଜୀବାତ୍ମା (Ego/Soul) ର ଏକ ଅଂଶ ହିଁ ଭୌତିକ ଶରୀରରେ ପ୍ରକଟିତ ହୋଇପାରେ। ଏହା ହିଁ ବ୍ୟକ୍ତିଗତ ଆତ୍ମା (Individuality) । ଏହାର ଆତ୍ମିକ, ବୌଦ୍ଧିକ ଓ କାରଣ ଶରୀର ଥାଏ। ବ୍ୟକ୍ତିସତ୍ତାର ଏକ ଅଂଶ ଏକ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ଜାତି ବା ଗୋଷ୍ଠୀ (race) ରେ ପୁରୁଷ କିମ୍ବା ନାରୀ ରୂପେ ପୁନର୍ବାର ଜନ୍ମ ନେଇଥାଏ। ଏହା ହେଉଛି ନିର୍ଦ୍ଦିଷ୍ଟ ଜନ୍ମର ବ୍ୟକ୍ତିତ୍ୱ (Personality), ଯାହାର ଭୌତିକ ଶରୀର, ଭାବ ଶରୀର ଓ ନିମ୍ନମାନସ ଶରୀର ବୋଲି ତିନିଟି ଶରୀର ଥାଏ।

ବ୍ୟକ୍ତିଭୂତ ଆତ୍ମା (Individuality) ଓ ବ୍ୟକ୍ତିତ୍ୱ (Personality) ମଧ୍ୟରେ ସମ୍ପର୍କକୁ ଅନେକ ପ୍ରତୀକ ବା ସଂକେତ ଦ୍ୱାରା ପ୍ରକାଶ କରାଯାଇଛି। ପ୍ରାଚୀନ ରହସ୍ୟବାଦରେ ବ୍ୟବହୃତ ଏପରି ଏକ ପ୍ରତୀକ ହେଉଛି ମୋତିର ମାଳା (String of Pearls), ଯେଉଁଥିରେ ମାଳା ଗୁନ୍ଥା ଯାଇଥିବା ସୂତ୍ର ବ୍ୟକ୍ତୀଭୂତ ଆତ୍ମା

(Individuality) ଓ ମୋତିସମୂହ ପରକୁ ପର ଜନ୍ମଗୁଡ଼ିକର ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ (Personality)କୁ  ସୂଚାଇଥାଏ ।

ସ୍ଥୂଳ, ଭାବ ଓ ମାନସ ଏହି ତିନି ଶରୀର ମଧ୍ୟରୁ ପ୍ରତ୍ୟେକର ଏକ ନିଜସ୍ୱ ଜୀବନ ଓ ଚେତନା ଥାଏ । ତାହା ସେହି ଶରୀରଗୁଡ଼ିକୁ ବ୍ୟବହାର କରୁଥିବା ବ୍ୟକ୍ତିତ୍ୱର ଜୀବନ ଓ ଚେତନାଠାରୁ ପୂର୍ଣ୍ଣତଃ ସ୍ୱତନ୍ତ୍ର ବା ଭିନ୍ନ । ଏ ପ୍ରତ୍ୟେକଟି ବାହନ (Vehicle) ଶରୀର-ଚେତନାକୁ ଭିନ୍ନ ଭିନ୍ନ ନାମରେ ଚିହ୍ନାଯାଏ । ମାନସ ଶରୀରର ଚେତନାକୁ 'ମାନସ ମୌଳିକ ତତ୍ତ୍ୱ', ଭାବ ଶରୀରର ଚେତନାକୁ 'ଭାବ ମୌଳିକ ତତ୍ତ୍ୱ' ଓ ଭୌତିକ ଶରୀରର ଚେତନାକୁ 'ଭୌତିକ ମୌଳିକ ତତ୍ତ୍ୱ' ବୋଲି କୁହାଯାଏ । ଏହି ଶାରୀରଚେତନା (body consciousness) ମାନସ ଓ ଭାବ ବସ୍ତୁରେ ନିହିତ Elemental Essence ବା ମୌଳିକ ତତ୍ତ୍ୱର ଜୀବନ । ଧାତବ, ଉଦ୍ଭିଦ ଓ ପଶୁ ସ୍ତରର ଜୀବନ ଭୌତିକ ଶରୀରକୁ ପୂର୍ଣ୍ଣ କରିଥାଏ ।

ପିତୃ-ମାତୃଦତ୍ତ ଭୌତିକ ଶରୀର ପୂର୍ବପୁରୁଷଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ମିଳିଥିବା ଜିନ୍‌ର ଭଣ୍ଡାର । ଜୀବାତ୍ମାର କର୍ମ ଅନୁଯାୟୀ ଶରୀର ଗଠନ (ନୂତନ ଜନ୍ମ ପାଇଁ) ସମୟରେ ସେହି ପୈତୃମାତୃକ ତତ୍ତ୍ୱରୁ କିଛି ଅଂଶ ବାଛି ଗ୍ରହଣ କରାଯାଇଥାଏ, ଯାହା ସେହି ନିର୍ଦ୍ଦିଷ୍ଟ ଜନ୍ମର ବ୍ୟକ୍ତିସତ୍ତା (Personality) ପାଇଁ ଉପଯୋଗୀ ହେବ ।

ଭାବ ଶରୀର (Astral body) ଓ ମାନସ ଶରୀର (Mental body)ର ମଧ୍ୟ ଉତ୍ତରାଧିକାର ତତ୍ତ୍ୱ ଥାଏ । ଏହା କିନ୍ତୁ ପିତା-ମାତାଙ୍କଠାରୁ ନୁହେଁ; ବରଂ ବ୍ୟକ୍ତିର ଅହଂସତ୍ତା (Ego) ରୁ ଆସିଥାଏ ।

ଶିଶୁ ଯେଉଁ ଭାବଶରୀର ଓ ମାନସ ଶରୀର ନେଇ ଜନ୍ମ ହୋଇଥାଏ, ତାହା ପୂର୍ବବର୍ତ୍ତୀ ଜନ୍ମର ଶେଷ ଅବସ୍ଥାର, ଅର୍ଥାତ୍ ଯେତେବେଳେ ପୂର୍ବ ଜନ୍ମର ବ୍ୟକ୍ତିସତ୍ତା ତା'ର କାମ ଶରୀରକୁ ଛାଡ଼ି ସ୍ୱର୍ଗଲୋକ (ମାନସ ଜଗତ)ରେ ପ୍ରବେଶ କରେ ଓ ପରବର୍ତ୍ତୀ ସମୟରେ ନିମ୍ନମାନସ ଜଗତରେ ତା'ର ମାନସ ଶରୀରକୁ ଛାଡ଼ିଥାଏ, ସେହି ଅବସ୍ଥାର ଅବିକଳ ପ୍ରତିରୂପ ।

ଜୀବସତ୍ତା (Individuality) ଜନ୍ମ-ଜନ୍ମାନ୍ତର ଧରି ସ୍ଥାୟୀ କାରଣ ଶରୀରରେ ରହିଥାଏ; ତା'ର ସମସ୍ତ ଜନ୍ମ ବା ଐହିକ ଜୀବନର ବ୍ୟକ୍ତିସତ୍ତାର ଅନୁଭୂତିଜନିତ ସ୍ମୃତିକୁ ଧରି ରଖିଥାଏ । ବ୍ୟକ୍ତିସତ୍ତା ଉଣାଅଧିକେ ଜୀବସତ୍ତାର ଆଂଶିକ ପ୍ରତିନିଧିତ୍ୱ କରିଥାଏ । ଜୀବସତ୍ତା (ଜୀବାତ୍ମା) ହେଉଛି ଉଚ୍ଚତର ସତ୍ତା (Higher Self) । ତା'ର ତିନିଟି ମୌଳିକ ବିଶେଷ ଅବସ୍ଥା ହେଉଛି ଆତ୍ମା, ବୁଦ୍ଧି ଓ ଉଚ୍ଚ ମାନସ । ଜୀବାତ୍ମା ଆତ୍ମିକ (Atmic), ପ୍ରାଜ୍ଞିକ (Buddhic) ଓ କାରଣ (Causal) ଶରୀର ମାଧ୍ୟମରେ କାର୍ଯ୍ୟ କରିଥାଏ ।

ଜୀବାତ୍ମା ଭିନ୍ନ ଭିନ୍ନ ଜଗତରେ ଉପଯୋଗ କରିବା ପାଇଁ ସାତ ପ୍ରକାରର ଶରୀର ଥାଏ । ସେଗୁଡ଼ିକ ହେଲା –

(୧) ଭୌତିକ ବା ସ୍ଥୂଳ ଶରୀର, ବା ଅନ୍ନମୟ କୋଷ (Physical Body)

(୨) ଇଥରୀୟ ଶରୀର ବା ପ୍ରାଣମୟ କୋଷ (Etheric Body)

(୩) ଭାବ ଶରୀର (Astral Body)

(୪) ନିମ୍ନମାନସ ଶରୀର (Lower Mental Body)

(ଭାବ ଶରୀର ଓ ନିମ୍ନ ମାନସ ଶରୀରକୁ ଯୁଗ୍ମ ଭାବରେ ମନୋମୟ କୋଷ ବା ସୂକ୍ଷ୍ମ ଶରୀର ବୋଲି କୁହାଯାଏ ।)

(୫) ଉଚ୍ଚ ମାନସ ଶରୀର ବା କାରଣ ଶରୀର ବା ବିଜ୍ଞାନମୟ କୋଷ (Causal Body)

(୬) ପ୍ରଜ୍ଞା ଶରୀର ବା ଆନନ୍ଦମୟ କୋଷ (Buddhic Body)

(୭) ଆତ୍ମିକ ଶରୀର (Atmic Body)

ଏହି ଶରୀରର କୌଣସି ବୈଦାନ୍ତିକ ନାମ ନାହିଁ । ସେମାନେ ଏହାକୁ ଏକ ଶରୀର ବୋଲି ଗ୍ରହଣ କରି ନାହାନ୍ତି । କାରଣ ଆତ୍ମିକ ସ୍ତରର ଗୋଟିଏ ମାତ୍ର ଅଣୁରେ ବି ଚେତନା ଅପରିମେୟ କ୍ଷିପ୍ରତାର ସହ ସମଗ୍ର ଜଗତର ଚେତନାକୁ ଧାରଣ କରିବା ପରି ବିସ୍ତାରିତ ହୋଇ ପାରିବାର ଓ ପୁଣି ସବୁକିଛିକୁ ଆଶ୍ଳେଷବଦ୍ଧ

କରିଥିବା ସେହି ଚେତନାକୁ ଏକରୂପୀ କରିବା ପାଇଁ ଗୋଟିଏ ବିନ୍ଦୁରେ ସଂକୁଚିତ ହୋଇ ପାରିବାର କ୍ଷମତା ଥାଏ। ଏହିପରି ଭାବରେ ସେହି ଏକ ହିଁ ଚେତନାରେ ସର୍ବତ୍ର ପରିବ୍ୟାପ୍ତତା ଓ ଏକ ଭିନ୍ନ ସତ୍ତାରେ ସ୍ଥିତି, ଏପରି ପୂରାପୂରି ବିପରୀତ ଓ ଅସଙ୍ଗତ ବୋଧ ହେଉଥିବା ଗୁଣ ବା ଧର୍ମ ପ୍ରଚ୍ଛନ୍ନ ରହିଥାଏ। ଏହା ମନୁଷ୍ୟର ସାଧାରଣ ଅବବୋଧର ଅତୀତ। ତେବେ ଏକ ଉଚ୍ଚାଙ୍ଗ ଦାର୍ଶନିକତାପୂର୍ଣ୍ଣ ଉକ୍ତିରେ ଏହାକୁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି, "ଏହାର (ଏହି ବୃତ୍ତର) କେନ୍ଦ୍ର ସବୁଠି ଅଛି; କିନ୍ତୁ ପରିଧି କେଉଁଠି ହେଲେ ନାହିଁ"।

ବ୍ୟକ୍ତିସତ୍ତା (Personality), ଜୀବସତ୍ତା (Individuality) ଓ ଜୀବାତ୍ମା (Ego) ମଧ୍ୟରେ ସମ୍ପର୍କ ବିଷୟରେ କହି ରଖିବା ଆବଶ୍ୟକ ଯେ ଏଗୁଡ଼ିକ ମଣିଷ ଭିତରେ ସକ୍ରିୟ ଥିବା ଭିନ୍ନଭିନ୍ନ ସତ୍ତା କି ଅସ୍ତିତ୍ୱ ନୁହେଁ। ବସ୍ତୁତଃ ଏକ ହିଁ ଐଶୀସତ୍ତା (Logos) ର ଜୀବନଶକ୍ତି ରୂପେ ସର୍ବତ୍ର କ୍ରିୟାଶୀଳ ରହିଛି। ସେହି ଦିବ୍ୟଚେତନାର ଗୋଟିଏ ରଶ୍ମି ଜୀବାତ୍ମା (Soul) ମଧ୍ୟରେ ଭିନ୍ନ ଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଶରୀରକୁ ମାଧ୍ୟମ କରି କାର୍ଯ୍ୟ କରିଥାଏ। ଆତ୍ମା–ବୁଦ୍ଧି–ମାନସର ଉଚ୍ଚତର ଆଧ୍ୟାତ୍ମିକ ସ୍ତରରେ ଏହି ଚେତନାର ରଶ୍ମି ଜୀବସତ୍ତାର ଏକ କେନ୍ଦ୍ର ସୃଷ୍ଟି କରିଥାଏ। କିନ୍ତୁ ଏହି କେନ୍ଦ୍ରରେ ଭିନ୍ନ ଜୀବସତ୍ତାର ଧାରଣ ବା ଜ୍ଞାନ ଐକ୍ୟବୋଧ ଓ ତା' ମୂଳରେ ନିହିତ ଦିବ୍ୟଜୀବନ ସହ ଅନ୍ତରଙ୍ଗ ସମ୍ପର୍କର ସଚେତନ ଅନୁଭବରେ ଅଭିଭୂତ ବା ମଗ୍ନ ଥାଏ। ଏହି ଅବସ୍ଥାରେ ମାୟାର ଆବରଣ ଥିଲେ ହେଁ ଏତେ ସୂକ୍ଷ୍ମ ହୋଇଥାଏ ଯେ ଜୀବାତ୍ମା (Ego ବା Soul) ବାସ୍ତବସତ୍ୟକୁ ଆଂଶିକ ଭାବେ ଦେଖିବାରେ ସମର୍ଥ ହୋଇଥାଏ। ଯେତେବେଳେ ଦିବ୍ୟଚେତନାର ଏହି ରଶ୍ମି ନିମ୍ନ ସ୍ତରକୁ ଅବତରଣ କରି ନିମ୍ନମାନସ ସ୍ତର, ଭାବ ଜଗତ ଓ ଭୌତିକ ଜଗତର ତିନି ନିମ୍ନତର ଶରୀରରେ କାର୍ଯ୍ୟ କରେ, ମାୟାର ଆବରଣ ସ୍ଥୂଳ ଓ ଦୁର୍ଭେଦ୍ୟ ହୋଇପଡ଼େ; ଏକତ୍ୱବୋଧ ଓ ଦିବ୍ୟତାରେ ନିହିତ ମୂଳର ସଚେତନତା ହଜିଯାଏ।

ଚେତନା ତନି ନିମ୍ନସ୍ତରୀୟ ମାଧ୍ୟମର ନିରନ୍ତର ସମ୍ପର୍କରେ ରହି ଓ ତାହାକୁ ନିଜର ସତ୍ତା ବୋଲି ମନେ କରିବାରୁ 'ଅହଂ' ବା ମୁଁ–ତ୍ୱ (I) ର ଭ୍ରାନ୍ତ ଧାରଣା

(false sense) ଉତ୍ପନ୍ନ ହୁଏ, ଯାହା ବ୍ୟକ୍ତିସତ୍ତାର ଆଧାର। ଏହିପରି ଭାବରେ ଆତ୍ମା, ବୁଦ୍ଧି, ମାନସ ଆଦି ସାତଟିଯାକ ତତ୍ତ୍ୱ ଭିନ୍ନ ଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଶରୀରରେ ଏକ ହିଁ ଜୀବନ-ରଶ୍ମିର ପରିପ୍ରକାଶ ।

ସପ୍ତବିଧ ଶରୀର, ସପ୍ତବିଧ ଜୀବନତତ୍ତ୍ୱ ଓ ଭିନ୍ନ ଭିନ୍ନ ସ୍ତରରେ ଅବସ୍ଥାନରେ ବିଭିନ୍ନ କ୍ରିୟା-ପ୍ରକ୍ରିୟାକୁ ନେଇ ମନୁଷ୍ୟର ଗଠନ ଅତି ଜଟିଳ। ତା'ର ଚେତନାର ମୂଳ ଉଚ୍ଚତର ସ୍ତରରେ ଆମ ସୌରଜଗତର ଈଶ୍ୱର **(ସୂର୍ଯ୍ୟନାରାୟଣ)**ଙ୍କ ଦିବ୍ୟଚେତନାରେ ନିହିତ ଓ ସେ ତାହାର ଅଂଶ ମଧ୍ୟ। ସେହି ଚେତନା ପାହାଚ ପାହାଚ ଓହ୍ଲାଇ ଭୌତିକ ଜଗତକୁ ଆସିଥାଏ, ଯାହା ଦିବ୍ୟଚେତନାର ସୀମାରେ ରହିଛି। ଆମେ ପରିଧି ବା ସୀମାରୁ ଯେତେଯେତେ କେନ୍ଦ୍ର ଆଡ଼କୁ ଯାଉ, ଆମର ଶରୀର (ମାଧ୍ୟମ)ଗୁଡ଼ିକର ସ୍ଥୂଳତା କ୍ରମେ କ୍ରମେ ହ୍ରାସ ପାଉଥାଏ ଓ ଚେତନା ଅଧିକରୁ ଅଧିକ ପ୍ରଭାବଶାଳୀ ହେଉଥାଏ। ସେତେବେଳେ ଆମେ କେବଳ ଭାବନା କି ଅନୁଭୂତିରେ ନୁହେଁ, ବରଂ ଉପଲବ୍ଧି କରିପାରୁ ଯେ, ଆମେ ହେଉଛୁ ଆଧ୍ୟାତ୍ମିକ ସତ୍ତା (Spiritual entity), ଯିଏ ନିଜ ଦିବ୍ୟତ୍ୱ ସମ୍ପର୍କରେ ସଚେତନ। ସେତେବେଳେ ଆମର ବ୍ୟକ୍ତିସତ୍ତା କେବଳ ଏକ ବାହ୍ୟ ଆବରଣ ବା ପରିଚ୍ଛଦ ପରି ବୋଧ ହୁଏ। ବ୍ୟକ୍ତିସତ୍ତାର ଦୁଃଖ-ସୁଖାଦି ଅନୁଭବ ଆମକୁ ପ୍ରଭାବିତ କରେ ନାହିଁ।

ଆଧ୍ୟାତ୍ମିକ ବିକାଶର ଅର୍ଥ ହେଉଛି ଆମ ଚେତନାର କେନ୍ଦ୍ରକୁ ଦିବ୍ୟତ୍ୱବୋଧ ବା ଈଶ୍ୱରୀୟ ଅନୁଭବର କେନ୍ଦ୍ର ଆଡ଼କୁ ଅଗ୍ରସର କରାଇବା, ନିଜର ଅନ୍ତର୍ନିହିତ ଦିବ୍ୟତାକୁ ଅଧିକରୁ ଅଧିକ ଉପଲବ୍ଧି କରିବା। ଏହା ବ୍ୟକ୍ତିସତ୍ତାକୁ ପୂର୍ଣ୍ଣତଃ ଦୋଷମୁକ୍ତ ବା ନିର୍ମଳ କରିବାକୁ ବୁଝାଏ ନାହିଁ। ବ୍ୟକ୍ତିସତ୍ତା ସ୍ୱଭାବତଃ ଅପୂର୍ଣ୍ଣ, ବହୁମାତ୍ରାରେ ସୀମିତ । ଅବଶ୍ୟ ଜୀବସତ୍ତାର ଆଧ୍ୟାତ୍ମିକ ବିକାଶ ବ୍ୟକ୍ତିସତ୍ତାରେ ମଧ୍ୟ କିଛି ମାତ୍ରାରେ ପ୍ରତିଫଳିତ ହୁଏ। ନିମ୍ନତର ସ୍ତରଗୁଡ଼ିକରେ ପରିପୂର୍ଣ୍ଣ ପ୍ରକାଶକୁ ବ୍ୟାହତ କରୁଥିବା ସୀମିତତ୍ୱ ନିହିତ ଥାଏ।

# ୫. ପୁନର୍ଜନ୍ମ

ଜୀବନର କ୍ରମବିକାଶ ହିଁ ଉଦ୍‌ବର୍ତ୍ତନ ପ୍ରକ୍ରିୟାର ଆଧାର। ଜୀବନ ରୂପରୁ ରୂପାନ୍ତରକୁ ଗତି କରି ବିକଶିତ ହୋଇଚାଲିଥାଏ। ସେହିସବୁ ରୂପମାନଙ୍କରେ ଥାଇ ଲାଭ କରିଥିବା ଅନୁଭୂତିକୁ ଗଚ୍ଛିତ ରଖିଥାଏ। ମାନବାତ୍ମାର ପୁନର୍ଜନ୍ମ ଉଦ୍‌ବର୍ତ୍ତନ ପ୍ରକ୍ରିୟାରେ ଏକ ନୂତନ ତତ୍ତ୍ୱର ପ୍ରଚଳନ ନୁହେଁ। ବରଂ ନିରନ୍ତର ବିକଶିତ ହୋଇଚାଲିଥିବା ଜୀବନ ଏକ ସ୍ୱତନ୍ତ୍ର ଜୀବସତ୍ତାରେ ପରିଣତ ହେଲା ପରର ଅବସ୍ଥାସମୂହକୁ ସମ୍ମୁଖୀନ ହୋଇପାରିବା ପାଇଁ ମହାଜାଗତିକ ନିୟମର ଆବଶ୍ୟକୀୟ ପରିବର୍ତ୍ତନ ମାତ୍ର।

ଭୌତିକ ଶରୀରର ମୃତ୍ୟୁ ହେଲେ ମାନସ ସହିତ ତାହାର ସମ୍ପର୍କ ଛିନ୍ନ ହୋଇଯାଏ । ମାନସ ସୂକ୍ଷ୍ମତର ଜଗତରେ ଶକ୍ତିଶାଳୀ ହୋଇଯାଏ। ଅଧିକାଂଶ ମଣିଷଙ୍କର ଏହା ଉପରେ ନିୟନ୍ତ୍ରଣ ନଥାଏ। ଭୌତିକ ଶରୀରର ମୃତ୍ୟୁ ପରେ ପରେ ସାଧାରଣତଃ ଅଚେତନତାରେ କିଛି ସମୟ କଟେ। ବ୍ୟକ୍ତିର ସ୍ୱଭାବ ଓ ତା'ର ମୃତ୍ୟୁ କିପରି ହୋଇଛି, ତା' ଉପରେ ନିର୍ଭର କରି ସେହି ଅଚେତନତା ଦୀର୍ଘ କିମ୍ବା ସଂକ୍ଷିପ୍ତ ସମୟ ପାଇଁ ରହିଥାଏ। ଅବଶ୍ୟ ମୃତ୍ୟୁର ଠିକ୍ ପରବର୍ତ୍ତୀ ସମୟରେ ମାନସ ପାର୍ଥିବ ଜୀବନରେ ଯେପରି ଗଢ଼ି ହୋଇଥାଏ ସେହିପରି ଥାଏ। ମୃତ୍ୟୁ ପରେ ସାଧାରଣ ମଣିଷର ମନଧ୍ୟାନ ବଞ୍ଚିଥିଲା ବେଳର ଆଗ୍ରହ ଓ କାମନାବାସନା ପରି ସୀମିତ ସ୍ତରର ହୋଇଥାଏ। ସତେ ଯେପରି ସେ ନିଜକୁ ବାହ୍ୟ ସଂସାରରୁ ଟିକିଏ ବାହାରି ଆସିଥିବା ଏକ ଅଂଶରେ ନିଜକୁ ପାଇଥାଏ। ଇନ୍ଦ୍ରିୟାନୁଭବ ପ୍ରତି ଧ୍ୟାନ ଦେବାର ନିୟନ୍ତ୍ରଣ ସେ ହରାଇଥାଏ; ସୂକ୍ଷ୍ମ ସ୍ତରରେ ନିଜକୁ ମାର୍ଗଦର୍ଶନ ଦେବାକୁ ସେ ଶିଖି ନ ଥାଏ। ତେଣୁ କାମନା ଓ ଚିନ୍ତାର ରୂପ ବା ଆକୃତିଗୁଡ଼ିକ ସ୍ୱପ୍ନ ପରି ପୂର୍ବଠାରୁ ଅଧିକ ପ୍ରବଳ ହୋଇଉଠନ୍ତି। କେହି କେହି ଏହାକୁ ସ୍ଥୂଳଜଗତର ସ୍ଥୂଳ ଉପାଦାନ ପରି ମାନସ ଜଗତର ଉପାଦାନଗୁଡ଼ିକର ପୂନର୍ବିନ୍ୟାସ (re-arrangement) ରୂପେ ବର୍ଣ୍ଣନା କରିଛନ୍ତି। ଏକଥା ବେଶ୍ ଜଣାଶୁଣା ଯେ ଆମର ସ୍ଥୂଳଶରୀରଗୁଡ଼ିକର ସବୁବେଳେ ମୃତ୍ୟୁ ହୋଇଚାଲିଛି। ଶରୀରର ଜୀବକୋଷ ଓ ତନ୍ତୁସମୂହ ଅହରହ ନଷ୍ଟ ହୋଇ ଚାଲଥା'ନ୍ତି ଓ ନୂଆ

ଜୀବକୋଷ ଓ ତନ୍ତୁ ସୃଷ୍ଟି ହେଉଥା'ନ୍ତି। ଭାବ ଶରୀରେ ମଧ୍ୟ ତାହ ହିଁ ଘଟିଥାଏ। ଭାବଗୁଡ଼ିକ ଅହରହ ବଦଳି ଚାଲିଥାଏ; କିଛି କ୍ଷିପ୍ର ଭାବରେ ବଢୁଥାଏ, ତ କିଛି ଧୀରେଧୀରେ ମିଳେଇ ଯାଇଥାଏ। ମାନସ ଶରୀରେ ମଧ୍ୟ ସେହିପରି ହୋଇଥାଏ। ଆମର ପୁରୁଣା ଚିନ୍ତାଧାରାଗୁଡ଼ିକର ମୃତ୍ୟୁ ଘଟୁଥାଏ ଓ ଦିନଯାକ ତା' ବଦଳରେ ନୂଆନୂଆ ଚିନ୍ତା ଆସୁଥାଏ। ଏହିସବୁ ବାସ୍ତବାତାକୁ ବୁଝିଗଲେ ଯେତେବେଳେ ମୃତ୍ୟୁ ଆସେ, ତାହା ଆମର ଏହିସବୁ ନିତିଦିନିଆ ଅନୁଭୂତିର ଆଉ ଏକ ରୂପ ବୋଲି ଆମେ ବୁଝିପାରୁ। ଜଣେ ବ୍ୟକ୍ତି ଭୌତିକ ଶରୀରର ମୃତ୍ୟୁରେ କୌଣସି ଏକ ଅଜ୍ଞାତ ଲୋକକୁ ଚାଲିଯାଏ ନାହିଁ। ନିଦ୍ରାବସ୍ଥାରେ ସେ ବହୁବାର ସେହି ଜଗତରେ ଭ୍ରମଣ କରିସାରିଥାଏ। ତେଣୁ ଭୌତିକ ଶରୀର ଛାଡ଼ିବାରେ କୌଣସି ଭୟ ରହିବା ଅନୁଚିତ।

ବାହ୍ୟତମ ରୂପକୁ ଚେତନା ଶେଷଥର ପାଇଁ ଛାଡ଼ି ଚାଲିଯିବା ହିଁ ମୃତ୍ୟୁ। ତା'ପରେ ଜୀବକୋଷ ଓ ତନ୍ତୁସମୂହର ବିଘଟନ ହୁଏ; ଆଉ ସେସବୁର ପୁନର୍ନିର୍ମାଣ ଓ ପୁନଃସ୍ଥାପନ ହୁଏ ନହିଁ। ସାଧାରଣତଃ ମୃତ୍ୟୁ ସମୟରେ ବିଗତ ଜୀବନକାଳର ଅନୁଭୂତିର ଦୃଶ୍ୟସମୂହ ଦ୍ରୁତ ବେଗରେ ଦିଶିଯାଇଥାଏ। ବ୍ରହ୍ମବିଦ୍ୟାବିତ୍ ଜାଣନ୍ତି ଯେ ମୃତ୍ୟୁ ବୋଲି  କିଛି ନାହିଁ; ଏହା ଏକ ପରିବର୍ତ୍ତନ ମାତ୍ର। ବ୍ୟକ୍ତିସତ୍ତା ପ୍ରଥମେ ଭୌତିକ ବା ସ୍ଥୂଳ ଶରୀରକୁ ଛାଡ଼ି ଫେରିବାକୁ ଆରମ୍ଭ କରେ। ସ୍ଥୂଳ ଶରୀରର ଯନ୍ତ୍ରଣା ଓ ଦୁର୍ଭୋଗ ଆଉ ତା'ର ଅସୁବିଧା କରେ ନାହିଁ।

ଯେଉଁ ସ୍ଥୂଳ ଶରୀରକୁ ବ୍ୟକ୍ତିସତ୍ତା ପରିତ୍ୟାଗ କରିଥାଏ, ତାହା କେବଳ ଭୌତିକ ବସ୍ତୁରେ ଗଠିତ ନୁହେଁ; ତା' ସହିତ କିଛି ସୂକ୍ଷ୍ମତର ଉପାଦାନ ମଧ୍ୟ ରହିଥାଏ। ତାହାକୁ ଇଥରୀୟ ଶରୀର (etheric body) ବୋଲି କୁହାଯାଏ। ଯାହାକୁ କ୍ୱଚିତ୍ ଦେଖିହୁଏ। ଜୀବିତାବସ୍ଥାରେ ଏହା ସ୍ଥୂଳ ଶରୀର ଓ ଅତିଲୌକିକ ସ୍ତର ମଧ୍ୟରେ ସଂଯୋଗସୂତ୍ର ରୂପେ କାର୍ଯ୍ୟ କରିଥାଏ। ସ୍ଥୂଳ ଶରୀରର ମୃତ୍ୟୁରେ ଏହି ଇଥରୀୟ ଉପାଦାନ ସ୍ଥୂଳଶରୀରରୁ ଆଂଶିକ ଭାବେ ବିଚ୍ଛିନ୍ନ ହୋଇଯାଏ ଓ ତା' ଉପରେ ଘୂରିବୁଲେ; ତା'ପରେ ଧୀରେ ଧୀରେ ବିଲୀନ  ହୋଇଯାଏ।

ମୃତ୍ୟୁରେ ସ୍ଥୂଳ ଶରୀର ଛାଡ଼ିଲା ପରେ ସାମୟିକ ନିଶ୍ଚେତନତା ରହିଥାଏ । ତା' ପରେ ମଣିଷ ନିଜେ ତିଆରି କରିଥିବା ଜଗତରେ ଜାଗିଥା'ନ୍ତି । ସେମାନେ ନିଜକୁ ଭାବ ଜଗତରେ ପାଇଥା'ନ୍ତି, ଯେଉଁ ଜଗତରେ ସେ ନିଦ୍ରା ଯାଇଥିବା ସମୟରେ ବହୁ ବାର ଭ୍ରମଣ କରି ସାରିଥା'ନ୍ତି । ଏହି ଜଗତ ତାଙ୍କୁ ଭଲ ଲାଗୁଥିବା ପରିବେଶ କିମ୍ବା ତାଙ୍କ ମନରେ ଭୟର ଉଦ୍ରେକ କରୁଥିବା ପଦାର୍ଥକୁ ହିଁ ପ୍ରତିଫଳିତ କରିଥାଏ । ବ୍ୟକ୍ତି ପାର୍ଥିବ ଜୀବନରେ ନିଜର ସଚେତନତା ଓ ପ୍ରତିକ୍ରିୟାଶୀଳତାକୁ ଯେତିକି ବଢ଼ାଇଥାଏ, ଏହି ନୂତନ ଅବସ୍ଥାରେ ସେହି ଅନୁସାରେ ସଚେତନ ରହିପାରେ । ସ୍ଥୂଳ ଜଗତ ସହିତ ଅନ୍ତର୍ପ୍ରବିଷ୍ଟ ଭାବରେ ରହିଥିବା ଏହି ଭାବଜଗତ ସ୍ପଷ୍ଟତଃ ଆକର୍ଷଣ ଓ ବିକର୍ଷଣର ଜଗତ, କାମନା ଓ ଭାବପ୍ରବଣତାର ଜଗତ । ମଣିଷ ଭୌତିକ ଶରୀର ଧାରଣ କରି ରହିଥିବା ସମୟରେ କାମନା ବା ଆଗ୍ରହ ଅନୁଯାୟୀ ଏସବୁ ପ୍ରତି ନିଜର ପ୍ରତିକ୍ରିୟା ଦେଖାଥାଏ । ବ୍ୟକ୍ତିର ଜ୍ଞାନ, ଶୁଦ୍ଧତା ଓ ସାଧାରଣ ଅଗ୍ରଗତି ବା ଅଭିବୃଦ୍ଧି ଅନୁସାରେ ଏହି ପ୍ରକ୍ରିୟା ଦୀର୍ଘ ଅଥବା ସଂକ୍ଷିପ୍ତ ହୋଇଥାଏ । ଏହି ଅନୁଭୂତି ଅଧିକାଂଶତଃ ଯନ୍ତ୍ରଣାଦାୟକ ବୋଲି ଚିନ୍ତା କରିବା ଯୁକ୍ତିସଙ୍ଗତ । ପାର୍ଥିବ ଜୀବନ କାଳରେ ଯେଉଁ ସବୁ ବିଷୟ ପାଇଁ କ୍ଷୁଧା ବା ତୃଷ୍ଣା ରହିଥାଏ, ତାହା ଏହି ଅବସ୍ଥାରେ ପରିତୃପ୍ତି ଖୋଜିଥାଏ; କିନ୍ତୁ ସେଥିପାଇଁ ସାଧନ ନ ଥାଏ । ମୃତ୍ୟୁ ପରବର୍ତ୍ତୀ ଜୀବନର ବର୍ଣ୍ଣନାରେ ନରକ ଓ ରାକ୍ଷସମାନେ ପ୍ରଲୋଭନ ଦେଖାଇବା ଆଦି କଥା ଏହି ଅନୁଭବ ଉପରେ ହିଁ ଆଧାରିତ ।

ଯେତେବେଳେ ମଣିଷର ବ୍ୟକ୍ତିଗତ ଇଚ୍ଛା ବା କାମନାର ଭୋଗାଭୋଗ ସରିଯାଏ, ତା'ର ଭାବ ଶରୀରର ମୃତ୍ୟୁ ଘଟେ । ସାଧାରଣତଃ ମଣିଷ ଯେତେବେଳେ ଭାବଶରୀରକୁ ଛାଡ଼ିଯାଏ, ତାହା ତା'ର ଅଭ୍ୟାସ ଓ ସ୍ମୃତିଗୁଡ଼ିକୁ ଧରି ରଖିଯାଏ, ଯେଉଁଗୁଡ଼ିକ ଇଚ୍ଛାର ପ୍ରକୃତି ସହିତ ଖାପ ଖାଇ ପାରି ନଥା'ନ୍ତି । ଭାବ ଶରୀରର ମୃତ୍ୟୁ ପରେ ମଣିଷର ଚେତନା ତା'ର ନିମ୍ନ ମାନସ ଶରୀରର ଆଶ୍ରୟରେ ନିମ୍ନମାନସ ସ୍ତରରେ ସଚେତନ ହୋଇଥାଏ । ଯେଉଁ ବ୍ୟକ୍ତିଗତ ଇଚ୍ଛା ବା ଅଭିଳାଷ ସମୂହର ପରିଣାମ ସେ ପାର୍ଥିବ ଜୀବନରେ ଭୋଗ କରି ନ

ଥାଏ, ସେସବୁକୁ ସେ ସେହି ନିମ୍ନମାନସ ସ୍ତରରେ ଭୋଗ କରିଥାଏ। ମାନସିକ ସ୍ତରରେ ବ୍ୟକ୍ତିର ସମସ୍ତ ଶକ୍ତିର ପରିଣାମ ଭୋଗ ହୋଇଗଲା ପରେ ନିମ୍ନମାନସ ଶରୀରର ମୃତ୍ୟୁ ହୁଏ। ତା'ପରେ ବ୍ୟକ୍ତିସତ୍ତା ନିଜକୁ ଉଚ୍ଚମାନସ ସ୍ତରରେ ଥିବା ନିଜ ବାସ୍ତବ ଉଚ୍ଚତର କାରଣ ଶରୀର ମଧ୍ୟକୁ ଫେରାଇ ନିଏ। ଏହା ହିଁ ଜୀବାତ୍ମା, ଯାହା ଅଗଣିତବାର ଜନ୍ମ ନେଇ ସମସ୍ତ ଦୁଃଖ-ସୁଖର ଅନୁଭବ ମଧ୍ୟରେ ଗତି କରିଥାଏ ।

ଏହାପରେ ଏକ ଆନନ୍ଦମୟ ସମୟ ଆସେ, ଯେତେବେଳେ କି ପ୍ରତ୍ୟେକେ ପାର୍ଥିବ ଜୀବନକାଳରେ ନିଜ ଭିତରେ ନିଜେ ସୃଷ୍ଟି କରିଥିବା ସ୍ୱର୍ଗର ସୁଖକୁ ଭୋଗ କରିଥାନ୍ତି। ଏହି ସମୟରେ ବ୍ୟକ୍ତିସତ୍ତା ନିଜର ସାରସତ୍ତା (essential being) ରେ ରହିଥାଏ। ଆଦର୍ଶ, ନିଃସ୍ୱାର୍ଥ ପ୍ରେମ ଓ ସେବା ଅଥବା କଳାତ୍ମକ ସୃଷ୍ଟି, ଏହା ସବୁକିଛିର ପୂର୍ଣ୍ଣତାର ପରିଣାମର ସମୟ। ଏହା ସମ୍ବନ୍ଧରେ ଶାଶ୍ୱତତାର ଧାରଣା ପୋଷଣ କରିବାର କାରଣ ଏହି ଯେ, ଯେଉଁ ଅବସ୍ଥାରେ ଏପରି ହୋଇଥାଏ, ତାହା ଆପେକ୍ଷିକ ଭାବରେ ସ୍ଥାୟୀ ଓ ସମୟ-ସୀମାର ଅତୀତ। ପୃଥିବୀବାସୀ ମଣିଷଙ୍କ ଭିତରୁ ଅତି ଅଳ୍ପ କେତେ ଜଣ ବୌଦ୍ଧିକ ଓ ଆତ୍ମିକ ଜଗତରେ (Upon Buddhic and Atmic Planes) ସଚେତନ ଭାବେ ଜାଗ୍ରତ ରହିପାରନ୍ତି। ଆତ୍ମିକ ଜଗତର ଊର୍ଦ୍ଧ୍ୱରେ ଅନୁପାଦକ ଲୋକ (Monadic Plane) ଓ ଆଦି ଲୋକ (Divine Plane)ର ସ୍ଥିତି। ଜୀବାତ୍ମା ରୂପୀ ଦିବ୍ୟ-ସ୍ଫୁଲିଙ୍ଗ (The Divine Spark) ଚୈତନ୍ୟମୟ ଅବସ୍ଥାରେ ଥାଏ, ଯେଉଁଠି ବିଶ୍ୱଜାଗତିକ (Universal) ଓ ନିର୍ଦ୍ଦିଷ୍ଟ ସତ୍ତା (Particular), ଆତ୍ମା ଓ ଅନାତ୍ମ ଏକ ଓ ଅଭିନ୍ନ। କିଛି କାଳ ପରେ ଯେତେବେଳେ ଜୀବାତ୍ମା ନିଜର ପ୍ରକୃତ ଅବସ୍ଥାରେ ରହିଥାଏ, ଗତ ପାର୍ଥିବ ଜୀବନର ବ୍ୟକ୍ତିସତ୍ତାର ବିବିଧ ଅନୁଭୂତି ଉପରେ ଧ୍ୟାନ କରିଥାଏ ଓ ସେଥିରୁ ଲାଭ କରିଥିବା ଶିକ୍ଷାକୁ ଆତ୍ମୀକୃତ କରିଥାଏ। ସେ ଆଗକୁ ଆହୁରି ଆହୁରି ଅନୁଭୂତି-ଅଭିଜ୍ଞତା ଅର୍ଜନ ପାଇଁ ଇଚ୍ଛା କରେ ଓ ସେଥିପାଇଁ ତାକୁ ଏକ ନୂତନ ବ୍ୟକ୍ତିସତ୍ତାର ଆବରଣ ଗ୍ରହଣ କରିବାକୁ ହୁଏ। ଆତ୍ମା (Spirit) ନିଜର ସମୁଦାୟ ଅତୀତ ଓ ଭବିଷ୍ୟତକୁ ସଂକ୍ଷେପରେ ଅବଲୋକନ କରିପାରେ ଓ ପୁଣି ଜନ୍ମ ନେବା ପାଇଁ ଅଗ୍ରସର ହୁଏ। କାରଣ

ସେ ନିଜର ଅପୂର୍ଣ୍ଣତାକୁ ଉପଲବ୍ଧି କରିପାରେ। ତା' ଭିତରେ ଆହୁରି ଅଧିକ ଅନୁଭୂତି ଅର୍ଜନ କରିବା ପାଇଁ ଆଉ ଏକ ବ୍ୟକ୍ତିସତ୍ତା (Personality) ର ଉପସ୍ଥାପନ ପାଇଁ ପ୍ରେରଣା ଜାଗେ।

ନିମ୍ନତର ଶରୀର ବା ମାଧ୍ୟମଗୁଡ଼ିକର ମୃତ୍ୟୁରେ ନିମ୍ନତର ସ୍ତରଗୁଡ଼ିକୁ ପରିତ୍ୟାଗ କରିବା ଦ୍ୱାରା ସେଗୁଡ଼ିକ ସହିତ ଜୀବାତ୍ମାର ସମ୍ପର୍କ ସମ୍ପୂର୍ଣ୍ଣ ରୂପେ ଶିଥିଳ ହୋଇଯାଏ ନାହିଁ। ସେସବୁ ସ୍ତରକୁ ଛାଡ଼ିଲା ବେଳେ ସେ ସେହିସେହି ସ୍ତରର ଉପାଦାନରେ ନିର୍ମିତ ଗୋଟିଏ ଗୋଟିଏ ସ୍ଥାୟୀ-ପରମାଣୁ ଛାଡ଼ି ଯାଇଥାଏ, ଯାହା ଭିତରେ ତା'ର ସମସ୍ତ ପୂର୍ବବର୍ତ୍ତୀ ଜୀବନକାଳରେ ଅର୍ଜିତ କ୍ଷମତାର ସାର ନିହିତ ଥାଏ। ସେହି ସ୍ଥାୟୀ ପରମାଣୁସମୂହକୁ ଆଧାର କରି ଜୀବାତ୍ମା (Individuality) ଏକ ନୂତନ ବ୍ୟକ୍ତିରୂପ (Personality) ଉପସ୍ଥାପନ କରେ, ଯାହା ପରବର୍ତ୍ତୀ ଜନ୍ମ ପାଇଁ ଯୋଜନା କରାଯାଇଥିବା ବିଶେଷ ଗୁଣଗୁଡ଼ିକର ଅଭିବୃଦ୍ଧି ପାଇଁ ସର୍ବାଧିକ ଅନୁକୂଳ ହୋଇଥାଏ। ଏହା ଯାଦୃଚ୍ଛିକ ଭାବରେ ହୋଇ ନ ଥାଏ; ଅଲଙ୍ଘନୀୟ ନିୟମର ବଶବର୍ତ୍ତୀ ହୋଇ ସଂଘଟିତ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତିର ପୂର୍ବ ଓ ପରଜନ୍ମ ଭିତରେ ସମୟର ପାର୍ଥକ୍ୟ ତା'ର ବିକାଶର ଅବସ୍ଥା ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ। ସ୍ୱଳ୍ପ ବିକଶିତ ଜୀବାତ୍ମାମାନଙ୍କର ପୁନର୍ଜନ୍ମ ଶୀଘ୍ରଶୀଘ୍ର ହୋଇଥାଏ। ମାତ୍ର ବିକଶିତ ଜୀବାତ୍ମାମାନଙ୍କର ପୁନର୍ଜନ୍ମ ଦୀର୍ଘକାଳ, ଏପରିକି ହଜାର ହଜାର ବର୍ଷ ବ୍ୟବଧାନରେ ହୋଇପାରେ।

ଏକ ନୂତନ ବ୍ୟକ୍ତିରୂପ (Personality) ର ନିର୍ମାଣ ଲାଗି ପ୍ରଥମେ ମାନସରୂପର ଉପାଦାନ ଏକତ୍ରିତ ହୁଏ। ଭାବକୈନ୍ଦ୍ରିକ ଜୀବନ (emotional life) ରୁ ଭାବ ଶରୀର (Astral body) ପ୍ରସ୍ତୁତ ହୁଏ। ଶେଷରେ ସ୍ଥୂଳଶରୀରର ଭ୍ରୂଣ ଗଢ଼ି ଉଠେ। କ୍ରମେ ମନୁଷ୍ୟର ଜୀବାତ୍ମା ଏହାକୁ ଅଧିକାର କରିଥାଏ।

ଲୋକମାନେ ଅବିବେକ, ନ୍ୟାୟବୋଧହୀନ ଓ ଆତ୍ମକେନ୍ଦ୍ରୀ।

ତଥାପି ତାଙ୍କୁ ଭଲପାଅ।

ତୁମେ ଯଦି କିଛି ଭଲ କାମ କରିବ, ଲୋକେ ତୁମକୁ ସ୍ୱାର୍ଥପର, ମତଲବୀ ବୋଲି କହିପାରନ୍ତି।

ତଥାପି ଭଲ କାମ କରିଚାଲ।

ଯଦି ତୁମେ ସାଫଲ୍ୟର ଅଧିକାରୀ ହୁଅ, ତେବେ ଅନେକ ଛଦ୍ମ ମିତ୍ର ଓ ପ୍ରକୃତ ଶତ୍ରୁ ଉପୁଜିବେ।

ତଥାପି ସଫଳତା ଅର୍ଜନ କର।

ତୁମେ କରିଥିବା ଭଲ କାମକୁ ଲୋକେ ଆଗାମୀ କାଲି ଭୁଲି ଯିବେ।

ତଥାପି ଭଲ କାମ କର।

ସଚ୍ଚୋଟପଣିଆ ଓ ଅକପଟ ସ୍ପଷ୍ଟବାଦିତା ତୁମକୁ ହୁଏତ ସମାଲୋଚିତ ବା ଅସୁରକ୍ଷିତ (vulnerable) କରିଦେବ।

ତଥାପି ସଚ୍ଚୋଟ ଓ ସ୍ପଷ୍ଟବାଦୀ ହୁଅ।

ତୁମେ ଅନେକ ବର୍ଷର ପ୍ରୟାସ ଦ୍ୱାରା ଯାହା ଗଢ଼ିଛ, ତାହା ରାତାରାତି ନଷ୍ଟ ହୋଇଯାଇପାରେ ।

ତଥାପି ଗଢ଼ିଚାଲ।

ସାହାଯ୍ୟ ଦରକାର କରୁଥିବା ଲୋକ ବି ତୁମେ ସହାୟତା କରିବାକୁ ଗଲେ ତୁମକୁ ଆକ୍ରମଣ କରିପାରନ୍ତି ।

ତଥାପି ସାହଯ୍ୟ କର ।

ସଂସାର ପାଇଁ ତୁମର ଶ୍ରେଷ୍ଠ ଅବଦାନ ସତ୍ତ୍ୱେ ତୁମକୁ ଦାରୁଣ ଆଘାତ ଓ ଅନ୍ୟାୟର ଶିକାର ହେବାକୁ ପଡ଼ିପାରେ।

ତଥାପି ସଂସାରକୁ ତୁମର ଶ୍ରେଷ୍ଠ ଅବଦାନ ଦେବାରେ କାର୍ପଣ୍ୟ ନକରି, ଦେଇଚାଲ।

## କର୍ମ

କାର୍ଯ୍ୟ-କାରଣ ନିୟମ ଦ୍ୱାରା ପୁନର୍ଜନ୍ମ ଲାଭ ପ୍ରକ୍ରିୟା ପରିଚାଳିତ ହୋଇଥାଏ, ଯାହାକୁ କର୍ମବାଦ ବା କର୍ମର ନିୟମ ବୋଲି କୁହାଯାଏ। (ଯାହା କର୍ମବାଦ ଭାବରେ ଅଭିହିତ)। ସମସ୍ତ 'କର୍ମ' ପୂର୍ବବର୍ତ୍ତୀ କାରଣରୁ ଉତ୍ପନ୍ନ ହୋଇଥାଏ। ପୁଣି ଏହି ପରିଣାମ ଭବିଷ୍ୟତର ଅନ୍ୟ ପରିଣାମର ହେତୁ ହୋଇଯାଏ। ଏହି କାରଣ ଓ ପରିଣାମର

ଧାରଣା କର୍ମବାଦର ଏକ ଅନିବାର୍ଯ୍ୟ ଅଙ୍ଗ। 'କର୍ମ' ଶବ୍ଦଟି ମଣିଷର କାର୍ଯ୍ୟଧାରାକୁ ସମ୍ପନ୍ନ କରାଉଥିବା କାରଣ ଓ ପରିଣାମର ନିରବଚ୍ଛିନ୍ନ ଶୃଙ୍ଖଳାକୁ ବୁଝାଇଥାଏ। ତେଣୁ ବେଳେବେଳେ ଲୋକେ କହନ୍ତି, "ଏହା ତ ମୋର କର୍ମ", ଅର୍ଥାତ୍ ମୁଁ ଅତୀତରେ କରିଥିବା କର୍ମର ଫଳ।

ପ୍ରକୃତରେ ଆକସ୍ମିକ ବା ଅକସ୍ମାତ୍ ହୋଇଗଲା ବୋଲି କିଛି ନଥାଏ। ଘଟୁଥିବା ପ୍ରତ୍ୟେକ ଘଟଣାର ପୂର୍ବବର୍ତ୍ତୀ କୌଣସି ନା କୌଣସି କାରଣ ଥାଏ, ପରବର୍ତ୍ତୀ କିଛି ପରିଣାମ ମଧ୍ୟ ଥାଏ। ପ୍ରତ୍ୟେକ ଚିନ୍ତା ବା ଭାବନା, କାର୍ଯ୍ୟ, ପରିସ୍ଥିତିର କାରଣ ବିଗତ ସମୟରେ ନିହିତ ଥାଏ; ପୁଣି ତାହା କାରଣ ହୋଇ ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରିଥାଏ। କିନ୍ତୁ ଆମର ଅଜ୍ଞାନତା ଆମର ଦୃଷ୍ଟିକ୍ଷମତାକୁ ଆବୃତ କରିଥିବା ହେତୁ ଆମେ ଅତୀତ ଓ ଭବିଷ୍ୟତ ଉଭୟକୁ ଦେଖିବରେ ଅକ୍ଷମ ହୋଇ ଘଟୁଥିବା ଘଟଣାକୁ ଶୂନ୍ୟରୁ ଆସିଲା ପରି ଆକସ୍ମିକ ବୋଲି ମନେ କରିଥାଉଁ। କିନ୍ତୁ ଏପରି ଭ୍ରାନ୍ତ ଚିନ୍ତା ପୂର୍ଣ୍ଣତଃ ଅଜ୍ଞତାପ୍ରସୂତ। ଅସଭ୍ୟ (Savage) ମଣିଷଙ୍କ ପରି ଭୌତିକଜଗତର ନିୟମସମୂହ ସମ୍ପର୍କରେ ଅବଗତ ନଥିବା ମଣିଷମାନେ ମଧ୍ୟ ଘଟୁଥିବା ଘଟଣାଗୁଡ଼ିକୁ ଅକାରଣ (କାରଣ ବିହୀନ), ରହସ୍ୟପ୍ରସୂତ ଓ ସୌଭାଗ୍ୟ କିମ୍ବା ଦୁର୍ଭାଗ୍ୟ ବୋଲି ଧରି ନେଇଥାନ୍ତି।

ପ୍ରଥମେ ଯେତେବେଳେ ଏହି ଅପରିବର୍ତ୍ତନୀୟ, ଅଲଙ୍ଘ୍ୟ ନିୟମର ଧାରଣା ମନକୁ ପ୍ରଭାବିତ କରେ, ଏକ ପ୍ରକାରର ଅସହାୟତାବୋଧ ଆସିପାରେ, ନୈତିକ ଓ ମାନସିକ କ୍ରିୟାହୀନତାର ଅବସ୍ଥା ଆକ୍ରାନ୍ତ କରିପାରେ। ମଣିଷ ନିୟତିର ଲୌହଶୃଙ୍ଖଳରେ ଦୃଢ଼ ଭାବେ ବାନ୍ଧି ହୋଇଥିଲା ପରି ରହିଥାଏ, ଭାଗ୍ୟକୁ ଆଦରି ନେଇଥାଏ। ଧୀରେ ଧୀରେ ସେ ଜାଣେ ଯେ ପ୍ରକୃତିର ନିୟମ କେବଳ ତା'ର ପରିସ୍ଥିତି ଓ ପରିବେଶକୁ ଗଢ଼ିଥାଏ, କାର୍ଯ୍ୟର ଧାରା ତିଆରି କରି ନ ଥାଏ। ଅତଏବ, ମଣିଷ ନିଜେ ହିଁ ଏହାର କେନ୍ଦ୍ରରେ ରହିଥାଏ। ତା'ର ବାହ୍ୟ କାର୍ଯ୍ୟ ଜାଗତିକ ପରିସ୍ଥିତି ଦ୍ୱାରା ସୀମାବଦ୍ଧ ବା ନିୟନ୍ତ୍ରିତ ହୋଇଥାଏ। କୁହାଯାଏ ଯେ, "ତୁମେ କାହାର ସମ୍ମୁଖୀନ ହେବ, ତାହା ନିର୍ଦ୍ଧାରିତ; କିନ୍ତୁ କିପରି ସମ୍ମୁଖୀନ ହେବ (ଅର୍ଥାତ୍ ସମ୍ମୁଖୀନ ହେଲା ବେଳେ ତୁମର କ୍ରିୟା-ପ୍ରତିକ୍ରିୟା କିପରି ହେବ) ତାହା ତୁମ ଉପରେ ନିର୍ଭର କରେ।"

ସତ କହିବାକୁ ଗଲେ ଅପରିବର୍ତ୍ତନୀୟ, ଅଲଙ୍ଘନୀୟ ନିୟମ ହେତୁ ହିଁ ଭୌତିକ ଜଗତରେ ବିଜ୍ଞାନର ଅଗ୍ରଗତି ସମ୍ଭବ ହୋଇଛି। ପ୍ରାକୃତିକ ନିୟମ ନ ଥିଲେ ବିଜ୍ଞାନ ବି ନ ଥା'ନ୍ତା। ପ୍ରକୃତିର ନିୟମ ସମ୍ପର୍କରେ ବୈଜ୍ଞାନିକ ଅନୁସନ୍ଧାନ ବା ଗବେଷଣାରୁ ଲବ୍ଧ ପ୍ରତିଟି ନୂତନ ଆବିଷ୍କାର ବା ନୂତନ ଜ୍ଞାନ ଏକ ନୂଆ ପ୍ରତିବନ୍ଧକ ନୁହେଁ, ବରଂ ଏକ ନୂଆ ଶକ୍ତି। କାହିଁକି ନା, ପ୍ରକୃତିର ଶକ୍ତିକୁ ସେ ଯେତିକି ବୁଝେ, ତାକୁ ସେହି ଅନୁପାତରେ ଉପଯୋଗ କରିବାରେ ସମର୍ଥ ହୁଏ। ସେହି ହେତୁ "ଜ୍ଞାନ ହିଁ ଶକ୍ତି" ବୋଲି କୁହାଯାଇଛି। କାରଣ ନିଜର ଜ୍ଞାନ ବଳରେ କେଉଁ ଶକ୍ତିକୁ କେତେ ପରିମାଣରେ କିପରି ଉପଯୋଗ କରିବ, କେଉଁ ଶକ୍ତିକୁ କାହାର ବିପରୀତ ଭାବରେ ପ୍ରୟୋଗ କରିବ, ତା'ର ଉଦ୍ଦେଶ୍ୟକୁ ବ୍ୟାହତ କରୁଥିବା ଶକ୍ତିକୁ କିପରି ଅକାମୀ କରିପାରିବ, ପରିଣାମରେ ପହଞ୍ଚିବା ପୂର୍ବରୁ ସେ ସେସବୁର ହିସାବ କରିପାରେ ଓ ପୂର୍ବରୁ ଆକଳନ କରିଥିବା ଅନୁଯାୟୀ ଫଳ ଲାଭ କରିପାରେ।

ଭୌତିକ ସ୍ତରରେ ଯେଉଁ ନିୟମ ସତ୍ୟ ବା ବାସ୍ତବ, ତାହା ନୈତିକ ଓ ମାନସିକ ସ୍ତରରେ ମଧ୍ୟ ସତ୍ୟ, ଅର୍ଥାତ୍ ସେହିପରି କାମ କରିଥାଏ। ସେ କ୍ଷେତ୍ରରେ ବି ଜ୍ଞାନହୀନ ବ୍ୟକ୍ତି କ୍ରୀତଦାସ ତୁଲ୍ୟ ଓ ଜ୍ଞାନୀ ବା ସନ୍ଥ ହିଁ ସମ୍ରାଟ। ସେ କ୍ଷେତ୍ରରେ ମଧ୍ୟ ଅପରିବର୍ତ୍ତନୀୟତା, ଅଲଙ୍ଘ୍ୟତା ମଣିଷକୁ ଅକ୍ଷମ ବା ଅସମର୍ଥ କରିଦିଅନ୍ତି, ନିଶ୍ଚିତ ଅଗ୍ରଗତି ଓ ଭବିଷ୍ୟ ସମ୍ପର୍କିତ ସ୍ୱଚ୍ଛ ଦୃଷ୍ଟିକୁ ପ୍ରଭାବିତ କରନ୍ତି। ମଣିଷ ନିଜେ ହିଁ ନିଜ ଭାଗ୍ୟର ପ୍ରଭୁ ବା ନିର୍ମାତା, ଏହା ପ୍ରକୃତିର ନିୟମ। କାରଣ, ଭାଗ୍ୟ ନିୟମର ଅଧୀନ। ଯେଉଁଠି ଜ୍ଞାନ ଆତ୍ମାର ବିଜ୍ଞାନକୁ ଉଜାଗର କରିପାରେ ଓ ମଣିଷ ହାତରେ ତା'ର ନିଜ ଭବିଷ୍ୟତକୁ ନିୟନ୍ତ୍ରଣ କରିବାର, ନିଜ ଭବିଷ୍ୟତ ଚରିତ୍ର ଓ ଭବିଷ୍ୟତର ପରିସ୍ଥିତି-ପରିବେଶ ନିର୍ଦ୍ଧାରଣ କରିବାର ଅଧିକାର ଦେଇଥାଏ।

ସାଧାରଣ ଜୀବନରେ ମଣିଷ ସେ ରହିଥିବା ତିନିଟି ସ୍ତର ସହ ସମ୍ପୃକ୍ତ ତିନି ପ୍ରକାର ଶକ୍ତିର ପ୍ରେରଣ କରିଥାଏ; ମାନସିକ ସ୍ତରରେ ମାନସିକ ଶକ୍ତି, ଯାହା ଚିନ୍ତାର ହେତୁ, ଭାବଜଗତରେ ଇଚ୍ଛାଶକ୍ତି, ଯାହା ଇଚ୍ଛା ବା କାମନାର ହେତୁ; ଏ ଉଭୟ ଶକ୍ତିଦ୍ୱାରା ଜାଗରିତ ଶାରୀରିକ ଶକ୍ତି, ଯାହା ଭୌତିକ ସ୍ତରରେ କାର୍ଯ୍ୟ

କରିବାର ହେତୁ ହୋଇଥାଏ। ତା'ପରେ, ମନେ ରଖିବା ଦରକାର ଯେ ପ୍ରତ୍ୟେକ ଶକ୍ତି ତା'ର ନିଜ ସ୍ତରରେ କାର୍ଯ୍ୟ କରିଥାଏ ଓ ନିଜ ତୀବ୍ରତାର ଅନୁପାତରେ ତା'ର ତଳ ସ୍ତରରେ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଯେଉଁ ସ୍ତରରେ ଶକ୍ତି ଉତ୍ପନ୍ନ ହୋଇଥାଏ, ସେହି ସ୍ତରର ବିଶେଷଗୁଣ ବା ଲକ୍ଷଣ ପ୍ରାପ୍ତ ହୋଇଥାଏ; କିନ୍ତୁ ଯେଉଁ ନିମ୍ନତର ସ୍ତରରେ ପ୍ରତିକ୍ରିୟା ଦେଖାଇଥାଏ, ସେହି ସ୍ତରର ସୂକ୍ଷ୍ମ କିମ୍ବା ସ୍ଥୁଳ ଉପାଦାନ ସମୂହରେ ନିଜ ମୌଳିକ ସ୍ୱଭାବ ଅନୁଯାୟୀ କମ୍ପନ ସୃଷ୍ଟି କରିଥାଏ। କାର୍ଯ୍ୟ ପଛରେ ନିହିତ ଉଦ୍ଦେଶ୍ୟ କେଉଁ ସ୍ତରରେ ତାହା କାମ କରିବ, ତାକୁ ନିର୍ଦ୍ଧାରଣ କରିଥାଏ ।

ତା'ପରେ ବିବିଧ ପ୍ରକାର କର୍ମ ମଧ୍ୟରେ ପାର୍ଥକ୍ୟକୁ ଜାଣିବା ଆବଶ୍ୟକ। ଯେଉଁ କର୍ମ ପରିପକ୍ୱ ଅବସ୍ଥା ପ୍ରାପ୍ତ ହୋଇ ଉପସ୍ଥିତ ଜୀବନ କାଳରେ (ନିର୍ଦ୍ଦିଷ୍ଟ ଜନ୍ମର ଜୀବନକାଳରେ) ଅନିବାର୍ଯ୍ୟ ଘଟଣା ରୂପେ ଭୋଗ କରିବାକୁ ଥାଏ, ତାହାକୁ ପ୍ରାରବ୍ଧ ବୋଲି କୁହାଯାଏ। ଚାରିତ୍ରିକ କର୍ମ (Karma of Character), ଯାହା ପୂର୍ବପୂର୍ବ ଜନ୍ମର ଜୀବନକାଳରେ ଅର୍ଜିତ ଅନୁଭୂତିରୁ ସଂଜାତ ପ୍ରବୃତ୍ତି ରୂପେ ରହିଥାଏ ଓ ଜୀବାତ୍ମା ନିଜର ସେହି ପୂର୍ବଜନ୍ମାର୍ଜିତ ଶକ୍ତି ବଳରେ ଯାହାକୁ ଏହି ଜନ୍ମରେ ପରିବର୍ତ୍ତିତ କରିପାରେ, ତାହା ସଞ୍ଚିତ କର୍ମ। ଯେଉଁ କର୍ମ ବର୍ତ୍ତମାନ କରାଯାଉଛି, ଭବିଷ୍ୟତର ଘଟଣା ତଥା ଚରିତ୍ରର ଉତ୍ପତ୍ତିର କାରଣ ସେହି ସବୁ କର୍ମ କ୍ରିୟମାଣ କର୍ମ ରୂପେ ଅଭିହିତ ହୁଏ।

ଆହୁରି ମଧ୍ୟ ବୁଝିବାକୁ ହେବ ଯେ ଜଣେ ବ୍ୟକ୍ତି ଯେତେବେଳେ ନିଜର ବ୍ୟକ୍ତିଗତ କର୍ମ କରିଥାଏ। ସେ ନିଜକୁ ଅନ୍ୟମାନଙ୍କ ସହିତ ମଧ୍ୟ ସମ୍ପୃକ୍ତ କରିଦିଏ। ସେହି ସୂତ୍ରରେ ସେ ପରିବାର, ରାଷ୍ଟ୍ର, ଜାତି ଆଦି ବିଭିନ୍ନ ସାମୂହିକ ବର୍ଗର ଅଙ୍ଗରେ ପରିଣତ ହୋଇଥାଏ। ଜଣେ ସଦସ୍ୟ ଭାବରେ ସେ ସେହି ବର୍ଗଗୁଡ଼ିକର ସାମୂହିକ କର୍ମର ଅଂଶୀଦାର ମଧ୍ୟ ହୋଇଥାଏ।

ସର୍ବୋପରି ମନେ ରଖିବାକୁ ହେବ ଯେ, ପୁଙ୍ଖାନୁପୁଙ୍ଖ ଭାବେ ବୁଝିଥାଉ ବା ନ ଥାଉ, ପ୍ରତ୍ୟେକ ବ୍ୟକ୍ତି ନିଜର କ୍ଷମତା ଓ ଅବସ୍ଥାର ସୀମା ଅନୁସାରେ ନିଜର କର୍ମ ତିଆରି କରିଥାଏ। ନିଜ ଅର୍ଜିତ ସେହି କ୍ଷମତା ଓ ଅବସ୍ଥାର ପରିସୀମା ମଧ୍ୟରେ ସେହି ସ୍ୱୟଂ ଜୀବାତ୍ମା ହିଁ ଆବଦ୍ଧ ରହିଥାଏ; ଯେକୌଣସି ସମୟରେ

ସେ ସେହି କ୍ଷମତାର ବୃଦ୍ଧି ବା ହ୍ରାସ କରାଇପାରେ, ତା'ର ପରିସୀମାକୁ ପ୍ରସାରିତ ବା ସଂକୁଚିତ କରାଇପାରେ। ତାକୁ ବାନ୍ଧି ରଖିଥିବା ଶୃଙ୍ଖଳଗୁଡ଼ିକ ତା' ନିଜ ଦ୍ୱାରା ନିର୍ମିତ। ସେ ନିଜେ ହିଁ ତାକୁ ଠିକ୍ ଭାବେ ସଜାଡ଼ି (ଶିଥିଳ କରି) ଦେଇପାରେ କିମ୍ବା ଅଧିକ ଦୃଢ଼ ଭାବେ ଯୋଡ଼ି ଦେଇପାରେ। ସେ ଯେଉଁ ଘରେ ରହେ, ତାହା ତା'ର ନିଜ ତିଆରି; ସେ ତା'ର ଅବସ୍ଥାରେ ଉନ୍ନତି ଆଣିପାରେ ତାକୁ ନଷ୍ଟ ହେବାକୁ ଛାଡ଼ି ଦେଇପାରେ, କିମ୍ବା ନିଜ ଇଚ୍ଛା ମତେ ସେଥିରେ ପରିବର୍ତ୍ତନ ଆଣି ନୂଆ ରୂପରେ ଗଢ଼ିପାରେ। ଆମେ ସବୁବେଳେ ପ୍ଲାଷ୍ଟିକ୍ କାଦୁଅ ଘେନି କାମ କରିଥାଉଁ, ତାକୁ ଆମ ଇଚ୍ଛା ଅନୁଯାୟୀ ରୂପ ଦେଇପାରୁ; କିନ୍ତୁ ସେହି କାଦୁଅ ଶୁଖିଗଲା ପରେ ଲୁହା ପରି ଟାଣ ହୋଇଯାଏ, ଆମେ ତାକୁ ଯେଉଁ ରୂପ ଦେଇଥାଉଁ ସେହି ରୂପରେ ହିଁ ରହିଯାଏ।

କୌଣସି କର୍ମର କର୍ତ୍ତା ତିନି ପ୍ରକାରର କାରଣ ଉତ୍ପନ୍ନ କରିଥା'ନ୍ତି, ଯାହାର ପରିଣାମ ତାଙ୍କୁ ଓ ତାଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ଲୋକମାନଙ୍କୁ ଭୋଗ କରିବାକୁ ପଡ଼ିଥାଏ। ମଣିଷର କର୍ମ ପଛରେ ନିହିତ ସବୁଠାରୁ ଶକ୍ତିଶାଳୀ କାରଣ ହେଉଛି ଚିନ୍ତା। କାରଣ ଏଥିରେ (ଚିନ୍ତାରେ) ଆତ୍ମା (SELF) ର ଶକ୍ତି ମାନସ-ଉପାଦାନରେ କ୍ରିୟାଶୀଳ ଥାଏ, ଯେଉଁ ଉପାଦାନର ସୂକ୍ଷ୍ମତମ ଅଂଶ (Finer Kind) ସ୍ୱତନ୍ତ୍ର ମାଧ୍ୟମ (Vehicle) ସୃଷ୍ଟି କରିଥାଏ ଓ ସ୍ଥୁଳତର ଅଂଶ ମଧ୍ୟ ଆତ୍ମ-ସଚେତନତ୍ୱ (Self-Consciousness) ର ପ୍ରତିଟି କମ୍ପନର ପ୍ରତିକ୍ରିୟା ସଙ୍ଗେସଙ୍ଗେ ଦେଖାଇଥାଏ। ଯେଉଁ କମ୍ପନକୁ ଆମେ ଚିନ୍ତା ବୋଲି କହୁ, ଚିନ୍ତା କରୁଥିବା ବ୍ୟକ୍ତିର ସେହି ତତ୍କାଳିକ କ୍ରିୟା ମାନସିକ ରୂପମାନ ସୃଷ୍ଟି କରିଥାଏ, ଯାହା ତା'ର ମାନସ-ଶରୀରର ରୂପ ଗଠନ କରିଥାଏ।

ପ୍ରତିଟି ଚିନ୍ତା ମାନସ-ଶରୀରରେ ପରିବର୍ତ୍ତନ ଆଣିଥାଏ। ପର ପର ଜନ୍ମଗୁଡ଼ିକର ମାନସିକ ଶକ୍ତି ବା ମାନସିକ କ୍ଷମତା ପୂର୍ବପୂର୍ବ ଜନ୍ମଗୁଡ଼ିକର ଚିନ୍ତାସମୂହ ଉପରେ ନିର୍ଭର କରିଥାଏ। କୌଣସି ମଣିଷର ଚିନ୍ତାଶକ୍ତି, ମାନସିକ ଦକ୍ଷତା ତା'ର ନିଜସ୍ୱ ଧୈର୍ଯ୍ୟପୂର୍ବକ ପୁନଃପୌନିକ ଚିନ୍ତନରୁ ହିଁ ଗଢ଼ିଉଠିଥାଏ। ଅନ୍ୟ ପକ୍ଷରେ, ଏହି ପ୍ରକ୍ରିୟାରେ ସୃଷ୍ଟି ହୋଇଥିବା କୌଣସି ମାନସ-ରୂପ ନଷ୍ଟ ହୋଇଯାଏ ନାହିଁ; ବରଂ ମାନସିକ ସକ୍ଷମତା ରୂପେ ରହିଥାଏ। କୌଣସି ନିର୍ଦ୍ଦିଷ୍ଟ ପ୍ରକାରର ମାନସ-

ରୂପସମୂହ ଏକତ୍ର ହୋଇ ଏକ ପ୍ରକାରର ଦକ୍ଷତାରେ ପରିଣତ ହୁଅନ୍ତି, ଯାହା ଅଧିକ ଅଧିକ ସମାନ ପ୍ରକାରର ଚିନ୍ତା ବା ମାନସ-ରୂପ ଦ୍ୱାରା ଆହୁରି ଅଧିକ ବଳବତ୍ତର ହୋଇଥାଏ। ଏକଥା ଜାଣିଗଲେ ମଣିଷ ଧୀରେ ଧୀରେ ନିଜ ଚରିତ୍ରକୁ ନିଜ ଇଚ୍ଛା ମତେ ନିର୍ମାଣ କରିପାରେ।

ମୃତ୍ୟୁ ଏହି ପ୍ରକ୍ରିୟାକୁ ବନ୍ଦ କରି ଦିଏ ନାହିଁ। କିନ୍ତୁ ମଣିଷକୁ ଶରୀରର ବୋଝରୁ ମୁକ୍ତ କରି ମାନସ-ରୂପଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ପ୍ରକାର କ୍ଷମତା (ଦକ୍ଷତା) ରୂପେ ଗଢ଼ିବାର ପ୍ରକ୍ରିୟାକୁ ସହଜ ବା ସୁଗମ କରିଦିଏ ଓ ପରବର୍ତ୍ତୀ ଜନ୍ମରେ ଭୌତିକ ସ୍ତରରେ ତାହାକୁ ଫେରାଇ ଆଣିଥାଏ। ନୂତନ ଶରୀରର ମସ୍ତିଷ୍କର ଅଂଶ ସେହି କ୍ଷମତାକୁ କାର୍ଯ୍ୟରେ ଲଗାଇବା ପରି ନିର୍ମିତ ହୋଇଥାଏ। ଏହି ପ୍ରକାରର କ୍ଷମତାଗୁଡ଼ିକ ସମ୍ମିଳିତ ହୋଇ ତା'ର ପରବର୍ତ୍ତୀ ପାର୍ଥିବ ଜୀବନ ପାଇଁ ମାନସ-ଶରୀର ଗଠନ କରିଥା'ନ୍ତି। ତା'ର ମସ୍ତିଷ୍କ ଓ ସ୍ନାୟବିକ ପ୍ରଣାଳୀ ଭୌତିକ ଜଗତରେ ସେହି ସବୁର ପରିପ୍ରକାଶ।

ଏହିପରି ଭାବରେ ଆମର ଚିନ୍ତାସମୂହ ଆମ ଭିତରେ ସୃଷ୍ଟି କରୁଥିବା କ୍ରିୟା-ପ୍ରତିକ୍ରିୟାରୁ ହିଁ ଆମର ମାନସିକ ଓ ନୈତିକ ଚରିତ୍ରର ନିର୍ମାଣ ହୋଇଥାଏ। ସେହିସବୁ ଚିନ୍ତାର ଅନ୍ୟମାନଙ୍କ ଉପରେ ପ୍ରଭାବରୁ ଆମ ସହିତ ସମ୍ପୃକ୍ତ ହେବା ପାଇଁ ମଣିଷମାନେ ମଧ୍ୟ ଖଞ୍ଜା ହୋଇଥା'ନ୍ତି।

ଦ୍ୱିତୀୟ ମହାଶକ୍ତି (ବଳବତୀ ଶକ୍ତି)ଟି ଆମର ଇଚ୍ଛା ସମୂହ ଦ୍ୱାରା, ଆମକୁ ବାହ୍ୟଜଗତ ଆଡକୁ ଟାଣୁଥିବା ବସ୍ତୁମୁଖିତା (ଭୌତିକ ବସ୍ତୁସମୂହ ପ୍ରତି ଆକର୍ଷଣ) ଦ୍ୱାରା ଗଠିତ। ଇଚ୍ଛା ବା କାମନାଗୁଡ଼ିକ ପାଶବିକ, ମତୁଆଲା, କ୍ରୂର, ଅଶୁଦ୍ଧ ହୋଇଥିଲେ ସେଗୁଡ଼ିକ ସହଜାତ ବା ଆଜନ୍ମ ବ୍ୟାଧି, ଦୁର୍ବଳ ଓ ରୁଗ୍ଣ ମସ୍ତିଷ୍କର କାରଣ ହୋଇଥା'ନ୍ତି। ଏହା ମୂର୍ଚ୍ଛାରୋଗ, ସ୍ତମ୍ଭନ ରୋଗ, ବିଭିନ୍ନ ପ୍ରକାର ସ୍ନାୟବିକ ରୋଗ, ଶାରୀରିକ ବିକଳାଙ୍ଗତା ବା ଅପୂର୍ଣ୍ଣାଙ୍ଗତା ଆଦିର କାରଣ ହୋଇଥାଏ। ଏହା ମାତ୍ରାତିରିକ୍ତ ହୋଇଥିଲେ କୁତ୍ସିତ ଶରୀରର କାରଣ ମଧ୍ୟ ହୋଇଥାଏ।

ଇଚ୍ଛାଗୁଡ଼ିକ ବାହାରର ବସ୍ତୁ ପ୍ରତି ଆକର୍ଷିତ ହେଉଥିବା ବର୍ହିମୁଖୀ ଶକ୍ତି ହୋଇଥିବାରୁ ସେସବୁର ପରିତୃପ୍ତି ପାଇଁ ମଣିଷକୁ ସେହିପରି ବାତାବରଣ ଆଡ଼କୁ

ଆକୃଷ୍ଟ କରାଇଥା'ନ୍ତି। ମଣିଷର ନିଜ ଇଚ୍ଛା ହିଁ ସେ କେଉଁଠି, କେଉଁ ପରିବେଶରେ ଜନ୍ମ ଗ୍ରହଣ କରିବ, ତାହାର ହେତୁ ହୋଇଥାଏ।

ଚିନ୍ତାର ରୂପ ପରି ଇଚ୍ଛାରୁ ସମ୍ଭୂତ (ସୃଷ୍ଟି ହେଇଥିବା) ଭାବ-ମାନସ ରୂପ ସମୂହ ମଧ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରିଥାଏ। ସେଥିପାଇଁ ଆମର ଇଚ୍ଛାଗୁଡ଼ିକ ମଧ୍ୟ ଆମକୁ ଅନ୍ୟ ଜୀବାତ୍ମାମାନଙ୍କ ସହ ପ୍ରେମ ଅଥବା ଘୃଣାର ଦୃଢ଼ ଗ୍ରନ୍ଥିରେ ବାନ୍ଧିଥା'ନ୍ତି। ଏହିପରି ଭାବରେ ସେଗୁଡ଼ିକ ପରବର୍ତ୍ତୀ ଜନ୍ମମାନଙ୍କରେ ମଣିଷକୁ ଘେରି ରହୁଥିବା ପରିବେଶରେ ଅନ୍ୟ ମଣିଷମାନଙ୍କର ସ୍ଥାନ ନିର୍ଦ୍ଧାରିତ କରିଥା'ନ୍ତି। ମଣିଷ ନିଜେ ସେହିସବୁ ବ୍ୟକ୍ତି ଓ ପ୍ରଭାବ ସହିତ ସମ୍ପର୍କ ବିଷୟରେ ସଚେତନ ନ ଥିଲେ ହେଁ ସେସବୁକୁ ତା' ପାଇଁ ଖଞ୍ଜି ଦେଇଥା'ନ୍ତି।

ଭଲ ହେଉ ବା ମନ୍ଦ ହେଉ, ମଣିଷ ଯାହା ପାଇବାର ହକ୍‌ଦାର୍ ନୁହେଁ, ତାହା ତାକୁ ସ୍ପର୍ଶ କରିବା ସମ୍ଭବ ନୁହେଁ। ସ୍ମରଣରେ ଆସେ ନାହିଁ ବୋଲି  ନିୟମ କାର୍ଯ୍ୟକାରୀ ହେବାରେ ବାଧା ଉପୁଜି ନ ଥାଏ ।

ତୃତୀୟ ମହାଶକ୍ତିଟି ଭୌତିକ ସ୍ତରରେ ଶରୀରିକ କାର୍ଯ୍ୟ ଭାବରେ ଦେଖା ଦେଇଥାଏ। ଏହି ଶକ୍ତି ଅନ୍ୟମାନଙ୍କୁ ଅଧିକ ପ୍ରଭାବିତ କରୁଥିବାରୁ ଏହାଦ୍ୱାରା ଅଧିକ କର୍ମ ଉପୁଜିଥାଏ; ମାତ୍ର ଭିତରର ମଣିଷ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ଅତି ଅଳ୍ପ ଥାଏ। ଅବଶ୍ୟ ସମଅନୁପାତରେ ପରୋକ୍ଷ ପ୍ରଭାବ ଉପସ୍ଥିତ ସମୟର ଚିନ୍ତା ଓ ଇଚ୍ଛା ବା ଭାବପ୍ରବଣତାକୁ ପ୍ରଭାବିତ କରିଥାଏ। ତେବେ ସେଗୁଡ଼ିକର ଉତ୍ପତ୍ତିସ୍ଥଳ କାର୍ଯ୍ୟରେ ନୁହେଁ; ସେମାନଙ୍କ ନିଜ କ୍ଷେତ୍ର। କୌଣସି କାର୍ଯ୍ୟର ବାରମ୍ବାର ପୁନରାବୃତ୍ତି ହେଲେ ତାହା ଶରୀରର ଏକ ଅଭ୍ୟାସରେ ପରିଣତ ହୋଇଯାଏ, ଯାହା ବାହ୍ୟଜଗତରେ ଜୀବାତ୍ମାର ପରିପ୍ରକାଶ ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରକାରର ପରିସୀମା ସୃଷ୍ଟି କରିଥାଏ। ତାହା ଅବଶ୍ୟ ସେହି ନିର୍ଦ୍ଦିଷ୍ଟ ଜୀବନ କାଳ ପାଇଁ ପ୍ରାପ୍ତ ଶରୀର ସହିତ ନଷ୍ଟ ହୋଇଯାଏ। ଜୀବାତ୍ମା ସହିତ ତା'ର ସମ୍ପର୍କ ସେତିକି ମାତ୍ର। କିନ୍ତୁ ଯଦି କାର୍ଯ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରେ, ଅନ୍ୟମାନଙ୍କ ସୁଖ ବା ଦୁଃଖର କାରଣ ହୁଏ, ତାହା ଆମକୁ ଅନ୍ୟମାନଙ୍କ ସହିତ ସମ୍ପୃକ୍ତ କରିଦିଏ। ତାହା ଆମ ଭବିଷ୍ୟତ ଜୀବନର ମଣିଷମାନଙ୍କ ସହିତ ସମ୍ପର୍କ ନିର୍ଦ୍ଧାରିତ କରିଦିଏ। ମୋଟାମୋଟି କହିବାକୁ

ଗଲେ ଆମେ ଯେଉଁ ପରିବେଶ ମଧ୍ୟରେ ଜନ୍ମ ନେଉ, ତାହାର ଅନୁକୂଳତା ବା ପ୍ରତିକୂଳତା ଆମେ ପୂର୍ବରୁ କରିଥିବା କାର୍ଯ୍ୟର ପ୍ରଭାବରେ ଅନ୍ୟମାନଙ୍କୁ ମିଳିଥିବା ସୁଖ ବା ଦୁଃଖ ଉପରେ ନିର୍ଭର କରିଥାଏ। ଯଦି ଆମେ ଭୌତିକ ସମ୍ପଦ କିମ୍ବା ସମୟ ଦେଇ କିମ୍ବା କାହାର ଅସୁବିଧା ଦୂର କରି ଅନ୍ୟମାନଙ୍କୁ ଭୌତିକ ସୁଖ ଦେଇଥାଉ, ତେବେ ଆମକୁ ଭୌତିକ ସୁଖ ମିଳିଲା ପରି ଭୌତିକ ପରିବେଶ ମିଳିଥାଏ। ଯଦି ଆମର କାର୍ଯ୍ୟ ଅନ୍ୟମାନଙ୍କୁ କଷ୍ଟ ଦେଇଥାଏ ବା ଅନ୍ୟମାନଙ୍କର ଦୁଃଖର କାରଣ ହୋଇଥାଏ, ତେବେ ଆମକୁ ଶାରୀରିକ ପୀଡ଼ା କିମ୍ବା ଭୌତିକ ଦୁଃଖ ଭୋଗ କରିବା ପରି ପରିବେଶ ମିଳିଥାଏ।

କାର୍ଯ୍ୟ ଅପେକ୍ଷା ତା' ପଛରେ ନିହିତ ଉଦ୍ଦେଶ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ଭଲ ଉଦ୍ଦେଶ୍ୟରେ କରାଯାଇଥିବା କାର୍ଯ୍ୟରେ ଭୁଲ ଥିଲେ ତାହା ମନ୍ଦ ଉଦ୍ଦେଶ୍ୟ ନେଇ କରାଯାଇଥିବା ଆଖିଦୃଶିଆ ଭଲ କାମ ଅପେକ୍ଷା ଅଧିକ ଭଲ ଫଳ ଦେଇଥାଏ। ନିଜ ସ୍ୱାର୍ଥ ପାଇଁ ଚିନ୍ତା ନ କରି କରାଯାଇଥିବା ସେବାଭାବପୂର୍ଣ୍ଣ କର୍ମ (Divine Service) ବା ନିଷ୍କାମ କର୍ମ ମଣିଷକୁ ଆଧ୍ୟାତ୍ମିକ କ୍ଷେତ୍ରରେ ମୁକ୍ତ କରିଥାଏ, ଫଳରେ ବ୍ୟକ୍ତିକୁ କର୍ମର ବନ୍ଧନରେ ପକାଏ ନାହିଁ।

ସାମୂହିକ କର୍ମ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କୃତକର୍ମ। ସେହି କାର୍ମିକ ଶକ୍ତି ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟଙ୍କ ଉପରେ କ୍ରିୟାଶୀଳ ହୋଇଥାଏ। ଏହା ବ୍ୟକ୍ତିର କର୍ମରେ ଏକ ନୂଆ ଅଂଶ ଯୋଡ଼ିଦିଏ। ସାମୂହିକ କର୍ମର ଫଳ ପ୍ରତ୍ୟେକ ସଦସ୍ୟଙ୍କୁ ଭୋଗିବାକୁ ହୋଇଥାଏ, ଯେପରିକି ରେଳ ଦୁର୍ଘଟଣାରେ କିମ୍ବା ଯୁଦ୍ଧରେ ଅନେକ ଲୋକଙ୍କର ସାମୂହିକ ମୃତ୍ୟୁ।

'କର୍ମଦେବତା' ରୂପେ ଅଭିହିତ ମହାନ୍ ଆଧ୍ୟାତ୍ମିକଶକ୍ତିସମ୍ପନ୍ନ ଦିବ୍ୟବୌଦ୍ଧିକସତ୍ତା କର୍ମର ହିସାବ ରଖିଥାନ୍ତି ଓ କାର୍ମିକ ନିୟମର ନିଗୂଢ଼ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିଥା'ନ୍ତି। 'ଦି ସିକ୍ରେଟ୍ ଡକ୍‌ଟ୍ରିନ୍' ଗ୍ରନ୍ଥରେ ତାଙ୍କୁ 'ଲିପିକ' ବା କର୍ମର ହିସାବ ରକ୍ଷକ ବୋଲି ଉଲ୍ଲେଖ କରାଯାଇଛି।

ଯେତେବେଳେ ଜଣେ ମଣିଷ ମୋକ୍ଷ ପାଇଁ ଅଭିଳାଷୀ ହେବାକୁ ଆରମ୍ଭ କରେ, ତାକୁ କର୍ମର ଫଳ ପ୍ରତି ନିଃସ୍ପୃହ ହେବାର ଅଭ୍ୟାସ ଶିକ୍ଷା କରିବାକୁ ହୁଏ।

ଯେତେବେଳେ ସେ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ ଓ କୌଣସି ବିଷୟ ପ୍ରତି ରାଗ ବା ଦ୍ୱେଷ ପୋଷଣ କରେ ନାହିଁ, ସେତେବେଳେ ଆଉ କର୍ମ ଅର୍ଜନ କରେ ନାହିଁ। କିନ୍ତୁ ଜୀବାତ୍ମା ପୁରାତନ ଶୃଙ୍ଖଳରୁ ମୁକ୍ତ ହେବା ଆବଶ୍ୟକ ଥାଏ। ନୂତନ ଶୃଙ୍ଖଳ ନିର୍ମାଣ ବନ୍ଦ କରିବାକୁ ମଧ୍ୟ ଥାଏ। ସେହି ପୁରାତନ ଶୃଙ୍ଖଳ ଧୀରେଧୀରେ ମୋଚନ କରାଯାଇପାରେ କିମ୍ବା ସ୍ୱେଚ୍ଛାରେ ଛିଣ୍ଡାଇ ଦିଆଯାଇପାରେ। ତାହାକୁ ଛିଣ୍ଡାଇବା ପାଇଁ ଜ୍ଞାନ ଆବଶ୍ୟକ, ଯେଉଁ ଜ୍ଞାନ କି ଅତୀତକୁ ନିରୀକ୍ଷଣ କରି ଉପସ୍ଥିତ ସମୟରେ ପରିଣାମ ରୂପେ ଦେଖାଦେଇଥିବା କାରଣକୁ ଦେଖିପାରେ ବା ବୁଝିପାରେ। ଏପରି ବ୍ୟକ୍ତି ଅତୀତରୁ କାର୍ଯ୍ୟ କରିଆସୁଥିବା କାରଣ ସହିତ ନୂଆ କାରଣ ମିଶାଇ ଫେ ି ଦେଇପାରେ; ସେ ପ୍ରେମପୂର୍ଣ୍ଣ ଶକ୍ତିଶାଳୀ ଚିନ୍ତା ଓ ସଦିଚ୍ଛା ଦ୍ୱାରା ତାହାର ଖଣ୍ଡନ କରିପାରେ ଓ କୌଣସି ଅନିବାର୍ଯ୍ୟ ଘଟଣା ଘଟିବାକୁ ଏଡ଼ାଇ ଦେଇପାରେ, ଯାହା ନୂଆ କର୍ମର ସମସ୍ୟା ଉପୁଜାଇଥାଏ। ଏହିପରି ସେ ଅତୀତରୁ ଉପୁଜି ଆସିଥିବା ଶକ୍ତିକୁ ସମାନ ଓ ବିପରୀତ ଶକ୍ତି ପ୍ରୟୋଗଦ୍ୱାରା ପ୍ରଭାବହୀନ କରିଦେଇପାରେ। ଏହିପରି ଭାବରେ ସେ ନିଜର କର୍ମକୁ ଜ୍ଞାନଦ୍ୱାରା ଦଗ୍ଧ କରିଦେଇପାରେ।

❖❖❖

# ତୃତୀୟ ଭାଗ

## ୧. ମାନବ-ଜୀବନର ଅନ୍ତର୍ନିହିତ ଲକ୍ଷ୍ୟ :

ଭୌତିକ ସୁଖ ପାଇଁ ଅହରହ ବାସନା, ତାହାର ପ୍ରାପ୍ତି ଓ ତଜ୍ଜନିତ (ତା' ପଛରେ ଧାଇଁବା ହେତୁ) ଶ୍ରାନ୍ତି-କ୍ଲାନ୍ତି କ୍ରମେ ମଣିଷକୁ ସଂସାରର ସର୍ବୋତ୍ତମ ପ୍ରାପ୍ତିର ମଧ୍ୟ ଅନିତ୍ୟତା ଓ ଅସନ୍ତୋଷ ବିଷୟରେ ଶିକ୍ଷା ଦେଇଥାଏ । ସେ ପ୍ରାୟତଃ ଯାହା ଚାହିଁଥାଏ, ପାଇଥାଏ, ଭୋଗ କରିଥାଏ, ତାହାର ଅତିରେକତା ଓ ପରିଶେଷରେ ବିତୃଷ୍ଣା ତା' ଭିତରେ ସଂସାରରେ ସୁଲଭ ସମସ୍ତ ବିଷୟରେ ଅସନ୍ତୋଷ ସୃଷ୍ଟି କରିଥାଏ । ତା' ଭିତରେ ନୈରାଶ୍ୟ ଜାଗିଥାଏ । ସେ ଲକ୍ଷ୍ୟ କରିଥାଏ ଯେ ଏସବୁ ପାଣିଫୋଟକା ପରି ମାୟା; ମାତ୍ର ଏଥିରେ କେବଳ ଦୁଃଖ ଅଛି, ପରିସର ବି ସୀମିତ । ସେତେବେଳେ ଯାଇ ଆତ୍ମା ମୁକ୍ତି ପାଇଁ ବ୍ୟାକୁଳ ହୁଏ; ଦୁଃଖ ଓ ବନ୍ଧନରୁ ମୁକୁଳିବାକୁ ଚାହେଁ । ଫଳରେ ତା' ଭିତରେ ଆଧ୍ୟାତ୍ମିକ ଭାବର ଉଦୟ ହୁଏ, ସଚେତନତା ଜାଗେ । ପ୍ରାରମ୍ଭରେ ତାହା ପ୍ରାୟତଃ ଅସ୍ପଷ୍ଟ, ବ୍ୟକ୍ତିଗତ ଜୀବନର ଧାରାକୁ ପରିବର୍ତ୍ତିତ କରୁଥିବା ମୂଲ୍ୟବୋଧ ସଂପର୍କିତ । ଏହି ପ୍ରଥମ ସଚେତନତା ପ୍ରାୟତଃ ଧର୍ମବିଷୟକ ଧାରଣାରୁ, ବେଳେବେଳେ ଦୁଃଖ ଓ ଯନ୍ତ୍ରଣା ଭିତରେ ଆସିଥାଏ । ଅନେକ ପ୍ରଜାତି (races) ରେ, ଅନେକ ଦେଶରେ, ଭିନ୍ନ ଭିନ୍ନ ପରିବେଶରେ ବାରମ୍ବାର ଜନ୍ମ ନେଇ ମଣିଷ ଶିକ୍ଷାକରେ ଯେ ସେ କେବଳ ଭୌତିକ ଶରୀରଟିଏ ମାତ୍ର ନୁହେଁ, କି କେବଳ ବାରମ୍ବାର ଜନ୍ମ ନେଇଥିବା ବ୍ୟକ୍ତିଆତ୍ମା (soul) ନୁହେଁ; ତା'ର ମୂଳ ଉତ୍ସ ଓ କେନ୍ଦ୍ର ହେଉଛି ବିଶୁଦ୍ଧ ନିର୍ମଳ ଆତ୍ମା (spirit) । ମାନବତାର ଲକ୍ଷ୍ୟ ହେଉଛି ଏକ ହିଁ ଜୀବନ (ଏକ ପରମସତ୍ତା) ସହିତ ସଚେତନ ଭାବରେ ଏକୀଭୂତ ହେବା ବା ମିଶିଯିବା । ସେହି ହେତୁ ମଣିଷ ତା'ର ସମଗ୍ର ସତ୍ତାକୁ ସେହି ପରମଇଚ୍ଛା (the one 'will') ସହିତ ସ୍ୱତନ୍ତ୍ର ଏବଂ ସଚେତନ ଭାବରେ ସହଯୋଗ କରିବାରେ ନିୟୋଜିତ କରେ । ଏହି ବିକାଶ

ଧୀରେ ଧୀରେ ଘଟିଥାଏ । ତେବେ ଉଦ୍‌ବର୍ତ୍ତନର ପୂର୍ବବର୍ତ୍ତୀ ଅବସ୍ଥା ଅପେକ୍ଷା ଏ ଅବସ୍ଥାରେ ବିକାଶ କ୍ଷିପ୍ର ହୋଇଥାଏ । କାରଣ ଏଣିକି ଜଣେ ବ୍ୟକ୍ତି ସଚେତନ ଭାବରେ ଉଦ୍‌ବର୍ତ୍ତନ ପ୍ରକ୍ରିୟାରେ ସହାୟତା କରିପାରେ । ଜୀବନର ଏକ ଅନ୍ତର୍ନିହିତ ଲକ୍ଷ୍ୟ ଅଛି ବୋଲି ଥରେ ବୁଝିଗଲେ ସେ କିପରି ଏହାକୁ ଆହୁରି ଭଲଭାବରେ ବୁଝିପାରିବ, ସେ ବିଷୟରେ ନିଜକୁ ପଚାରିବା ସ୍ୱାଭାବିକ ।

ଧର୍ମର ତୁଳନାତ୍ମକ ଅଧ୍ୟୟନରୁ ଦେଖାଯାଇଛି ଯେ ସବୁ ଧର୍ମରେ ଆଧ୍ୟାତ୍ମିକ ଶିକ୍ଷା ବା ପ୍ରସ୍ତୁତିରେ ସାମ୍ୟ ରହିଛି । ହିନ୍ଦୁଧର୍ମ (ସନାତନ ଧର୍ମ)ରେ ବିବେକ, ବୈରାଗ୍ୟ, ଷଟ୍‌ସମ୍ପତ୍ତି ଓ ମୁମୁକ୍ଷା (ମୁକ୍ତି  ବା ମୋକ୍ଷର ଇଚ୍ଛା) ଶବ୍ଦର ପ୍ରୟୋଗ ରହିଛି । କୃଷ୍ଣମୂର୍ତ୍ତି ମହାତ୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନାରେ ଲେଖାଯାଇଥିବା ତାଙ୍କର ପ୍ରଥମ ପୁସ୍ତକ 'At the Feet of the Master' ରେ ମୁକ୍ତିର ଇଚ୍ଛା ପରିବର୍ତ୍ତେ ପ୍ରେମ (love) ଶବ୍ଦର ପ୍ରୟୋଗ କରିଛନ୍ତି । ତାଙ୍କର ପରବର୍ତ୍ତୀ ଶିକ୍ଷା ବା ଜ୍ଞାନୋପଦେଶରେ ସେ ଅବବୋଧ (understanding), ଅନ୍ତରର ନିର୍ଦ୍ଦେଶ (order within), ବିକଳ୍ପରହିତ ସଚେତନତା (choiceless awareness), ସଜାଗତା (attention), ସ୍ୱତନ୍ତ୍ରତା (freedom), ମୌନ (silence) ଇତ୍ୟାଦି ଉପରେ ଗୁରୁତ୍ୱ ଦେଇଛନ୍ତି । ଖ୍ରୀଷ୍ଟୀୟ ରହସ୍ୟବାଦୀ ଧାରାରେ ରୂପାନ୍ତରଣ (conversion), ଦିବ୍ୟ ଆଲୋକ (illumination), ମିଳିତ ହେବା (union) ଆଦି ପଦର ପ୍ରୟୋଗ ହୋଇଥାଏ । ବୁଦ୍ଧ ସମ୍ୟକ୍ ଦୃଷ୍ଟି, ସମ୍ୟକ୍ ବାକ୍, ସମ୍ୟକ୍ ସଂକଳ୍ପ, ସମ୍ୟକ୍ କର୍ମ, ସମ୍ୟକ୍ ସ୍ମୃତି, ସମ୍ୟକ୍ ଆଜୀବିକା, ସମ୍ୟକ୍ ପ୍ରଚେଷ୍ଟା ଓ ସମ୍ୟକ୍ ସମାଧି ଆଦି ଅଷ୍ଟାଙ୍ଗ ମାର୍ଗର ନିର୍ଦ୍ଦେଶ ଦେଇଛନ୍ତି । ମହର୍ଷି ପତଞ୍ଜଳି ଅଷ୍ଟାଙ୍ଗ ଯୋଗ, ଅର୍ଥାତ୍ ଯମ, ନିୟମ, ଆସନ, ପ୍ରାଣାୟାମ, ଧାରଣା, ଧ୍ୟାନ ଓ ସମାଧିର ମାର୍ଗ ଦର୍ଶାଇଛନ୍ତି । 'The Voice of the Silence' (ଯାହା 'The Book of Golden Precepts' ର ଅଂଶ)ରେ ଦାନ, ଶୀଳ, ଶାନ୍ତି, ବୀର୍ଯ୍ୟ, ବୈରାଗ୍ୟ, ଧ୍ୟାନ ଓ ପ୍ରଜ୍ଞା ଆଦି ସୋପାନ ବିଷୟରେ ଉଲ୍ଲେଖ କରିଛନ୍ତି । ଆଧୁନିକ ମନସ୍ତତ୍ତ୍ୱବିତ୍ ୟୁଙ୍ଗ୍ କେତେଗୁଡ଼ିଏ ସୋପାନ ଦେଖାଇଛନ୍ତି, ଯେଉଁଥିରେ ଅଗ୍ରସର ହୋଇ ବ୍ୟକ୍ତିସ୍ୱାତନ୍ତ୍ର୍ୟ ପ୍ରକ୍ରିୟାରେ ଜଣେ କ୍ରମେ କ୍ରମେ ସ୍ୱତନ୍ତ୍ର (free) ଓ ଆତ୍ମ-

ନିର୍ଦ୍ଦେଶିତ (self-directed) ହୋଇପାରିବ । ସେହି ସୋପାନଗୁଡ଼ିକୁ ସେ ସ୍ୱୀକରଣ (confession), ସ୍ପଷ୍ଟୀକରଣ (explanation), ଶିକ୍ଷା (education) ଓ ରୂପାନ୍ତରଣ (transformation) ରୂପେ ଅଭିହିତ କରିଛନ୍ତି ।

ଏହି ପ୍ରଶିକ୍ଷଣ ବା ଉପଯୁକ୍ତ ସ୍ତରରେ ଉପନୀତ ହେବାର ଉଦ୍ଦେଶ୍ୟ ହେଉଛି ମଣିଷକୁ ମହତ୍ତର ସତ୍ୟ ଆଡ଼କୁ ଓ ଉଦ୍‌ବର୍ତ୍ତନର ପରବର୍ତ୍ତୀ ସ୍ତରଗୁଡ଼ିକ ଆଡ଼କୁ ବାଟ କଢ଼ାଇ ନେବା, ଯଦ୍ଦ୍ୱାରା ସେ ପ୍ରଜ୍ଞାଶୀଳ ଓ ଆଧ୍ୟାତ୍ମିକଭାବସମ୍ପନ୍ନ ମଣିଷରେ ପରିଣତ ହୋଇପାରିବ । ଯଥାର୍ଥ ସତ୍ୟ, ତା'ର ଅନ୍ତରରେ ନିହିତ ସତ୍ୟକୁ ଜାଣିପାରିବ । ଜଣେ ନିଜ ସ୍ୱଭାବକୁ ଯେତେ ପରିଶୁଦ୍ଧ କରେ ଓ ସମତ୍ୱଭାବାପନ୍ନ କରେ, ନିଜ ଅନ୍ତର ଭିତରୁ ସେତେ ଅଧିକ ଯଥାର୍ଥ ଅନ୍ତର୍ଦୃଷ୍ଟି, ମହତ୍ତର ବୋଧଶକ୍ତି ଓ ଅନ୍ତଃପ୍ରଜ୍ଞା ପ୍ରାପ୍ତ ହୋଇଥାଏ ।

ଉଦ୍‌ବର୍ତ୍ତନ ପ୍ରକ୍ରିୟାରେ ଈଶ୍ୱରୀୟ ଇଚ୍ଛା (The supreme will) ପ୍ରକାଶିତ ହୋଇଥାଏ । କାରଣ ଉଦ୍‌ବର୍ତ୍ତନ ଆକସ୍ମିକ ନୁହେଁ, ଈଶ୍ୱରୀୟ ଯୋଜନାଦ୍ୱାରା ସୁଯୋଜିତ ଭାବେ ପରିଚାଳିତ । ଏହା ନିମ୍ନଶ୍ରେଣୀର ଜୀବମାନଙ୍କର ଅନ୍ଧ ଓ ସଚେତନତାବିହୀନ ପ୍ରବୃତ୍ତିର ପରିଣାମ ନୁହେ; ଦିବ୍ୟ ମାନସ (Divine mind) ର ବୁଦ୍ଧିମତ୍ତା ଓ ଶକ୍ତିଦ୍ୱାରା ଇନ୍ଦ୍ରିୟ-ଅଗୋଚର ଦିବ୍ୟସତ୍ତାରୁ ଉତ୍ସାରିତ ହୋଇ ତା'ରି ଦ୍ୱାରା ପରିଚାଳିତ ହୋଇଥାଏ ।

ଯେତେବେଳେ ବ୍ୟକ୍ତି ଭାବରେ ଏପରି ଉତ୍ତରଣମୁଖୀ ଅଭିଳାଷ ଜାଗେ, ସେ ସେତେବେଳେ ସମଗ୍ର ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ପରମସତ୍ତା ସହିତ ମିଳିତ ହେବାର ସର୍ବୋଚ୍ଚ ଶିଖର ଆଡ଼କୁ ପ୍ରଲମ୍ବିତ ପଥର ପ୍ରବେଶଦ୍ୱାରରେ ପହଞ୍ଚିଯାଇଥାଏ। ଜୀବନର ସେହି ଲୀଳାକୁ ପ୍ରାପ୍ତ ହେବାର ଉପାୟ ହେଉଛି ଉଦ୍‌ବର୍ତ୍ତନର ଯୋଜନା ରୂପେ ପ୍ରକାଶିତ ଈଶ୍ୱରୀୟ ଇଚ୍ଛା ସହିତ ସଚେତନ ଭାବେ ସହଯୋଗ କରିବା । ଅତ୍ୟଏବ ଜୀବନର ଲକ୍ଷ୍ୟ ହେଉଛି ପରମ ସହ ମିଳିତ ହେବା । ଦୁଃଖକଷ୍ଟ ଭୋଗୁଥିବା ମାନବଜାତିର ସେବା ଓ ଯଥାର୍ଥ କଲ୍ୟାଣ ସାଧନ ପାଇଁ ସହଯୋଗ କରିବାରେ ସମର୍ଥ ହୋଇପାରିଲେ, ଦୁର୍ବଳର ସେବା ଓ ସହାୟତାଦ୍ୱାରା, ଜ୍ଞାନହୀନକୁ ଶିକ୍ଷା ଦେବାଦ୍ୱାରା, ଅତ୍ୟାଚାରିତକୁ ଉଦ୍ଧାର କରିବାଦ୍ୱାରା ଜଗତର ଗୁରୁ କର୍ମଭାରକୁ

ଉଚ୍ଛ୍ୱାସ କରିପାରିଲେ ହିଁ ଏହି ପୂର୍ଣ୍ଣତା ମିଳିଥାଏ। କୌଣସି ପ୍ରତିଦାନ ବା ଫଳପ୍ରାପ୍ତିର ଆଶା ନ ରଖି ନିଃସ୍ୱାର୍ଥ ସେବା ଦାନ, ନିଜ ପସନ୍ଦରେ ନିଜକୁ ସୁହାଇଲା ପରି ନୁହେଁ, ଅଭିଭୂତ ଭାବଦ୍ୱାରା ପରିବର୍ତ୍ତନ ହିଁ ସେହି ଉତ୍ତରଣ-ପଥର ପ୍ରଥମ ଓ ଶେଷ ପାହାଚ ।

କେବଳ 'ମୋକ୍ଷ' ବା 'ନିର୍ବାଣ' ପ୍ରାପ୍ତି ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ନୁହେଁ । ତାହା ମହତ୍ତର ସ୍ୱାର୍ଥାଭିଳାଷ ମାତ୍ର । ବରଂ ପୀଡ଼ିତ ସଂସାରବାସୀଙ୍କର ରକ୍ଷକ ବା ସହାୟକ ହେବା ହିଁ ପ୍ରକୃତ ଲକ୍ଷ୍ୟ । ବ୍ୟକ୍ତିର ପ୍ରତିସ୍ଥାପନ (substitution) ଦ୍ୱାରା ନୁହେଁ, ସ୍ୱଭାବର ପରିଚୟ ଦ୍ୱାରା, ପାପୀ ଅବା ଦୁର୍ବଳର ସ୍ଥାନ ଗ୍ରହଣ କରି ନୁହେଁ, ଦୁର୍ବଳଠାରେ ନିଜର ଶକ୍ତି ସଞ୍ଚାର କରି, ପାପୀଠାରେ ନିଜ ଶୁଦ୍ଧ ସ୍ୱଭାବର ସଞ୍ଚାର କରି ନିଜେ କଷ୍ଟ ସହିବା ସତ୍ତ୍ୱେ ଚରମ ସହାୟତା କରିବାରେ ସମର୍ଥ ହୋଇ ବିଜୟୀ ହେବା ହିଁ ଚରମ ଲକ୍ଷ୍ୟ । ଏହିପରି ଭାବରେ ସେ ସ୍ୱଭାବକୁ ଜାଣିବାରେ ସମର୍ଥ ହୁଏ । ଜାଣିବାରେ ସମର୍ଥ ହୁଏ ଯେ ସେ ହିଁ ଦୁର୍ବଳତମର ଦୁର୍ବଳତା ଓ ସବଳତମର ଶକ୍ତି, ହୀନତମ ପାଷାଣ୍ଡର ପାପ ଓ ପବିତ୍ରତମର ଶୁଦ୍ଧତା । ଏହିପରି ଭାବରେ ସେ ନିକୃଷ୍ଟତମକୁ ମଧ୍ୟ ସର୍ବୋତ୍ତମ ବା ଶ୍ରେଷ୍ଠ କରି ପ୍ରେମ କରିବାରେ ସମର୍ଥ ହୁଏ । କାରଣ ସବୁକିଛି ତାଙ୍କର ଅଙ୍ଗ, ତେଣୁ ଉଚ୍ଚତମ ଓ ପବିତ୍ରତମ ।

ସେ ଅଜସ୍ର ଉପାୟରେ ମାନବଜାତିର ଆଧ୍ୟାତ୍ମିକ ଅଗ୍ରଗତିରେ ସହାୟତା କରିଥା'ନ୍ତି । ସହାୟତା ଲୋଡ଼ି ହାତ ପାତୁଥିବା ପ୍ରତ୍ୟେକ ମଣିଷର ସହାୟତା କରିବା ପାଇଁ ସେ ସବୁବେଳେ ପ୍ରସ୍ତୁତ । ବ୍ୟାକୁଳ ହୋଇ ମାର୍ଗଦର୍ଶନ ଲୋଡୁଥିବା ସେହି ମାନବୀୟ ସ୍ରୋତର ଅନ୍ତର୍ଗତ ପ୍ରତ୍ୟେକଙ୍କ ପାଇଁ ତାଙ୍କ ହୃଦୟ ପ୍ରତ୍ୟୁତ୍ତର ଦେଇଥାଏ । ସେ ସାରା ସଂସାର ଭିତରେ ଏମିତି କାହାକୁ ଖୋଜୁଥାନ୍ତି, ଯାହାର ପ୍ରକୃତ ଜ୍ଞାନକୁ ଶୁଣି ଗ୍ରହଣ କଲାପରି ଆଗ୍ରହୀ ଶ୍ରବଣଶକ୍ତି ଅଛି; ସେହି ଜ୍ଞାନକୁ ବହୁସଂଖ୍ୟକ ମଣିଷଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ଦୂତ ଅନ୍ୱେଷଣ କରୁଥିବାର ଉତ୍ତରରେ ଯିଏ କହିପାରିବ, "ମୁଁ ଅଛି; ମୋତେ ପଠାଅ ।" ଆମେ ଶିଖିବାକୁ, ଜାଣିବାକୁ ଆଗ୍ରହୀ ହେବାପର୍ଯ୍ୟନ୍ତ, ଯେଉଁଥିପାଇଁ ସେ ସ୍ୱେଚ୍ଛାରେ ନିର୍ବାଣର ସୁଯୋଗ ଛାଡ଼ି ଦେଇଛନ୍ତି, ତାଙ୍କୁ ସେ ସୁଯୋଗ ଦେବା ପର୍ଯ୍ୟନ୍ତ ସେ ଅପେକ୍ଷା କରି ରହିଥିବେ।

ବ୍ରହ୍ମବିଦ୍ୟାବିତ୍‌ଙ୍କ ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏହିପରି । ପରାଜ୍ଞାନର ଅଧିକାରୀ ମହାତ୍ମାଙ୍କ ନିକଟକୁ ଯିବାର ମାର୍ଗ ସବୁବେଳେ ଉନ୍ମୁକ୍ତ । ଆମେ ସମସ୍ତେ ସେହି ମାର୍ଗରେ ଅଗ୍ରସର ହୋଇପାରିବା; ସେମାନେ ଯେଉଁ ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି, ସେଠାରେ ପହଞ୍ଚିପାରିବା । ନିଜର ଦିବ୍ୟତ୍ୱ ସଂପର୍କରେ ଜ୍ଞାନପ୍ରାପ୍ତ ହୋଇ ତା'ପରେ ତାହା ଉପଲବ୍ଧି କରିବା ଓ ପ୍ରକାଶ କରିବା, ନିଜ ସ୍ୱଭାବର ସମସ୍ତ ସମ୍ଭାବନା ସଂପର୍କରେ ଅବଗତ ହେବା ଓ ତା'ପରେ ଯେଉଁ ଉଦ୍ଦେଶ୍ୟରେ ସେ ସଂସାରରେ ଜନ୍ମ ନେଇଛି ତାହା ପୂର୍ଣ୍ଣ କରିବା ଶାଶ୍ୱତ-ଆତ୍ମାରୁ ଜାତ ପ୍ରତ୍ୟେକ ମାନବାତ୍ମାର ଜନ୍ମସିଦ୍ଧ ଅଧିକାର । କାରଣ ସଂସାର ଆତ୍ମାର ଅନାବରଣ ପାଇଁ ହିଁ ରହିଛି । ମାନବ ଜୀବନର ପ୍ରକୃତ ଲକ୍ଷ୍ୟ ଦିବ୍ୟତା ବା ଈଶ୍ୱରୀୟତାରୁ ଆଦୌ କମ୍ ନୁହେଁ ଏବଂ ବର୍ବରତାର ନିମ୍ନତମ ଅବସ୍ଥାରୁ ଦିବ୍ୟମାନବତାର ଅବସ୍ଥାରେ ପହଞ୍ଚିବା ହିଁ ମାନବ ଜୀବନର ଅନ୍ତର୍ନିହିତ ଉଦ୍ଦେଶ୍ୟ । ମାନବଜାତି ସେହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଉତ୍ତରଣର ପଥରେ ଅଗ୍ରସର ହୋଇ ଚାଲିଛି ଓ ସେହି ମହିମ୍ନତାକୁ ଦିନେ ପ୍ରାପ୍ତ ହେବ ।

*ସବୁ ମଣିଷ ନିଜ ଜୀବନର ଉଦ୍ଦେଶ୍ୟକୁ ନିଶ୍ଚିତ ରୂପେ ଜାଣିବାକୁ ଇଚ୍ଛା କରିଥା'ନ୍ତି । ଏଥିପାଇଁ ସେମାନେ ସବୁ ଦର୍ଶନ, ସବୁ ସିଦ୍ଧାନ୍ତ, ସବୁ ଅନ୍ଧବିଶ୍ୱାସ, ସବୁ ଧର୍ମର ସାଂପ୍ରଦାୟିକ ମତ, ସବୁ ନିର୍ଦ୍ଧାରିତ ବିଧି-ବ୍ୟବସ୍ଥା କବଳରୁ ନିଜକୁ ମୁକ୍ତ କରିବା ଆବଶ୍ୟକ । କାରଣ ଏସବୁର ବୋଝ ସହିତ ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ଆବିଷ୍କାର କରିବା ବା ବୁଝିବା ସମ୍ଭବ ନୁହେଁ । ସୀମାର ବନ୍ଧନ ଥିବା ପର୍ଯ୍ୟନ୍ତ ଦୁଃଖ ରହିଥିବ; ସବୁ ମଣିଷ ଦୁଃଖରୁ ତ୍ରାହି ଚାହାନ୍ତି । ସେମାନେ କଷଣରୁ ମୁକ୍ତ ହେବାର ପଥ ଖୋଜୁଛନ୍ତି, ଦୁଃଖ-ଯନ୍ତ୍ରଣାର ଚକ୍ରରେ ଛନ୍ଦି ହୋଇ ରହିଥିବା ଅବସ୍ଥାରୁ ମୁକୁଳିବାକୁ ଚାହୁଁଛନ୍ତି । ପୂର୍ଣ୍ଣତାପ୍ରାପ୍ତି ହିଁ ଆମେ ଖୋଜୁଥିବା ମୁକ୍ତି ବା ମୋକ୍ଷ (liberation) । ତେଣିକି ଦୁଃଖ ଓ ସୁଖ, ବିଷାଦ ଓ ହର୍ଷ, ଆଲୋକ ଓ ଅନ୍ଧାର ସବୁ ଏକାପରି ବୋଧହୁଏ । ତୁମେ ଯେତେବେଳେ ଏହାମଧ୍ୟରୁ କୌଣସିଟିଦ୍ୱାରା ବିଚଳିତ କି ଉତ୍‌ଫୁଲ୍ଲିତ ହୁଅନାହିଁ, ସେତେବେଳେ ତୁମର ହୃଦୟ ଓ ମନ ପୂର୍ଣ୍ଣତାରେ ଅବସ୍ଥାନ କରେ । (ଜେ. କୃଷ୍ଣମୂର୍ତ୍ତି)*

**୨. ଆତ୍ମ-ପ୍ରଶିକ୍ଷଣ ଓ ମାର୍ଗ-ପ୍ରାପ୍ତିର ପ୍ରସ୍ତୁତି :**

ମାର୍ଗ-ପ୍ରାପ୍ତି ପାଇଁ ପ୍ରଥମ ପଦକ୍ଷେପ ହେଉଛି 'ମାନବ-ସେବା' । ଏହା ବିନା ମାର୍ଗ ପାଇବା ସମ୍ଭବ ନୁହେଁ । "ମାନବଜାତିର କଲ୍ୟାଣ ପାଇଁ ବଞ୍ଚିବା ହିଁ ପ୍ରଥମ ପାବଚ୍ଛ" ବୋଲି 'The Voice of the Silence' ରେ କୁହାଯାଇଛି । ନିଃସ୍ୱାର୍ଥଭାବେ ଅନ୍ୟମାନଙ୍କର ସେବା କରିବା, ସ୍ୱେଚ୍ଛାପ୍ରଣୋଦିତ ଭାବେ ଅନ୍ୟମାନଙ୍କର ହିତସାଧନ ପାଇଁ ନିଜର ସବୁକିଛି ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ହେବା, ଭୌତିକ ସଂସାରରେ ମୂଲ୍ୟବାନ ବୋଲି ବିବେଚିତ ହେଉଥିବା ସବୁକିଛିକୁ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ହେବା, ଏକ ନିର୍ଦ୍ଦିଷ୍ଟ ଆଦର୍ଶ ପ୍ରତି, ସତ୍-ବିଶ୍ୱାସ ପ୍ରତି ପୂର୍ଣ୍ଣ ଅନୁଗତ ରହିବା ଦ୍ୱାରା ହିଁ ଜଣେ ମଣିଷ ଆକାଙ୍‌କ୍ଷିତ ପଥର ନିକଟବର୍ତ୍ତୀ ବୋଲି ସୂଚିତ ହୁଏ । ଖ୍ରୀଷ୍ଟଙ୍କ ବାଣୀ ହେଉଛି "ଯେ ଜୀବନ (ବସ୍ତୁବାଦୀ ସ୍ୱାର୍ଥସର୍ବସ୍ୱ ଜୀବନ)କୁ ତ୍ୟାଗ କରେ, ସେ ହିଁ ପ୍ରକୃତ ଜୀବନର ସନ୍ଧାନ ପାଏ ।" ପ୍ରଭୁ ବୁଦ୍ଧ ମଧ୍ୟ କହିଛନ୍ତି, "ଯଦି ତୁମେ ପ୍ରକୃତରେ ମାର୍ଗ ଖୋଜୁଛ, ତେବେ ଜୀବନ (ସାଂସାରିକ ମୋହଗ୍ରସ୍ତ ଜୀବନ)ର ତୃଷ୍ଣାକୁ ମାରିଦିଅ ।"

ସବୁପ୍ରକାରର ସ୍ୱାର୍ଥଚିନ୍ତାବର୍ଜିତ ସେବା ଉତ୍ତମ । ମାତ୍ର ଅବିଦ୍ୟା ବା ଅଜ୍ଞାନ ହିଁ ଦୁଃଖ-କ୍ଲେଶର ମୂଳ କାରଣ । ତା'ର ମୂଳରେ କୁଠାରାଘାତ କରିବା ଆବଶ୍ୟକ । ତେଣୁ ଉତ୍ତମ ବୋଧଶକ୍ତିର ଉଦୟ ପାଇଁ ଓ ଜୀବନରେ ମୌଳିକ ପରିବର୍ତ୍ତନ ଆଣିବା ପାଇଁ ସେବାରତ ରହିବା ସର୍ବୋତ୍ତମ । "At the Feet of the Master' ରେ କୁହାଯାଇଛି, "ନିରନ୍ନଙ୍କୁ ଅନ୍ନ ଦେବା ଭଲ, ମହତ୍ ଓ ଉପଯୁକ୍ତ କର୍ମ; କିନ୍ତୁ ସେମାନଙ୍କ ଶରୀରକୁ ଖାଦ୍ୟ ଦେବା ଅପେକ୍ଷା ଆତ୍ମାକୁ ଖାଦ୍ୟ ଦେବା ମହତ୍ତର କର୍ମ । ଯେକୌଣସି ଧନଶାଳୀ ବ୍ୟକ୍ତି ଶରୀର ପାଇଁ ଖାଦ୍ୟ ଦେଇପାରିବ; ମାତ୍ର କେବଳ ଜ୍ଞାନୀ ବ୍ୟକ୍ତି ହିଁ ଆତ୍ମା ପାଇଁ ଖାଦ୍ୟ ଯୋଗାଇ ପାରିବ ।"

ଜଣେ ମହାତ୍ମା କହିଥିଲେ, "ଜଣେ ବ୍ରହ୍ମବିଦ୍ୟାବିତ୍ ହେଉଛି ଜଣେ ବଦାନ୍ୟ ମଣିଷ, ଯେ ନିଜ ପାଇଁ ନୁହେଁ, ସେ ବାସ କରୁଥିବା ଜଗତ ପାଇଁ ବଞ୍ଚେ । ଏପରି ବଦାନ୍ୟ ବ୍ୟକ୍ତି ନିଜର ସଙ୍ଗୀମାନଙ୍କୁ, ଚାରିପାଖର ମଣିଷଙ୍କୁ ଜ୍ଞାନାଲୋକ ପ୍ରାପ୍ତିରେ ସହାୟତା କରେ ।"

ସାଧାରଣ ମଣିଷଙ୍କ ପାଇଁ ପଥଟି ପାହାଡ଼ର ଚାରିପାଖରେ ବୁଲିବୁଲି ଧୀରେ ଧୀରେ ଉପର ଆଡ଼କୁ ଉଠି ଉଠି ଶୀର୍ଷ ପର୍ଯ୍ୟନ୍ତ ଯାଇଥାଏ । ଅତୀତରେ ସଭ୍ୟତା ପରେ ସଭ୍ୟତାର ବିକାଶ ଭିତରେ ସାଧାରଣ ନର-ନାରୀ ସେହି କ୍ରମ ଉତ୍ତରଣର ପଥରେ ଗତିକରି ବର୍ତ୍ତମାନର ଅବସ୍ଥାରେ ପହଞ୍ଚିଛନ୍ତି। ସୁଖଲାଭର ପ୍ରୟାସ, ପରିଣତିରେ କିଛି ଉପଭୋଗ ଓ କିଛି ଯନ୍ତ୍ରଣାଭୋଗ କରି କରି ଭବିଷ୍ୟତରେ ମଧ୍ୟ ଅନାଗତ ଅନେକ ସଭ୍ୟତାର ଉତ୍‌ଥାନ ଭିତରେ ସେମାନେ ମାନବୀୟ ପୂର୍ଣ୍ଣତା ପ୍ରାପ୍ତ ହେବା ପର୍ଯ୍ୟନ୍ତ ସେହି ପଥରେ ହିଁ ଚାଲିଥିବେ । କିନ୍ତୁ ସେମାନଙ୍କ ଭିତରେ କିଛି ମଣିଷ ଅଛନ୍ତି, ଯେଉଁମାନେ ସାଧାରଣ ସ୍ରୋତରେ ଗତିକରି ସନ୍ତୁଷ୍ଟ ରହିପାରନ୍ତି ନାହିଁ; ସେମାନେ ସଂକ୍ଷିପ୍ତ ମାର୍ଗରେ ଗତି କରି ଶୀଘ୍ର ପହଞ୍ଚିବାକୁ ଚାହାନ୍ତି। କାରଣ ସେମାନେ ଲକ୍ଷ୍ୟସ୍ଥଳଟି ଦେଖିପାରିଥା'ନ୍ତି । ତାହା ଦୂରବର୍ତ୍ତୀ ହେଲେ ବି ଏତେ ଆକର୍ଷଣୀୟ ଯେ ସେଠାରେ ପହଞ୍ଚିବାଠାରୁ କିଛି ବି ବଡ଼ ଲାଗେ ନାହିଁ। ଶିଖରରେ ପହଞ୍ଚିବା ପାଇଁ ଏକ ସଂକ୍ଷିପ୍ତ ଅଥଚ ଏକ କଠିନ ମାର୍ଗ ରହିଛି । ଏ ମାର୍ଗ କଠିନ, କାହିଁକି ନା ତୀଖ । ଯିଏ ଏ ମାର୍ଗରେ ଉପରକୁ ଉଠିବାକୁ ଚାହିଁବ, ନିଜ ସହିତ କୌଣସି ବୋଝ ବୋହିଯାଇପାରିବ ନାହିଁ । ଏହା ସେହି ବୋଝ, ଯୁଗଯୁଗ ଧରି ନାନାପ୍ରକାର ଆସକ୍ତି ଓ ମୋହ, ମତ ଓ ବିଶ୍ୱାସ ସମୂହର ଯେଉଁ ବୋଝ ମଣିଷ ନିଜେ ଏକତ୍ର କରିଛି । ଏ ମାର୍ଗ କଠିନ, କାହିଁକି ନା ଅନେକ ଶତାବ୍ଦୀ, ନା ବରଂ ଉଦ୍‌ବର୍ତ୍ତନର ଅନେକ କଳ୍ପକୁ ହାତ ଚକିରେ ଚାପି ଧରିବାକୁ ହେବ ବୋଲି କୁହାଯାଇପାରେ । ପୁଣି ଏହି ଆରୋହଣକାରୀଙ୍କୁ ସହଜ ଓ ବୁଲାଣି ଦୀର୍ଘପଥର ଧାରାରେ ଥିବା ଅନେକ ଆକର୍ଷଣୀୟ ଉପଭୋଗର ଦୁର୍ବାର ପ୍ରଲୋଭନକୁ ମଧ୍ୟ ଛାଡ଼ିବାକୁ ହେବ ।

କିନ୍ତୁ ଏହି ସଂକ୍ଷିପ୍ତ ମାର୍ଗ ଦୁଃଖପୂର୍ଣ୍ଣ ବୋଲି ଧରିନେବା ଉଚିତ ନୁହେଁ। ଏ ମାର୍ଗର ଯାତ୍ରୀ ଯାହାସବୁ ତ୍ୟାଗ କରିଥାଏ, ତା'ର ପ୍ରତିବଦଳରେ କିଛି ଯେ ମିଳେ ନାହିଁ, ତାହା ନୁହେଁ । ଏହି ସେବା ଓ ବଳିଦାନର ମାର୍ଗରେ  ଗତିକଲେ ସାଂସାରିକ ବା ଇନ୍ଦ୍ରିୟଗମ୍ୟ ସୁଖକୁ ଜଳାଞ୍ଜଳି ଦେବାକୁ ପଡ଼େ, ଏହା ନିଶ୍ଚିତ। ମାତ୍ର ଏହି ମାର୍ଗରେ ଅଗ୍ରସର ହୋଇ ଚାଲିଲେ ଦିବ୍ୟସତ୍ତା ବା ଐଶୀସତ୍ତା ସହ ମିଶି ଏକାକାର ହେବାର ଆନନ୍ଦ କ୍ରମଶଃ ଗଭୀରରୁ ଗଭୀରତର ହୋଇଥାଏ, ଯାହା ପରାଜ୍ଞାନ ଓ କ୍ରମବର୍ଦ୍ଧମାନ ଅବବୋଧଦ୍ୱାରା ଉପଲବ୍ଧ ହୋଇଥାଏ । ତେବେ ଏହି ମାର୍ଗରେ ନିଜ

ପାଦକୁ ଦୃଢ଼ ଭାବରେ ସ୍ଥାପନ କରିବା ପୂର୍ବରୁ ସାଧକର ମନ ଓ ହୃଦୟ କିଛି ନିର୍ଦ୍ଦିଷ୍ଟ ଯୋଗ୍ୟତା ବା ନୈତିକଶକ୍ତି ଅର୍ଜନ କରିଥିବା ଆବଶ୍ୟକ ହୋଇଥାଏ । ଆବହମାନ କାଳରୁ ସାଧକମାନଙ୍କଠାରୁ ଏହି ଯୋଗ୍ୟତା ଆଶା କରାଯାଇଛି । ପ୍ରତ୍ୟେକ ଧର୍ମର ଗୂଢ଼ ଓ ରହସ୍ୟବାଦୀ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥାଏ।

ଆତ୍ମ-ପ୍ରଶିକ୍ଷଣ ଦିଗରେ ତତ୍ପର ହେବା କାହିଁକି ଆବଶ୍ୟକ, ଏ ବିଷୟରେ ପ୍ରଶ୍ନ ଉଠିପାରେ । ସାଧକ ଅନ୍ୟମାନଙ୍କର ସେବାରେ ନିୟୋଜିତ ହେବା ଆବଶ୍ୟକ ନୁହେଁ କି ? ସେବାର ମୂଲ୍ୟ ହିଁ ସର୍ବୋଚ୍ଚ, ଯଦି ତାହା ନିଃସ୍ୱାର୍ଥ ହୋଇଥାଏ । ତାହା ଅନେକ ସମୟରେ ହୁଏ ନାହିଁ । କାରଣ ସେଥିରେ ସ୍ୱାର୍ଥଚିନ୍ତା ନିହିତ ଥାଏ । ଉତ୍ତମ କାର୍ଯ୍ୟରେ ନିୟୋଜିତ ହୋଇଥିବା ବ୍ୟକ୍ତି ସେ ନିରୋଳ ପରହିତ-ସାଧନ କରୁଛନ୍ତି ବୋଲି ଭାବିଥା'ନ୍ତି; ମାତ୍ର ସେ ପ୍ରାୟତଃ ଏକ ଜଟିଳ ଭାବ-କେନ୍ଦ୍ରଦ୍ୱାରା ଅନୁପ୍ରେରିତ ହୋଇ କାର୍ଯ୍ୟ କରିଥା'ନ୍ତି, ଯେଉଁଥିରୁ ତାଙ୍କ ନିଜର ଅନ୍ତର୍ଦ୍ୱନ୍ଦ୍ୱ ସେ କରୁଥିବା କାର୍ଯ୍ୟ ଭିତରକୁ ପ୍ରକ୍ଷିପ୍ତ ହୋଇଯାଏ । ଏତଦ୍ଦ୍ୱାରା ତାଙ୍କ କାର୍ଯ୍ୟପ୍ରଣାଳୀରେ ବାଧ୍ୟବାଧକତାର ଭାବ ମିଶିଯାଏ ଓ ସଂସାରରେ ଥିବା ଘୃଣା ଓ ନିର୍ମମତା ସହିତ ଆଉକିଛି ଅଧିକ ଯୋଗ ହୋଇଯାଏ । ନିଜକୁ ବୁଝିବା ଦ୍ୱାରା ଏପରି ଭାବକୁ ଦୂର କରିବା ସମ୍ଭବ ହୋଇଥାଏ ଓ ଆମର ସମସ୍ତ କର୍ମ ଓ ସଂପର୍କ ଭିତରେ ଆତ୍ମାର ନିର୍ମଳ ଦ୍ୟୁତି ପ୍ରକାଶିତ ହୁଏ । ଏହାହିଁ ବାଧ୍ୟବାଧକ ଭାବର ଲେଶମାତ୍ର ନ ଥିବା ଯଥାର୍ଥ ସହିଷ୍ଣୁତା ଉପରେ ଆଧାରିତ ବାସ୍ତବିକ ସେବାର ଶକ୍ତି ସ୍ଫୁରିତ କରେ । ଏହାହିଁ ଆଧ୍ୟାତ୍ମିକ ପ୍ରଶିକ୍ଷଣର ଭିତ୍ତି ।

**୩. ଗୁରୁମହାତ୍ମାଗଣ ଓ ଶିଷ୍ୟତ୍ୱର ମାର୍ଗ :**

ଗୁରୁମହାତ୍ମା 'ଦେବତା' ନୁହନ୍ତି କି 'ଅଶରୀରୀ ମାର୍ଗଦର୍ଶକ' ନୁହନ୍ତି, ସେମାନେ ପୂର୍ଣ୍ଣତାପ୍ରାପ୍ତ ମନୁଷ୍ୟ, ଯାହାଙ୍କର ଅନ୍ତର୍ନିହିତ ଦିବ୍ୟତ୍ୱ ପୂର୍ଣ୍ଣବିକଶିତ ହୋଇସାରିଛି । ସେମାନଙ୍କୁ ବ୍ରହ୍ମବିଦ୍ୟାର ଭାଷାରେ 'Adepts' ବୋଲି କୁହାଯାଏ । ସେମାନେ ଏପରି ମଣିଷ ଯେଉଁମାନଙ୍କର ମାନବୀୟ ଉଦ୍‌ବର୍ତ୍ତନ ବାବିକାଶ ପୂର୍ଣ୍ଣ ହୋଇସାରିଛି । ଆମର ମହାଜାଗତିକ ଶୃଙ୍ଖଳା ଭିତରେ ମାନବୀୟ ଅନୁଭୂତିରୁ ସେମାନଙ୍କର ଆଉକିଛି ଶିଖିବାକୁ ବାକି ନାହିଁ । ସେମାନେ ଏପରି ଅବସ୍ଥା ପ୍ରାପ୍ତ ହୋଇସାରିଛନ୍ତି, ଯାହାକୁ ଖ୍ରୀଷ୍ଟିଆନମାନେ 'salvation', ହିନ୍ଦୁ ମାନେ 'ମୋକ୍ଷ' ଓ ବୌଦ୍ଧମାନେ

'ନିର୍ବାଣ' ବୋଲି କହନ୍ତି । ସେମାନେ ସାଧାରଣ ମଣିଷଙ୍କ ପଥରେ ଗତି କରିଛନ୍ତି, ପିଚ୍ଛିଳ ତୀଖ ସଂକ୍ଷିପ୍ତ ମାର୍ଗରେ ଆରୋହଣ କରି କରି ଅତିମାନବୀୟ ସ୍ତରରେ ଉପନୀତ ହୋଇଛନ୍ତି । ଆମକୁ ଯେଉଁ ପଥରେ ଚାଲିବାକୁ ଅଛି, ସେମାନେ ସେ ପଥ ଅତିକ୍ରମ କରିସାରିଛନ୍ତି, ଶୀର୍ଷତମ ସ୍ଥାନରେ ପହଞ୍ଚିସାରିଛନ୍ତି । ଦୀକ୍ଷା ପରେ ଦୀକ୍ଷା (initiation) ଲାଭ କରିବାରେ ସମର୍ଥ ହୋଇ ନିଜ ଚେତନାକୁ ପ୍ରସାରିତ କରି 'ନିର୍ବାଣଲୋକ' ପର୍ଯ୍ୟନ୍ତ ସମସ୍ତ ଜଗତ ବିଷୟରେ ଜାଣିପାରିଛନ୍ତି । କ୍ରମେ କ୍ରମେ ଉନ୍ନତ ହେଉଥିବା ରୂପଗତ ପରିବର୍ତ୍ତନ ସହିତ ଚେତନାର କ୍ରମବିକାଶ ଉପରେ ଆଧାରିତ ଉଦ୍‌ବର୍ତ୍ତନ ସମ୍ପର୍କିତ ଧାରଣା ଦୀକ୍ଷା ବା ଶିଷ୍ୟତ୍ୱ (Adeptship) ଲାଭ ଧାରଣାର ମୂଳଭିତ୍ତି । ଦୀକ୍ଷିତ ସାଧକ (Adept) ମଣିଷ ପକ୍ଷରେ ସମ୍ଭବ ଉଚ୍ଚତମ ବୌଦ୍ଧିକ କ୍ଷମତା, ନୈତିକତା ଓ ଆଧ୍ୟାତ୍ମିକ ବିକାଶର ଅଧିକାରୀ ହୋଇ କ୍ରମବିକାଶର ସୁଦୀର୍ଘ ପଥ ଅତିକ୍ରମ କରି ଶୀର୍ଷ ସ୍ଥାନରେ ଉଭା ହୋଇଥା'ନ୍ତି । ସଂସାରରେ ସମ୍ଭବ ସମସ୍ତ ଅନୁଭୂତି-ଅଭିଜ୍ଞତା ସେ ଅର୍ଜନ କରିସାରିଥା'ନ୍ତି । ଏହା ପରର ବିକାଶ ବା ଉଦ୍‌ବର୍ତ୍ତନ ଅତିମାନବୀୟ ।

ଏହି ମହାନ୍ ଆଡେପ୍‌ଟ୍‌ମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ଜନ୍ମ-ମୃତ୍ୟୁ-ଚକ୍ରରୁ ମୁକ୍ତ ହୋଇଥିଲେ ହେଁ ସ୍ୱେଚ୍ଛାରେ ରକ୍ତମାଂସର ବୋଝ ବୋହିଥା'ନ୍ତି, ମନୁଷ୍ୟମାନଙ୍କର ସହାୟତା ପାଇଁ ସ୍ଥୂଳଶରୀର ଧରି ପୃଥିବୀରେ ରହିଥା'ନ୍ତି । ଅଜସ୍ର ମଣିଷଙ୍କ ଭିତରୁ ଯେଉଁମାନେ ନିଃସ୍ୱାର୍ଥ ଭାବରେ ମନୁଷ୍ୟ ଜାତିର ସେବା କରିବା ପାଇଁ ସବୁକିଛି ତ୍ୟାଗକରି ଦ୍ରୁତଗତିରେ ବିକାଶ ଲାଭ କରିବାକୁ ଚାହାନ୍ତି, ସେମାନଙ୍କୁ ଶିଷ୍ୟ ରୂପେ ଗ୍ରହଣ କରିଥା'ନ୍ତି । ଏହିପରି ଆଡେପ୍‌ଟ୍‌ମାନେ ହିଁ ମହାତ୍ମା ।

ଗୁରୁମହାତ୍ମା ହେଉଛନ୍ତି ଦିବ୍ୟମାନବ, ଏହି ସମାନ ମଣିଷଜାତିର ବଡ଼ଭାଇ, ଯିଏ ବିକାଶର ମହିମ୍ନତାରେ ଅଗ୍ରଜ ତୁଲ୍ୟ । ସେ ସ୍ଥୂଳଶରୀରରେ ରହିଥା'ନ୍ତି ଓ ଗୁରୁ ଶବ୍ଦରୁ ସୂଚିତ ହେଉଥିବା ମତେ ଅଳ୍ପ ଅଗ୍ରସର ହୋଇଥିବା ମଣିଷଙ୍କୁ ଶିଷ୍ୟ ବା ଚେଲା ରୂପେ ଗ୍ରହଣ କରିଥା'ନ୍ତି, ଯାହାଦ୍ୱାରା ସେମାନେ ସଂକ୍ଷିପ୍ତ ମାର୍ଗରେ ଗତିକରି ମାନବୀୟ ବିକାଶର ଶିଖର ଦେଶରେ ପହଞ୍ଚିପାରିବେ । ଅନ୍ୟ ଅନେକ ଆଡେପ୍‌ଟ୍ ଏହି ସ୍ତରରେ ପହଞ୍ଚିଲା ପରେ ଆଉ ନର-ଶରୀର ଧାରଣ କରନ୍ତି ନାହିଁ; କେବଳ ଆତ୍ମିକ ଶରୀରରେ ପାର୍ଥିବ ଜଗତଠାରୁ ଦୂରେଇ ଯା'ନ୍ତି । ଆହୁରି କେତେକ ଏହି

ସ୍ତରରେ ପହଞ୍ଚିଥିବା ମଣିଷ ଅନ୍ୟ କୌଣସିପ୍ରକାରେ ସଂସାରର ସେବା କାର୍ଯ୍ୟରେ ସଂପୃକ୍ତ ରହିଥା'ନ୍ତି ।

ଗୁରୁମହାତ୍ମା ପୃଥିବୀର ଶ୍ୱେତ-ଋଷିସଂଘର ସଦସ୍ୟ । ତାଙ୍କୁ ବିଶ୍ୱର ଆଭ୍ୟନ୍ତରୀଣ ଶାସନ ପରିଚାଳନାର ଗୂଢ଼ ସିଦ୍ଧ-ସୋପାନକ୍ରମ ରୂପେ ମଧ୍ୟ ଅଭିହିତ କରାଯାଇଛି । ଏହି ଗୂଢ଼ ସିଦ୍ଧ-ସୋପାନକ୍ରମ ସମଗ୍ର ଉଦ୍‌ବର୍ତ୍ତନ ବା ବିକାଶ ପ୍ରକ୍ରିୟାକୁ ମାର୍ଗଦର୍ଶନ ଦେଇଥା'ନ୍ତି, ପ୍ରକୃତିର ନିୟମସମୂହକୁ ପରିଚାଳିତ କରିଥା'ନ୍ତି, ବିଶ୍ୱର ଘଟଣାସମୂହକୁ ନିୟନ୍ତ୍ରିତ କରିଥା'ନ୍ତି । ସେମାନେ ଏକ ନିର୍ଦ୍ଦିଷ୍ଟ କ୍ରମରେ ରହିଥା'ନ୍ତି - ଶାସନବ୍ୟବସ୍ଥା, ଶିକ୍ଷାଦାନ ଓ ବିଶ୍ୱର ତତ୍ତ୍ୱାବଧାନ। ଏ ପ୍ରତ୍ୟେକ ସ୍ତରରେ ବିବିଧ କାର୍ଯ୍ୟ ପୂର୍ଣ୍ଣତଃ ସମତା ରକ୍ଷାକରି ସମ୍ପାଦିତ ହୋଇଥାଏ । ସେମାନେ ମନୁଷ୍ୟ ଜାତିର ଅଭିଭାବକ, ମନୁଷ୍ୟଜାତି ଓ ସମସ୍ତ ବିଶ୍ୱର ଯଥାର୍ଥ ଶାସନକର୍ତ୍ତା ।

ଉଦ୍‌ବର୍ତ୍ତନ ହେଉଛି ଲୀଳା । ମାନବଜାତିର ଅଜ୍ଞତାର ମୋଚନ ଓ ଜ୍ଞାନପ୍ରାପ୍ତିରେ, ଅନ୍ଧକାରରୁ ବାହାରି ଆଲୋକପ୍ରାପ୍ତ ହେବାରେ ଏହାର ଅନ୍ତ । ସେମାନଙ୍କୁ ବିଶ୍ୱର ଅଭିଭାବକ କୁହାଯାଏ। କାରଣ ସମଗ୍ର ବିଶ୍ୱକୁ କେତୋଟି ଅଞ୍ଚଳରେ ବିଭକ୍ତ କରାଯାଇଥାଏ ଓ ଏହି ଅଦୃଶ୍ୟ ସୋପାନକ୍ରମର ଜଣେ ଜଣେ ପ୍ରତ୍ୟେକ ଅଞ୍ଚଳର ଦାୟିତ୍ୱ ନେଇଥା'ନ୍ତି ।

ଆମ ସୌରଜଗତର ମୁଖ୍ୟ ସୂର୍ଯ୍ୟନାରାୟଣ । ସେହିପରି ଅଗଣିତ ସୌରଜଗତ ପାଇଁ ଅସଂଖ୍ୟ ସୂର୍ଯ୍ୟନାରାୟଣ ରହିଛନ୍ତି । ସେ ସମସ୍ତେ ସାରତଃ ଏକ ଓ ଅଭିନ୍ନ, ଏକ ହିଁ ପରମସତ୍ତା ସେ ସମସ୍ତଙ୍କର ମୂଳ; ମାତ୍ର ବ୍ୟକ୍ତ ବା ପ୍ରକାଶିତ ରୂପରେ ସେମାନେ ଅସଂଖ୍ୟ ରୂପରେ ଆଭାସିତ ହେଉଥା'ନ୍ତି । ସୂର୍ଯ୍ୟ ନାରାୟଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ, ଏହିପରି ତ୍ରିରୂପଧାରୀ ଈଶ୍ୱର ଭାବରେ କ୍ରିୟାଶୀଳ ହୋଇଥା'ନ୍ତି, ଯାହା ବସ୍ତୁତଃ ଏକ ହିଁ ଈଶ୍ୱରଙ୍କର ତ୍ରିବିଧ ସ୍ୱରୂପ । ବିଭିନ୍ନ ଧର୍ମ-ପରମ୍ପରାରେ ଏହାକୁ ଭିନ୍ନ ଭିନ୍ନ ନାମ ଦିଆଯାଇଛି । ଯେପରିକି, ଶିବ-ବିଷ୍ଣୁ-ବ୍ରହ୍ମା,The father-the son-the Holy ghost. ସୂର୍ଯ୍ୟ ନାରାୟଣଙ୍କ ଅଧୀନରେ ଗ୍ରହ-ଦେବତାମାନେ କାର୍ଯ୍ୟ କରିଥା'ନ୍ତି । ଆମ ପୃଥିବୀଗ୍ରହର ମଧ୍ୟ ଦେବତା ଅଛନ୍ତି । ଈଶ୍ୱରଙ୍କର ପ୍ରତିନିଧି ରୂପେ ପୃଥିବୀଗ୍ରହର ଶାସନ ପରିଚାଳନା କରୁଥିବା ସନତ୍‌କୁମାର ଏ ଗ୍ରହର ରାଜା ରୂପେ ଉଦ୍‌ବର୍ତ୍ତନ ପ୍ରକ୍ରିୟାର ତତ୍ତ୍ୱାବଧାନ ଓ ନିୟନ୍ତ୍ରଣ କରିଥା'ନ୍ତି ।

ସେହି ଏକମାତ୍ର ଶାସନକର୍ତ୍ତା, ଏକମାତ୍ର ପ୍ରାରମ୍ଭକର୍ତ୍ତାଙ୍କ ଅନୁମୋଦନ ବ୍ୟତିରେକେ କେହି ଶ୍ୱେତ-ଋଷିସଂଘର ଦୀକ୍ଷା ଲାଭ କରିବା ସମ୍ଭବ ନୁହେଁ । ସନାତନ ଧର୍ମ ପରମ୍ପରାରେ ତାଙ୍କୁ ଚିରକୁମାର ରୂପେ ଅଭିହିତ କରାଯାଇଛି ।

ସନତ୍‌କୁମାର ଆମ ମନୁଷ୍ୟ ଜାତିର ମହାତ୍ମା (Adept) ନୁହନ୍ତି । ସେ ଓ ତାଙ୍କର ତିନି ଶିଷ୍ୟ ସନକ, ସନନ୍ଦନ ଓ ସନାତନ ଶୁକ୍ର-ବିକାଶ-ଶୃଙ୍ଖଳାରୁ ଆସିଛନ୍ତି, ଯାହାକି ପୃଥିବୀର ବିକାଶ-ଶୃଙ୍ଖଳା ତୁଳନାରେ ଅଧିକ ଉନ୍ନତ ଥିଲା । ରାଜା ସନତ୍‌କୁମାରଙ୍କ ଅଧୀନରେ ତିନିଜଣ ମନ୍ତ୍ରୀ ଓ ଅନେକ ମହାତ୍ମା (Adept) ବିଭିନ୍ନ କ୍ଷେତ୍ର ବା ବିଭାଗରେ କାର୍ଯ୍ୟ କରିଥା'ନ୍ତି । ତିନି ବିଶିଷ୍ଟ ବିଭାଗ ହେଉଛି ଶାସନ, ଶିକ୍ଷା ଓ ସର୍ଜନାତ୍ମକ କ୍ରିୟାକଳାପ । ଯଥାକ୍ରମେ ଏ ତିନି ବିଭାଗର ମୁଖ୍ୟ ହେଉଛନ୍ତି ମନୁ, ବୋଧିସତ୍ତ୍ୱ ଓ ମହାଚୋହାନ । ମହାତ୍ମାମାନଙ୍କ ମଧ୍ୟରୁ ମହାତ୍ମା ମୌର୍ଯ୍ୟ (Master M) ଓ ମହାତ୍ମା କୁତ୍‌ହୁମି (Master KH) ବ୍ରହ୍ମବିଦ୍ୟା ସମିତି ଗଠନ କରିବା ପାଇଁ ହେଲେନା ପେଟ୍ରୋଭ୍‌ନା ବ୍ଲାଭାଟ୍‌ସ୍କି ଓ ହେନେରି ଷ୍ଟିଲ୍ ଅଲ୍‌କଟ୍‌ଙ୍କୁ ପ୍ରେରଣା ଦେଇଥିଲେ । ବ୍ରହ୍ମବିଦ୍ୟା ସମିତି ପକ୍ଷରୁ ରଚିତ ଓ ପ୍ରକାଶିତ ପୁସ୍ତକମାନଙ୍କରେ ମହାତ୍ମା ଭେନେସିଆନ୍, ମହାତ୍ମା ସେରାପିସ୍, ମହାତ୍ମା ହିଲାରିଆନ୍, ମହାତ୍ମା ଯେଶସ୍, ମହାତ୍ମା ରାଚୋକ୍‌ଜି, ମହାତ୍ମା ଦ୍ୱିଜାଲ କୁଲ୍ ପ୍ରମୁଖ ଶ୍ୱେତଋଷିସଂଘର କେତେଜଣ ସଦସ୍ୟଙ୍କ ନାମ ମଧ୍ୟ ଉଲ୍ଲିଖିତ ହୋଇଛି ।

ଯେଉଁ ଆତ୍ମାମାନେ ଦ୍ରୁତ ଅଗ୍ରଗତିର କ୍ଷମତା ରଖନ୍ତି, ନିଜେ ଯେପରି ସହାୟତା ପାଇଛନ୍ତି, ସମଗ୍ର ମାନବଗୋଷ୍ଠୀକୁ ସେହିପରି ସହାୟତା ଦେଇ ଋଣ ପରିଶୋଧ କରିବାରେ ସମର୍ଥ ହୋଇପାରନ୍ତି, ସେହିମାନଙ୍କ ପାଇଁ ଶିଷ୍ୟତ୍ୱର ମାର୍ଗ ଉନ୍ମୁକ୍ତ ହୋଇଥାଏ । ଯେତେବେଳେ ଜଣେ ବ୍ୟକ୍ତି ନିଜ ଚେଷ୍ଟାରେ ଧର୍ମ ଓ ଦର୍ଶନରୁ ସାଧାରଣ ଭାବେ ଲାଭ କରିଥିବା ସହାୟତାର ପୂର୍ଣ୍ଣ ଉପଯୋଗ କରି ବ୍ୟକ୍ତିଗତ ସଂଘର୍ଷଦ୍ୱାରା ଅଗ୍ରଗାମୀ ମାନବକୁଳର ସମ୍ମୁଖ ଭାଗରେ ପହଞ୍ଚିଯା'ନ୍ତି, ନିଃସ୍ୱାର୍ଥ ପ୍ରେମ ଓ ସହାୟତା ଦେବାର ସ୍ୱଭାବ ହେତୁ ମାନବୀୟ ମହାସ୍ରୋତ (race) ର ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ମହାତ୍ମାମାନଙ୍କର ଦୃଷ୍ଟି ଆକର୍ଷଣ କରିଥା'ନ୍ତି । ତାଙ୍କର ସାମର୍ଥ୍ୟ ପରୀକ୍ଷା ପାଇଁ ସୁଯୋଗ ଦିଆଯାଏ; ଅନ୍ତର୍ଦୃଷ୍ଟି ବା ପ୍ରଜ୍ଞାଦୃଷ୍ଟିକୁ ଆହ୍ୱାନ ଦିଆଯାଏ ।

ଏହି ପଥକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ପ୍ରଥମଟିକୁ ଶିକ୍ଷାନବିସ ବା ପ୍ରଶିକ୍ଷଣର ପଥ କୁହାଯାଏ । ଦ୍ୱିତୀୟଟି ପ୍ରକୃତ ପଥ ବା ଶିଷ୍ୟତ୍ୱର ପଥ । ପ୍ରଶିକ୍ଷଣର ପଥରେ ପ୍ରବେଶ କରିଥିବା ବ୍ୟକ୍ତିଙ୍କୁ ଯେଉଁ କାର୍ଯ୍ୟ ସମ୍ପନ୍ନ କରିବାକୁ ହୁଏ, ତାହା ପୂର୍ଣ୍ଣତଃ ମାନସିକ ଓ ନୈତିକ ବା ଆଦର୍ଶଗତ । ସେ ନିଜକୁ ସେହି ସ୍ତରକୁ ଉନ୍ନୀତ କରାଇବା ଆବଶ୍ୟକ, ଯେଉଁଠି ସେ ଗୁରୁଙ୍କୁ ମୁହାଁମୁହିଁ ଭେଟିବାରେ ସମର୍ଥ ହୋଇପାରିବେ । ଗୁରୁମାନେ, ମହାତ୍ମାମାନେ ମନୁଷ୍ୟ ଓ ଅତିମାନବୀୟ ସତ୍ତା ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା ପାଇଁ ସ୍ୱେଚ୍ଛାରେ ମାନବଶରୀର ଘେନି ଅବତୀର୍ଣ୍ଣ ହୋଇଥା'ନ୍ତି । କେତେକ ସର୍ତ୍ତ ପୂରଣ କରିପାରୁଥିବା ମଣିଷଙ୍କୁ ସେମାନେ ଶିଷ୍ୟ ରୂପେ ଗ୍ରହଣ କରିଥା'ନ୍ତି । ସେହି ଯୋଗ୍ୟ ମଣିଷମାନଙ୍କର ଉଦ୍‌ବର୍ତ୍ତନର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ମହାନ୍ ଭ୍ରାତୃଗଣଙ୍କ ଗୋଷ୍ଠୀରେ ପ୍ରବେଶ କରାଇଥାନ୍ତି ଓ ମନୁଷ୍ୟଜାତିର କଲ୍ୟାଣକଳ୍ପେ ବିଶେଷ କାର୍ଯ୍ୟସାଧନରେ ନିୟୋଜିତ କରାଇଥା'ନ୍ତି ।

ମହାତ୍ମାମାନେ ସଦାସର୍ବଦା ମାନବୀୟ ମହାସ୍ରୋତ ଉପରେ ଦୃଷ୍ଟି ରଖିଥା'ନ୍ତି । କେଉଁ କେଉଁ ମନୁଷ୍ୟ ସଦ୍‌ଗୁଣ ବା ପୁଣ୍ୟକର୍ମର ଅଭ୍ୟାସ ଦ୍ୱାରା ମାନବ-କଲ୍ୟାଣ ପାଇଁ ନିଃସ୍ୱାର୍ଥ ଶ୍ରମ କରୁଛନ୍ତି । ବୌଦ୍ଧିକ ପ୍ରୟାସ ବଳରେ ମାନବ-ସେବାରେ ବ୍ରତୀ ହୋଇଛନ୍ତି, ନିଷ୍ପାପର ଭକ୍ତି (devotion), ଶୀଳ (peity) ଓ ଶୁଦ୍ଧତା (purity) ଦ୍ୱାରା ନିଜ ଚାରିପାଖରେ ଥିବା ମଣିଷମାନଙ୍କ ଭିତରେ ଅଗ୍ରଣୀ ହୋଇପାରିଛନ୍ତି ଓ ସମଗ୍ର ମାନବଜାତି ପାଇଁ ଆଧ୍ୟାତ୍ମିକ ସହାୟତା ଗ୍ରହଣ କରିପାରିବାର ଯୋଗ୍ୟତା ଦେଖାଇପାରିଛନ୍ତି, ସେମାନଙ୍କୁ ଚିହ୍ନି ନିଅନ୍ତି । କାରଣ ମହାତ୍ମାମାନେ ହେଉଛନ୍ତି ମାନବୀୟ ଉଦ୍‌ବର୍ତ୍ତନ ତଥା ଏଥିପାଇଁ ଯୋଗ୍ୟ ଜୀବାତ୍ମାମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଆଧ୍ୟାତ୍ମିକ ଶକ୍ତିର ବିତରଣକାରୀ । ଯୋଗ୍ୟ ବ୍ୟକ୍ତି ବା ସାଧକ ଏହି ଆଧ୍ୟାତ୍ମିକ ଶକ୍ତିର ଯଥୋଚିତ ବ୍ୟବହାରରେ ଯେତେ ସଫଳତା ଦେଖାଏ, ସେହି ଅନୁପାତରେ ଅଧିକ ସାହାଯ୍ୟ ପାଏ ଓ ଯଥାର୍ଥ ଜୀବନର ଝଲକ ଦେଖିବାରେ ସମର୍ଥ ହୁଏ ।

ଏହି ମାର୍ଗରେ ଯେ ପ୍ରବେଶ କରେ ସେ ପ୍ରଶିକ୍ଷଣରତ ଶିଷ୍ୟ ରୂପେ ପରିଗଣିତ ହୁଏ । କୌଣସି ମହାତ୍ମା ତା'ର ତତ୍ତ୍ୱାବଧାନ କରନ୍ତି । ଉଦ୍‌ବର୍ତ୍ତନର ପ୍ରଧାନ ମାର୍ଗ ଛାଡ଼ି ଆସିଥିବା ସେହି ବ୍ୟକ୍ତି ଗୁରୁଙ୍କର ମାର୍ଗଦର୍ଶନ ଆବଶ୍ୟକ କରିଥା'ନ୍ତି, ଯିଏକି

ତାଙ୍କୁ ମୁକ୍ତି ପାଇଁ ଉନ୍ମୁଖତାର ତୀଖ ଓ ସଂକୀର୍ଣ୍ଣ ମାର୍ଗରେ ଚାଲିବାର ଦିଗ୍‌ଦର୍ଶନ ଦେଇପାରିବେ । ସେହି ଗୁରୁମହାତ୍ମା ସେ ପଥର ପ୍ରବେଶସ୍ଥଳରେ ହିଁ ତାକୁ ଅପେକ୍ଷା କରିଥା'ନ୍ତି । ନୂତନ ଶିଷ୍ୟ ଗୁରୁଙ୍କୁ ଚିହ୍ନି ନ ଥିଲେ ବି ଗୁରୁ ତାକୁ ଚିହ୍ନିଥା'ନ୍ତି, ତା'ର ପ୍ରୟାସକୁ ଲକ୍ଷ୍ୟ କରିଥା'ନ୍ତି, ତା'ର ପଦକ୍ଷେପକୁ ନିର୍ଦ୍ଦେଶ ଦେଇଥା'ନ୍ତି, ତା'ର ଅଗ୍ରଗତିରେ ସର୍ବାଧିକ ସହାୟକ ହେଲା ପରି ଅବସ୍ଥା ଆଡ଼କୁ ତାକୁ ବାଟ କଢ଼ାଇଥା'ନ୍ତି, ମା'ପରି ଯତ୍ନର ସହିତ ଓ ପରିପୂର୍ଣ୍ଣ ଅନ୍ତର୍ଦୃଷ୍ଟିରୁ ସମ୍ଭୂତ ପ୍ରଜ୍ଞା ସହିତ ତା' ଉପରେ ଦୃଷ୍ଟି ରଖିଥା'ନ୍ତି । ସେହି ମାର୍ଗ ନିର୍ଜନ ଓ ଅନ୍ଧକାର ମଧ୍ୟ ବୋଧ ହୋଇପାରେ ଓ ନୂତନ ଶିଷ୍ୟ ନିଜକୁ ଏକୁଟିଆ ବା ନିଃସଙ୍ଗ ବୋଧ କରୁଥାଇପାରେ; କିନ୍ତୁ ନିଜ ଭାଇଠାରୁ ବଳି ଜଣେ ବନ୍ଧୁ ସବୁବେଳେ ତା'ହାତପାହାନ୍ତାରେ ଥାଏ ଓ ସେହି ଶିଷ୍ୟର ଜୀବାତ୍ମାକୁ ଅଲକ୍ଷିତ ଭାବରେ ସାହାଯ୍ୟ କରି ଚାଲିଥାଏ ।

ମହାତ୍ମାଙ୍କ ପତ୍ର ମଧ୍ୟରୁ ମହାତ୍ମା କୁତ୍-ହୁମିଙ୍କର ଗୋଟିଏ ପତ୍ରରେ କୁହାଯାଇଛି– "କୌଣସି ମଣିଷକୁ ଶିଷ୍ୟ ଭାବରେ ଗ୍ରହଣ କରିବା ମୋର ବ୍ୟକ୍ତିଗତ ଇଚ୍ଛା ଉପରେ ନିର୍ଭର କରେ ନାହିଁ । ଏହା ଜଣକର ବ୍ୟକ୍ତିଗତ ଯୋଗ୍ୟତା ଓ ଏହି ଦିଗରେ ସେ କରିଥିବା ଶ୍ରମ ବା ଉଦ୍ୟମର ଫଳରେ ସମ୍ଭବ ହୋଇପାରେ । ତୁମେ ଯେଉଁ ବି ଗୁରୁଙ୍କୁ ଇଚ୍ଛା ଏଥିପାଇଁ ବାଧ୍ୟ କରିଦେଇପାର; ତାଙ୍କରି ନାମ ନେଇ ଓ ମନୁଷ୍ୟଜାତି ପ୍ରତି ପ୍ରେମଭାବ ରଖି ଉତ୍ତମ କାର୍ଯ୍ୟ କର, ନିଜକୁ ପରିଶୁଦ୍ଧ କର ଓ ଆମର ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ ପୁଣ୍ୟର ପଥରେ ଦୃଢ଼ ନିଷ୍ଠା ରଖ; ସଚ୍ଚୋଟ ଓ ନିଃସ୍ୱାର୍ଥପର ହୁଅ; ନିଜ କଥା ଭୁଲି ଅନ୍ୟମାନଙ୍କର ହିତସାଧନ ପ୍ରତି ସଚେତନ ରୁହ । ତାହେଲେ ଗୁରୁମହାତ୍ମା ତୁମକୁ ଶିଷ୍ୟ ରୂପେ ଗ୍ରହଣ କରିବାକୁ ବାଧ୍ୟ ହୋଇଯିବେ ।"

ପ୍ରଶିକ୍ଷଣର ସ୍ତରରେ ଥିବା ଶିଷ୍ୟ ଚାରିଟି ଯୋଗ୍ୟତାର ଅଧିକାରୀ ହେବାପାଇଁ ଲକ୍ଷ୍ୟ ରଖିବା ଆବଶ୍ୟକ । ସେହି ଯୋଗ୍ୟତାର ମାନଦଣ୍ଡ ମହାନ୍ ଭ୍ରାତୃବର୍ଗଙ୍କ ଦ୍ୱାରା ଯଥାର୍ଥ ପୂର୍ଣ୍ଣାଙ୍ଗ ଶିଷ୍ୟ ହେବାପାଇଁ ସର୍ତ୍ତ ରୂପେ ନିରୂପିତ ହୋଇଛି । ଦୀକ୍ଷାଲାଭ ପୂର୍ବରୁ ସେହିସବୁ ଯୋଗ୍ୟତା (ଆଂଶିକ ଭାବେ ହେଉପଛେ) ଅର୍ଜନ କରିବା ପାଇଁ ପ୍ରବଳ ପ୍ରୟାସ କରିବା ଉଚିତ । ସେଥିମଧ୍ୟରୁ ପ୍ରଥମଟି ହେଉଛି ସତ୍ ଓ ଅସତ୍ ମଧ୍ୟରେ ବିବେଚନା କରିବାର ଯୋଗ୍ୟତା (Discrimination) । ଶିଷ୍ୟର

ମନରେ ଏହାର ଉଦୟ ହୋଇସାରିଥାଏ, ଯାହା ତାକୁ ବର୍ତ୍ତମାନ ସେ ପ୍ରବେଶ କରିଥିବା ମାର୍ଗ ଆଡ଼କୁ ଟାଣି ଆଣିଥାଏ । ତା' ମନ ଭିତରେ ଏହି ବିବେଚନାଶକ୍ତି ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ହୋଇଯାଏ ଓ କ୍ରମେ କ୍ରମେ ତାକୁ ବାନ୍ଧିଥିବା ଶୃଙ୍ଖଳଗୁଡ଼ିକରୁ ମୁକ୍ତ ହେବାପାଇଁ ତାକୁ ବହୁ ପରିମାଣରେ ସମର୍ଥ କରିଥାଏ । ଏହି ବିବେକର ଜାଗରଣ ହେଲେ ବାହ୍ୟ-ବସ୍ତୁଗୁଡ଼ିକର ତୁଚ୍ଛତା ସଂପର୍କରେ ସ୍ପଷ୍ଟ ଅବଧାରଣା ଆସିବା ସହିତ ସେସବୁ ପ୍ରତି ଅନାସକ୍ତି ସ୍ୱତଃ ଆସିଯାଏ । ସେ ବୁଝିପାରେ ଯେ ଅସତ୍ ବିଷୟରେ ସନ୍ତୋଷ ଖୋଜିବାରୁ ଜନ୍ମ ନେଉଥିବା ହତାଶା ହେତୁ ହିଁ ସେ ଥକିପଡୁଛି, ଯେତେବେଳେ କି କେବଳ ସତ୍ ହିଁ ତା'ର ଆତ୍ମାକୁ ସନ୍ତୋଷ ଦେବାରେ ସମର୍ଥ; ବୁଝିପାରେ ଯେ ପ୍ରତ୍ୟେକ ଇନ୍ଦ୍ରିୟଗମ୍ୟ ବିଷୟ (forms) ଅସତ୍ ଓ ଅସ୍ଥିର, ଜୀବନର ଗତି ଅନୁଯାୟୀ ପରିବର୍ତ୍ତନଶୀଳ । ଅନେକ ଆବରଣ ତଳେ ନିହିତ ଯେଉଁ ଏକ ହିଁ ଜୀବନସତ୍ତାକୁ ଆମେ ଖୋଜି ଚାଲିଥାଉଁ, ନିଜ ଅଜାଣତରେ ହେଲେ ବି ଭଲ ପାଇଥାଉଁ, ତା' ବ୍ୟତୀତ ଆଉକିଛି ସତ୍ ନୁହେଁ ।

ସାଧକ ଶିଷ୍ୟର ଜୀବନ ସାଧାରଣତଃ ଝଡ଼ଝଞ୍ଜାରେ ପୂର୍ଣ୍ଣ । ତାହା ସତ୍ତ୍ୱେ ତିନି ଲୋକରେ ଅତିବାହିତ ଅନେକ ଜୀବନର ଅଭିଜ୍ଞତାରୁ କ୍ରମଶଃ ଉଦ୍‌ବର୍ତ୍ତିତ ହୋଇଥିବା ଗୁଣଗୁଡ଼ିକର ବିକାଶ ତ୍ୱରାନ୍ୱିତ ହୋଇଥାଏ ଓ ଶୀଘ୍ର ପୂର୍ଣ୍ଣତାପ୍ରାପ୍ତି ହୋଇଥାଏ । ଆସୁଥିବା-ଯାଉଥିବା, ଯାଉଥିବା-ଆସୁଥିବା ବସ୍ତୁ ବା ବିଷୟ ସମୂହର ଥିବା ବା ନ ଥିବା, ଉପସ୍ଥିତି ବା ଅନୁପସ୍ଥିତି ପ୍ରତି ସେ କ୍ରମେ ନିଃସ୍ପୃହ ହୋଇଯାଏ; ଅବିକାରୀ ବା ଅପରିବର୍ତ୍ତନୀୟ ଶାଶ୍ୱତ ସତ୍‌ଠାରେ ନିଜର ଦୃଷ୍ଟିକୁ ଅଧିକରୁ ଅଧିକ ନିବଦ୍ଧ କରିବାରେ ଲାଗେ ।

ଶଙ୍କରାଚାର୍ଯ୍ୟଙ୍କଦ୍ୱାରା 'ବିବେକ' ରୂପେ ଅଭିହିତ ଏହି ଯୋଗ୍ୟତା ହେଉଛି ଚାତୁର୍ଯ୍ୟପୂର୍ଣ୍ଣ ପ୍ରଭେଦୀକରଣ ଓ ଆଧ୍ୟାତ୍ମିକ ଅବବୋଧ । ସତ୍ ଚିନ୍ତନ, ସତ୍ ଅଭିଳାଷ ଓ ଧ୍ୟାନ ବଳରେ ଧୀରେ ଧୀରେ ଦିବ୍ୟଲୋକ (the divine world) ଓ ତାହାର ଦିବ୍ୟଗୁଣାବଳୀର ଉନ୍ମୋଚନ ହୋଇଥାଏ । ସେହି ଦିବ୍ୟ ଅନ୍ତରାବଲୋକନ ଅବର୍ଣ୍ଣନୀୟ, ଅନୁପମ । ଏହା ମାନବୀୟ କଳ୍ପନାର ଅତୀତ । କାରଣ ମନୁଷ୍ୟର ମନ ଏହା ବିଷୟରେ, ଏହାର ଅଲୌକିକ ସୁଷମା ବିଷୟରେ ଅବିଚଳ ସ୍ଥିରତା ଓ ସତ୍ୟ ବିଷୟରେ କିଛି ବି ଜାଣି ନ ଥାଏ ।

"ମୁଁ ଏହି ଶରୀର ନୁହେଁ, ଯାହା ଛାୟାମୟ ଜଗତର ଅଂଶ; ତାହାକୁ ପ୍ରଭାବିତ କରୁଥିବା କାମନା ବା ଇଚ୍ଛା ମୁଁ ନୁହେଁ; ମୋର ମନକୁ ଆଚ୍ଛନ୍ନ କରି ରଖୁଥିବା ଚିନ୍ତାସମୂହ ମୁଁ ନୁହେଁ; ମୁଁ ମନ ମଧ୍ୟ ନୁହେଁ। ମୋ ହୃଦୟ ଭିତରେ ନିହିତ ଦିବ୍ୟଜ୍ୟୋତି ହିଁ ମୁଁ, ଯାହା ଶାଶ୍ୱତ, ଅନିର୍ବାଣ, ଅଦୃଶ୍ୟ । ସୂର୍ଯ୍ୟଠାରୁ ଅଧିକ ଉଜ୍ଜ୍ୱଳ, ତୁଷାରଠାରୁ ଅଧିକ ଶୁଦ୍ଧ, ଇଥରଠାରୁ ଅଧିକ ସୂକ୍ଷ୍ମ ସେହି ସାରସତ୍ତା ହିଁ ମୋର ଅନ୍ତର୍ନିହିତ ଆତ୍ମା।"

ଦ୍ୱିତୀୟ ଯୋଗ୍ୟତା ହେଉଛି ବୈରାଗ୍ୟ । ବୈରାଗ୍ୟର ତାତ୍ପର୍ଯ୍ୟ ହେଉଛି ଜୀବନର ସବୁ ପରିସ୍ଥିତିରେ ସଫଳତା-ବିଫଳତା, ସୁଖ-ଦୁଃଖ ଆଦି ପରସ୍ପର ବିପରୀତ ଅନୁଭବ ଭିତରେ ଭାରସାମ୍ୟ ରଖି ଶାନ୍ତ ଓ ଅବିଚଳ ରହିବା । କୌଣସି ଗୁରୁଙ୍କର ଶିଷ୍ୟ ହେବା ପାଇଁ ସାଧକର ଦୃଷ୍ଟିକୋଣ ଗୁରୁଙ୍କ ତୁଲ୍ୟ ହେବା ଆବଶ୍ୟକ; ନିଜକୁ ପୂରାପୂରି ଭୁଲିଯିବା, କୌଣସି ବ୍ୟକ୍ତିଗତ ଇଚ୍ଛା କି ରୁଚି ନ ରଖିବା ଆବଶ୍ୟକ । ପ୍ରତ୍ୟେକ ପରିସ୍ଥିତିରେ ସନ୍ତୁଷ୍ଟ ରହିବା, ସବୁକିଛି ଉତ୍ସର୍ଗ କରିଦେବା ପାଇଁ ଆଗ୍ରହୀ ଓ ଉତ୍ସୁକ ଥିବା ଆବଶ୍ୟକ । ନିଜ ବିଷୟରେ ଚିନ୍ତା ନ କରି କେବଳ ନିଃସ୍ୱାର୍ଥ ସେବା ଓ ପରୋପକାର ସାଧନରେ ବ୍ୟାପୃତ ରହିବାର ଭାବ, ନିଃସ୍ୱାର୍ଥ ପ୍ରେମପୂର୍ଣ୍ଣ ସାହାଯ୍ୟପରାୟଣ ସ୍ୱଭାବ, ପ୍ରୀତିପୂର୍ଣ୍ଣ ଅନାସକ୍ତି ହିଁ ଗୁରୁଙ୍କର ଦୃଷ୍ଟି ଆକର୍ଷଣ କରିଥାଏ ।

ତୃତୀୟ ଯୋଗ୍ୟତା ହେଉଛି ଉତ୍ତମ ଚରିତ୍ର ବା ଶୀଳ, ଯାହାକୁ ଷଟ୍-ସମ୍ପତ୍ତି ବୋଲି କୁହାଯାଏ। ପ୍ରଥମେ ଜଣେ ନିଜର ଚିନ୍ତା ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ । ଧାରଣା ଓ ଧ୍ୟାନର ନିୟମିତ ଅଭ୍ୟାସ ଦ୍ୱାରା ମନର ଆନ୍ଦୋଳନ କମିବାରେ ଲାଗିଥାଏ; ଜଣେ ଯଥାର୍ଥ ଆଧ୍ୟାତ୍ମିକ ମାର୍ଗରେ ପ୍ରବେଶ କରିବା ପୂର୍ବରୁ ଏହି ନିୟନ୍ତ୍ରଣର ଆବଶ୍ୟକତା ଥାଏ ।

ଦ୍ୱିତୀୟତଃ, ସାଧକ ନିଜର ବାକ୍ୟ ଓ କର୍ମକୁ ଆତ୍ମ-ନିୟନ୍ତ୍ରଣ ବଳରେ ଆୟତ୍ତ କରିବା ଆବଶ୍ୟକ ହୋଇଥାଏ । ସାଧକର ବାକ୍ୟ ସତ୍ୟ, ସଦୟ ଓ ସହାୟତା ପରାୟଣ ହେବା ଆବଶ୍ୟକ । ମନ ଆତ୍ମାର ନିର୍ଦ୍ଦେଶକୁ ମାନିଥାଏ; ସେହିପରି ନିମ୍ନତର ଶରୀରସମୂହ ମନର ନିର୍ଦ୍ଦେଶ ମାନିଥା'ନ୍ତି । ବାହ୍ୟଜଗତର କଲ୍ୟାଣ ସାଧନ ପାଇଁ ସାଧକ କେତେ ଉପଯୁକ୍ତ ତାହା ତା'ର ଚାରିତ୍ରିକ ଶୁଦ୍ଧତା ଓ ଦୃଶ୍ୟମାନ ଜୀବନ ଉପରେ ଯେପରି ନିର୍ଭର କରିଥାଏ; ଅନ୍ତର୍ଜଗତ ପାଇଁ

ଅବିଚଳ ଦୃଢ଼ତା ଓ ଚିନ୍ତାର ଶକ୍ତିଶାଳିତା ହିଁ ତା'ର ଯୋଗ୍ୟତାର ପରିଚାୟକ ହୋଇଥାଏ ।

ତୃତୀୟତଃ, ସାଧକର ସହନଶୀଳତାର ବିକାଶ ଆବଶ୍ୟକ ହୋଇଥାଏ । ପ୍ରତ୍ୟେକ ମଣିଷ, ପ୍ରତ୍ୟେକଟି ସତ୍ତାର ସ୍ୱାତନ୍ତ୍ର୍ୟକୁ ଶାନ୍ତଭାବରେ ଆଦରି ନେବା, ନିଜ ରୁଚିମତେ ବଦଳାଇବା ପାଇଁ ଇଚ୍ଛା ନ କରିବା କି ଜୋର୍ ନ ଦେବା ଦରକାର । ଏକ ହିଁ ଜୀବନ ଅଗଣିତ ସୀମିତସତ୍ତା ଭିତରେ ପ୍ରକାଶିତ, ପ୍ରତ୍ୟେକେ ନିଜ ସ୍ଥାନ ଓ ସମୟ ପାଇଁ ଠିକ୍ ବୋଲି ଉପଲବ୍ଧି କରିବାକୁ ଆରମ୍ଭ କରିବା ଆବଶ୍ୟକ ।

ଚତୁର୍ଥତଃ, ଧୈର୍ଯ୍ୟଶକ୍ତିର ବୃଦ୍ଧି କରିବା ଆବଶ୍ୟକ; ଧୈର୍ଯ୍ୟଶୀଳ ଭାବରେ ସବୁ କଥାକୁ ଖୁସିରେ ବରଦାସ୍ତ କରି, ଅସନ୍ତୁଷ୍ଟ ନ ହୋଇ, ଅବିଚଳ ଦୃଢ଼ତାର ସହିତ ଲକ୍ଷ୍ୟ ପଥରେ ସରଳ ଗତିରେ ଅଗ୍ରସର ହେବା ହିଁ ଧ୍ୟେୟ । ଜାଗତିକ ନିୟମର ବାହାରେ ତା' ନିକଟକୁ କିଛି ଆସିବ ନାହିଁ; ସେହି ନିୟମ ଯେ ମଙ୍ଗଳକର ଏହା ମଧ୍ୟ ସେ ଜାଣିଥାଏ । ସେ ବୁଝିଥାଏ ଯେ ଅନେକ ଅନେକ ପୂର୍ବବର୍ତ୍ତୀ ଜନ୍ମମାନଙ୍କରେ ଅର୍ଜିତ କର୍ମର ଋଣ ତାକୁ ଅଳ୍ପ କେତୋଟି ଜନ୍ମରେ ପରିଶୋଧ କରିବାକୁ ହେବ, ତେଣୁ ସେହି ଅନୁସାରେ ଅଧିକ ଅଧିକ ପରିଶୋଧ କରିବାକୁ (ପୂର୍ବାର୍ଜିତ କର୍ମର ଫଳ ଭୋଗ କରିବାକୁ) ହେବ ।

ସାଧକ ନିଜେ ଯେଉଁ ସଂଗ୍ରାମ ଓ ସଂଘାତ ଭିତରକୁ ଉତ୍ସାହର ସହିତ ଡେଇଁପଡ଼ିଥାଏ, ତାହା ତା' ଭିତରେ ପଞ୍ଚମ ଗୁଣର ବିକାଶ କରାଇଥାଏ । ସେ ଗୁଣ ହେଉଛି ଗୁରୁଙ୍କଠାରେ ଓ ନିଜ ଠାରେ ବିଶ୍ୱାସ ଓ ଆସ୍ଥା, ଶାନ୍ତ ଅବିଚଳ ଦୃଢ଼ ଆସ୍ଥା। ସେ ଜ୍ଞାନ (wisdom), ପ୍ରେମ (love), ଗୁରୁଙ୍କର ଶକ୍ତିମତ୍ତାକୁ ବିଶ୍ୱାସ କରିବାକୁ ଶିଖିଥାଏ । ସେ ନିଜ ଅନ୍ତରରେ ନିହିତ ଦିବ୍ୟତ୍ୱକୁ କେବଳ ବିଶ୍ୱାସ କରେ ନାହିଁ, ଉପଲବ୍ଧି କରିବାକୁ ଆରମ୍ଭ କରିଥାଏ, ପ୍ରତ୍ୟେକ ବିଷୟକୁ ନିଜର ବଶରେ ରଖିବାକୁ ସମର୍ଥ ହୋଇଥାଏ ।

ଅବଶିଷ୍ଟ ମାନସିକ ଆବଶ୍ୟକତା, ସମତା, ସନ୍ତୁଳନ ରକ୍ଷା, ଏକାଗ୍ରତା ପୂର୍ବରୁ ଉଲ୍ଲିଖିତ ପାଞ୍ଚଟି ପାଇଁ ପ୍ରୟାସ କରିବା ଭିତରେ ଅନାୟାସରେ କିଛି ପରିମାଣରେ ବିକଶିତ ହୋଇଯାଇଥାଏ ।

ଚତୁର୍ଥ ମହତ୍ ଯୋଗ୍ୟତା ହେଉଛି ପ୍ରେମ, ଯାହା ଏକତ୍ୱବୋଧର ଅବସ୍ଥା । 'ବିବେକ ଚୂଡ଼ାମଣି'ରେ ଦିବ୍ୟଜୀବନ ସହିତ ଏକୀଭୂତ ହୋଇଯିବାର ଏହି ଉଦ୍ଦୀପ୍ତ ତୀବ୍ରତାକୁ 'ମୁମୁକ୍ଷୁତ୍ୱ' ବୋଲି କୁହାଯାଇଛି । ବ୍ୟକ୍ତିଗତ ପ୍ରେମ ସ୍ୱାର୍ଥଭାବନାଶୂନ୍ୟ ଓ ମହତ୍ତର, ନୀତିସଙ୍ଗତ, ସୁସଂସ୍କୃତ ଓ ପରିଶୁଦ୍ଧ ହୋଇଯାଏ, ଆଧ୍ୟାତ୍ମିକ ଯାଦୁକାରିତାର ପ୍ରଭାବରେ ପରିବର୍ତ୍ତିତ ହୋଇ ଅନ୍ୟମାନଙ୍କ ପ୍ରତି ପ୍ରେମଭାବରେ ପରିଣତ ହୋଇଯାଏ । ନିଜର ପରିଚର୍ଯ୍ୟା ପରିବର୍ତ୍ତେ ସେମାନଙ୍କର ସେବା କରିବାକୁ ଚାହେଁ, ପାଇବା ପରିବର୍ତ୍ତେ ଦେବାକୁ ଚାହେଁ । ଏହିପରି ଭାବରେ ତା' ଭିତରେ କ୍ରମେକ୍ରମେ ଦିବ୍ୟତାର ସଞ୍ଚାର ହୁଏ ।

'Light on the Path' ପୁସ୍ତକରେ ପ୍ରଜ୍ଞାର ଅଧିକାରୀ ଗୁରୁଙ୍କର ସମ୍ମୁଖବର୍ତ୍ତୀ ହେବାପାଇଁ ଚାରିଟି ମହାସତ୍ୟ ବା ସ୍ୱର୍ଣ୍ଣିମ ନିୟମର ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ହେଲା–

୧. ଦେଖିବାରେ ସମର୍ଥ ହେବାପୂର୍ବରୁ ଚକ୍ଷୁର ଅଶ୍ରୁ ଝରାଇବାର ପ୍ରବୃତ୍ତି ନଷ୍ଟ ହେବା ଆବଶ୍ୟକ ।

୨. ଶୁଣିବାର ସାମର୍ଥ୍ୟ ଲାଭ ପୂର୍ବରୁ ଶ୍ରବଣେନ୍ଦ୍ରିୟ ତା'ର ସମ୍ବେଦନଶୀଳତା (ଶ୍ରବଣଜନିତ ଉଦ୍‌ବେଗ ଓ ପ୍ରତିକ୍ରିୟାଶୀଳତା) ହରାଇଥିବା ଆବଶ୍ୟକ ।

୩. ଗୁରୁଙ୍କ ଉପସ୍ଥିତିରେ କିଛି କହିପାରିବା ପୂର୍ବରୁ କଣ୍ଠସ୍ୱର ଆଘାତ ହେବାର ଶକ୍ତି ହରାଇଥିବା ଆବଶ୍ୟକ ।

୪. ଜୀବାତ୍ମା ଗୁରୁଙ୍କ ସମକ୍ଷରେ ଉଭା ହେବା ପୂର୍ବରୁ ତା'ର ପାଦ ନିଜ ହୃଦୟର ରକ୍ତରେ ଧୋଇ ହୋଇଥିବା ଆବଶ୍ୟକ ।

ପୂର୍ବରୁ ଆଲୋଚନା କରାଯାଇଥିବା ଚାରିଟି ଗୁଣର ବିକାଶ ପାଇଁ ପ୍ରୟାସରେ ଅତିବାହିତ ହୋଇଥିବା ବର୍ଷଗୁଡ଼ିକରେ ପ୍ରଶିକ୍ଷଣ ଅବସ୍ଥାରେ ଥିବା ସାଧକ ଅନ୍ୟ ଅନେକ ଦିଗରେ ଅଗ୍ରସର ହୋଇ ଚାଲିଥାଏ । ସେ ସବୁବେଳେ, ଏପରିକି ଗଭୀର ନିଦ୍ରାରେ ମଗ୍ନ ଥିବା ଅବସ୍ଥାରେ ମଧ୍ୟ ଗୁରୁଙ୍କଠାରୁ ଅନେକ ଶିକ୍ଷା ଗ୍ରହଣ କରିଥାଏ । ସୁଶୃଙ୍ଖଳ ଭାବଶରୀରର ପୋଷାକ ପିନ୍ଧିଥିବା ଜୀବାତ୍ମାକୁ ତା' ଚେତନାର ବାହନ ରୂପେ ବ୍ୟବହାର କରି ନିର୍ଦ୍ଦେଶ ଓ ଆଧ୍ୟାତ୍ମିକ ଆଲୋକପ୍ରାପ୍ତ ହେବାପାଇଁ ଗୁରୁମହାତ୍ମାଙ୍କ ନିକଟକୁ ନେଇଯାଏ । ସେ ଧ୍ୟାନାବସ୍ଥାରେ ମଧ୍ୟ ପ୍ରଶିକ୍ଷିତ

ହୋଇଥାଏ । ସ୍ଥୂଳଶରୀରର ବାହାରେ ଏହି ଫଳପ୍ରଦ ଅଭ୍ୟାସ ଦ୍ରୁତତର ହୋଇଥାଏ ଓ ଅନେକ ଉଚ୍ଚତର ଶକ୍ତିର ସକ୍ରିୟ ପ୍ରୟୋଗ କରିବାରେ ସମର୍ଥ ହୋଇଥାଏ, ଯେପରିକି ସତ୍ତାର ଉଚ୍ଚତର ସ୍ତରରେ ପହଞ୍ଚିବା, ନିଦ୍ରିତାବସ୍ଥାରେ ଭାବଶରୀର ମାଧ୍ୟମରେ ସେବା କରିବା ଇତ୍ୟାଦି ।

ଯେତେବେଳେ ସମୟ ଆସେ ଓ ସାଧକ ଦୀକ୍ଷାଲାଭ ପାଇଁ ଯୋଗ୍ୟ ହେଇଯାଏ, ଦୀକ୍ଷାର ପ୍ରବେଶମାର୍ଗରେ ସେ ଜଣେ ନିଶ୍ଚିତସ୍ୱୀକୃତିପ୍ରାପ୍ତ ଚେଲା ଭାବରେ ପ୍ରବେଶ କରିଥାଏ । ଏହି ମାର୍ଗର ଚାରିଗୋଟି ବିଶେଷ ଅବସ୍ଥା ରହିଛି । ସେ ପ୍ରତ୍ୟେକଟିର ପ୍ରବେଶ ଦ୍ୱାରରେ ଗୋଟିଏ ଗୋଟିଏ ଦୀକ୍ଷା ଦ୍ୱାରରକ୍ଷୀ ରୂପେ ରହିଥାନ୍ତି । ପ୍ରବେଶ କରିବା ସମୟରେ ଗୋଟିଏ ଗୋଟିଏ ଦୀକ୍ଷା ଲାଭ ହୋଇଥାଏ । ପ୍ରତ୍ୟେକଟି ଦୀକ୍ଷା ଲାଭ ସମୟରେ ଚେତନାର କିଛି କିଛି ବିକାଶ ଘଟିଥାଏ, ଯାହାକୁ ସେହି ସଂପୃକ୍ତ ସ୍ତରର ଜ୍ଞାନର ଚାବିକାଠି ରୂପେ ଅଭିହିତ କରାଯାଇଛି । ଏହି ଜ୍ଞାନର ଚାବିକାଠି ଶକ୍ତିର ମଧ୍ୟ ଚାବିକାଠି । କାରଣ ବାସ୍ତବରେ ପ୍ରକୃତିର ସବୁ କ୍ଷେତ୍ରରେ ଜ୍ଞାନ ହିଁ ଶକ୍ତିର ଚାବିକାଠି ହୋଇଥାଏ ।

ପ୍ରଥମ ଦୀକ୍ଷା ଭାବଲୋକରେ ସଂପାଦିତ ହୋଇଥାଏ । ସାଧକର ଗୁରୁ ତାକୁ ସମବେତ ଶ୍ୱେତରଷିଙ୍କ ସମକ୍ଷରେ ଉପସ୍ଥିତ କରାଇଥା'ନ୍ତି । ପ୍ରଜ୍ଞାସିଦ୍ଧ ଗୁରୁ ତାଙ୍କୁ ସମର୍ଥନ କରିଥାନ୍ତି । ଏହି ଜଗତର ଅଧିପତି ଓ ଅନ୍ୟ ଜଣେ ସନତ୍‌କୁମାର ଜଣେ ଅଶେଖ ବା Adept (ପ୍ରାୟତଃ ପ୍ରଭୁ ମୈତ୍ରୀୟ)ଙ୍କୁ ପ୍ରଥମ ଦୀକ୍ଷା ପ୍ରଦାନ ପାଇଁ ନିଯୁକ୍ତ କରାଇଥାନ୍ତି । ସାଧକଙ୍କୁ ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଖୁବ୍ ସ୍ୱଷ୍ଟ ବସ୍ତୁପରକ ଦୃଶ୍ୟାବଳୀ ଦେଖାଇ ସାଧକର ପ୍ରତିକ୍ରିୟାକୁ ଲକ୍ଷ୍ୟ କରାଯାଏ । ଯେମିତିକି ଗୋଟିଏ ଛୋଟ ପିଲା କିମ୍ବା ମର୍ତ୍ତ୍ୟ ଜୀବନରେ ସାଧକର ଶତ୍ରୁ ଥିବା ଲୋକ ଚିତ୍କାର କରି କିମ୍ବା କାନ୍ଦିକାନ୍ଦି ସାହାଯ୍ୟ ଭିକ୍ଷା କରୁଥିବାର ଦୃଶ୍ୟ ଦେଖାଇ ସେଥିପ୍ରତି ସାଧକର ପ୍ରତିକ୍ରିୟା ଅନୁଧ୍ୟାନ କରାଯାଏ । ଯଦି ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାଏ, ତେବେ ଦୀକ୍ଷାପ୍ରାପ୍ତ ହୁଏ ଓ ସେ ସ୍ରୋତରେ ପ୍ରବେଶ କରିଥାଏ ।

ପ୍ରଥମ ଦୀକ୍ଷା ସମ୍ପନ୍ନ ହେଲା ପରେ ସାଧକ ନିଜ ଚରିତ୍ରର ସମସ୍ତ ଦୋଷ ଦୁର୍ବଳତାକୁ ଦୂର କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ । ଦ୍ୱିତୀୟ

ଦୀକ୍ଷା ପୂର୍ବରୁ ତିନିଗୋଟି ଶୃଙ୍ଖଳ ଛିନ୍ନ ହେବା ଆବଶ୍ୟକ ହୋଇଥାଏ । ସେଗୁଡ଼ିକ ହେଲା, ବ୍ୟକ୍ତିଗତ ସତ୍ତାର ବିଭ୍ରମ, ସଂଶୟ ଓ ଅନ୍ଧବିଶ୍ୱାସ ।

ବ୍ୟକ୍ତିଗତ ସତ୍ତାର ବିଭ୍ରମର ତାତ୍ପର୍ଯ୍ୟ ହେଉଛି ପ୍ରକୃତ ସତ୍ତା (real self) କୁ ବ୍ୟକ୍ତିସତ୍ତା (personality) ବୋଲି ମନେକରିବା, ନିଜକୁ ଭୌତିକ ଶରୀର ଓ ତା'ର କାମନା-ବାସନା ବୋଲି ମନେକରିବା । ସଂଶୟର ଅର୍ଥ ଈଶ୍ୱରଙ୍କ ଉଦ୍‌ବର୍ତ୍ତନ ଯୋଜନା, କର୍ମର ନିୟମ, ମହାତ୍ମାଙ୍କ ସ୍ଥିତି ଓ ପ୍ରକୃତିର ଅନ୍ୟାନ୍ୟ ନିୟମ ବିଷୟରେ ସନ୍ଦେହ । ଅନ୍ଧବିଶ୍ୱାସର ଅର୍ଥ ପ୍ରଥା, ପରମ୍ପରା, ବିଧିବିଧାନର ପ୍ରହସନ ଯେଉଁଥିରୁ ଜ୍ଞାନୀ ଲୋକ ମୁକ୍ତ ହେବା ବାଞ୍ଛନୀୟ ।

ବ୍ୟକ୍ତିତ୍ୱର ସ୍ୱାତନ୍ତ୍ର୍ୟ (Ego) ଜୀବାତ୍ମା (Monad) ସହିତ ଦୀକ୍ଷାଲାଭ ପୂର୍ବ ପର୍ଯ୍ୟନ୍ତ ସଂପୃକ୍ତ ରହିଥିଲେ ହେଁ ତା'ନିଜର ଉଚ୍ଚତମ ସତ୍ତା ସହିତ ତା'ର ଯୋଗାଯୋଗର କୌଣସି ମାଧ୍ୟମ ନ ଥାଏ; କିନ୍ତୁ ମହାଗୁରୁ (Herophant) ଙ୍କ ଆହ୍ୱାନକ୍ରମେ ଦୀକ୍ଷା ଗ୍ରହଣର ଶପଥ ନେବାପାଇଁ ଜୀବାତ୍ମା କାରଣ ଶରୀରର ସ୍ତରକୁ ଯାଇଥାଏ । ସେହି ମୁହୂର୍ତ୍ତରୁ 'ମହାଜାଗତିକ ଶକ୍ତି' (Fohat) ର ସୂକ୍ଷ୍ମତମ ସୂତ୍ର' ଏକ ସୂତ୍ରଗୁଚ୍ଛରେ ପରିଣତ ହୋଇଥାଏ ଓ ବ୍ୟକ୍ତିସତ୍ତା କେବଳ 'ସ୍ଫୁଲିଙ୍ଗ' (spark) ଭାବେ ଝୁଲନ୍ତ ଅବସ୍ଥାରେ ନ ରହି ଏକ ଫୁଲଣା (funnel) ର ତଳ ଅଂଶ ପରି ହୋଇଯାଏ, ଯାହାର ଉପରଭାଗ ଜୀବାତ୍ମା (Monad) କୁ ସ୍ପର୍ଶ କରିଥାଏ ଓ ତା'ଠାରୁ ପ୍ରାଣ, ଆଲୋକ, ପ୍ରେମ ଓ ଶକ୍ତି ତଳକୁ ଆଣିଥାଏ । ସାଧକର ଗୁରୁ ତାକୁ ବୁଦ୍ଧିଲୋକ (Buddhic plane) କୁ ନେଇଯା'ନ୍ତି, ଯଦ୍ଦ୍ୱାରା କି ସେ ବୁଦ୍ଧି-ଶରୀରରେ ଶିକ୍ଷା ଗ୍ରହଣ କରିପାରେ । କାରଣ ଶରୀର ଉତ୍ତରିତ (transcended) ହୋଇଯାଏ ଓ ସେ କାରଣ ଶରୀରକୁ ତ୍ୟାଗ କରିଦିଏ । କାରଣ ଶରୀର ଭୌତିକ ଶରୀର, ଭାବଶରୀର ଓ ମାନସଶରୀର ସହିତ ନ ରହି ଅନ୍ତର୍ହିତ ହୋଇଯାଏ। ଯେତେବେଳେ ସେ ଫେରିଆସେ, ସେ ନିଜକୁ ଏକ ନୂତନ କାରଣ ଶରୀରରେ ଦେଖେ, ଯାହା ତା'ର ଯୁଗଯୁଗର ପୁରୁଣା ଆବାସର ଅବିକଳ ଅନୁରୂପ । ଏହି ଅନୁଭୂତିରୁ ଦୀକ୍ଷିତ ସାଧକ ବୁଝିପାରେ ଯେ ସେ ବ୍ୟକ୍ତିସତ୍ତାର ଅହଂବୋଧ (Ego) ନୁହେଁ । ତଥାପି ଆହୁରି କିଛି ମହତ୍ତର (transcendental) ବାକି ଥାଏ ।

ବୁଦ୍ଧିଲୋକର ଏହି ପ୍ରଥମ ଅନୁଭୂତି ହୋଇଗଲେ ସାଧକ ସକଳ ଜୀବନ୍ତସତ୍ତାର ଏକତ୍ୱଭାବକୁ ଆଉ କେବଳ ବିଶ୍ୱାସ କରେ ନାହିଁ, ବରଂ ନିଜେ ଜାଣିପାରେ ।

ସନତ କୁମାରଙ୍କ ଦ୍ୱାରା ନିଯୁକ୍ତ ଜଣେ ମହାତ୍ମା (Adept) ସାଧକକୁ ମାନସଲୋକରେ ଦ୍ୱିତୀୟ ଦୀକ୍ଷା (Second initiation) ପ୍ରଦାନ କରିଥା'ନ୍ତି । ଦ୍ୱିତୀୟ ଓ ତୃତୀୟ ଦୀକ୍ଷା ମଧ୍ୟରେ କୌଣସି ଶୃଙ୍ଖଳ ଛେଦନ କରିବାକୁ ହୁଏନାହିଁ; କିନ୍ତୁ ଉଚ୍ଚମାନସକୁ ଅନ୍ତର୍ମନର ଉପଲବ୍ଧିଜନିତ ଜ୍ଞାନ ବା ପ୍ରଜ୍ଞାର ଦର୍ପଣ କରିଦେବାକୁ ହୁଏ; ମନଠାରୁ ଉଚ୍ଚତର  କୌଣସି ଅନ୍ତରୀଣ ଶକ୍ତିଦ୍ୱାରା ରୋପଣ କରା ନ ଗଲେ ଯେଉଁ ସତ୍ୟକୁ ମନ ଆବିଷ୍କାର କରିପାରେ ନାହିଁ, ତାହାର ଧାରଣ ଓ ବିସ୍ତାର ପାଇଁ ପ୍ରଶିକ୍ଷିତ   କରିବାକୁ ହୁଏ । ଯେତେବେଳେ ଉଚ୍ଚମାନସ ପ୍ରଜ୍ଞାର ଆୟୁଧ ହୋଇଯାଏ ଓ ଶିଷ୍ୟର ସେବାର ମାତ୍ରା ପର୍ଯ୍ୟାପ୍ତ ହୋଇଯାଏ, ସେତେବେଳେ ଗୁରୁ ତାକୁ ତୃତୀୟ ଦୀକ୍ଷା ପାଇଁ ଉପସ୍ଥିତ କରାନ୍ତି । ତା'ପରେ ତା'ପାଇଁ ଚରମ ଲକ୍ଷ୍ୟପ୍ରାପ୍ତି ପାଇଁ ଭୌତିକ ଶରୀର ଘେନି ଜନ୍ମ ହେବା ଆଉ ବାଧ୍ୟତାମୂଳକ ହୁଏ ନାହିଁ, ବରଂ ଇଚ୍ଛାଧୀନ ହୋଇଯାଏ । ସେ ଅଦୃଶ୍ୟ ଜଗତରେ ରହି ମଧ୍ୟ କାର୍ଯ୍ୟ କରିପାରେ ।

ତୃତୀୟ ଓ ଚତୁର୍ଥ ଦୀକ୍ଷା ମଧ୍ୟରେ ଦୁଇଗୋଟି ଶୃଙ୍ଖଳ ଛିନ୍ନ କରିବା ଆବଶ୍ୟକ ହୋଇଥାଏ । ସେ ଦୁଇଟି ହେଲା– କାମରାଗ, ଅର୍ଥାତ୍ ଭୌତିକ ସୁଖ ବା ଇନ୍ଦ୍ରିୟ ସମ୍ଭୋଗର ବାସନା ଓ ପତିଘ, ଅର୍ଥାତ୍ କ୍ରୋଧ ବା ଘୃଣା । ଅବଶ୍ୟ ଏହାର ଅନେକ ପୂର୍ବରୁ ଇନ୍ଦ୍ରିୟ ତୃପ୍ତି ଓ କ୍ରୋଧର ଅମାର୍ଜିତ ରୂପ ଶିଷ୍ୟ ଦ୍ୱାରା ଦୂରୀଭୂତ ହୋଇସାରିଥାଏ । କିନ୍ତୁ ଏହି ଦୁଇ ଶୃଙ୍ଖଳ ସୂକ୍ଷ୍ମ ରୂପରେ ରହିଥାଏ, ଯାହା ସାଧକକୁ ସେଗୁଡ଼ିକର ରୂପ ପରି ସଂସାର ସହିତ ବାନ୍ଧି ରଖିଥାଏ ।

ଚତୁର୍ଥ ଦୀକ୍ଷା ପୂର୍ବରୁ ସାଧକକୁ ଅନେକ ଦୁଃଖ-ଦୁର୍ଭୋଗ ଭିତର ଦେଇ ଗତି କରିବାକୁ ପଡ଼ିଥାଏ । ସାରା ସଂସାର ତାକୁ ପ୍ରତ୍ୟାଖ୍ୟାନ କରେ । ସ୍ଥୂଳ ଜଗତରେ ସେ ଏକୁଟିଆ ହୋଇଯାଇଥାଏ । ତା'ର ସବୁ ମିତ୍ର କୌଣସି ନା କୌଣସି ଭୁଲ୍ ବୁଝାମଣାବଶତଃ ତା'ର ବିରୋଧୀ ହୋଇଯାଇଥା'ନ୍ତି । ସମଗ୍ର ବିଶ୍ୱ ତା' ବିରୁଦ୍ଧରେ ବୋଲି ସେ ଅନୁଭବ କରିଥାଏ । ତଥାପି ଏକ ଅତି କଠିନ ପରୀକ୍ଷା ବାକି ଥାଏ, ଯେତେବେଳେ ଗୋଟିଏ ମୁହୂର୍ତ୍ତ ପାଇଁ ସେ 'ଅବିଚି' ରୂପେ ଅଭିହିତ ଅବସ୍ଥା ଭୋଗ କରେ, ଯେଉଁ ଅବସ୍ଥାରେ ମହାଶୂନ୍ୟରେ ଏକାନ୍ତ ଏକାକୀ ରହି ଜୀବନ

ସହିତ, ଏପରିକି ଗୁରୁ ଓ ଈଶ୍ୱରଙ୍କ ସହିତ ସଂପର୍କ ତୁଟି ଯାଇଥିଲା ପରି ବୋଧ ହୋଇଥାଏ । ଏହା କ୍ରୁଶବିଦ୍ଧ ହେଲାପରି ଅବସ୍ଥା; ଏ ଅବସ୍ଥାର ପରିଣତିରେ ଲାଭ ହେଉଥିବା ବିଜୟ ଚତୁର୍ଥ ଦୀକ୍ଷା ତା' ପାଇଁ ପୁନରୁଜ୍ଜୀବନ ସଦୃଶ ।

ଚତୁର୍ଥ ଦୀକ୍ଷା ସାଧକକୁ ଆଧ୍ୟାତ୍ମିକ ସାଧନା ପଥର ଶେଷଭାଗରେ ପହଞ୍ଚାଇ ଦିଏ, ଯେଉଁଠି ସେ ବ୍ୟକ୍ତିସତ୍ତାରୁ ଉତ୍ତରିତ ହୋଇ ଯୋଗ୍ୟ ଓ ବରେଣ୍ୟ ବା ଅଭିବନ୍ଦନୀୟ ହୋଇଯାଏ । ସେ ସକଳ ଭୂତରେ ଏକ ହିଁ ଆତ୍ମାର ସ୍ଥିତି ଦେଖିପାରେ । ବାହ୍ୟ ଆବରଣ ଆଉ ତା'ର ଦୃଷ୍ଟିକୁ ଆଚ୍ଛନ୍ନ କରି ପାରେ ନାହିଁ । ସେ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖେ । ସେ ସୃଷ୍ଟିର ସମସ୍ତଙ୍କର ମିତ୍ର, ସବୁ ଜୀବଙ୍କୁ ସେ ପ୍ରେମ କରିଥାଏ । ସ୍ୱୟଂ ସନତ୍ କୁମାର ଯଥାକ୍ରମେ ଉଚ୍ଚ ମାନସ ଓ ବୁଦ୍ଧିଲୋକରେ ତୃତୀୟ ଓ ଚତୁର୍ଥ ଦୀକ୍ଷା ପ୍ରଦାନ କରିଥା'ନ୍ତି ।

ପଞ୍ଚମ ଦୀକ୍ଷା ଲାଭ ପୂର୍ବରୁ ସାଧକକୁ ପାଞ୍ଚଟି ଶୃଙ୍ଖଳ ଛିନ୍ନ କରିବାକୁ ହୁଏ । ସେଗୁଡ଼ିକ ହେଲା– ରୂପ ରାଗ (ସ୍ଥୂଳ ଶରୀରର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ଇଚ୍ଛା), ଅରୂପରାଗ (ଅଶରୀରୀ ଅର୍ଥାତ୍ ସୂକ୍ଷ୍ମଭାବରେ ବଞ୍ଚି ରହିବାର ଇଚ୍ଛା), ଗର୍ବ (pride), ଚିଡ଼ିଚିଡ଼ାପଣ(irritability) ଓ ଅବିଦ୍ୟା । ଅବିଦ୍ୟା ହେତୁ ହିଁ ଅହଂକାର ଜନ୍ମିଥାଏ ।

ପଞ୍ଚମ ଦୀକ୍ଷା ସାଧକକୁ ଅଶେଖ ବା ପୂର୍ଣ୍ଣସିଦ୍ଧ (full adept) କରିଥାଏ । ଏ ଦୀକ୍ଷା ଅନ୍ୟ କେହି ଦିଅନ୍ତି ନାହିଁ । ତାହା ନିଜେ ପ୍ରାପ୍ତ ହେବାକୁ ପଡ଼େ ।

ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଦୀକ୍ଷାର ଅବସ୍ଥାଗୁଡ଼ିକର ନାମ ଯଥାକ୍ରମେ–

( ୧ ) ସୋତପନ୍ନ ବା ଦ୍ୱିଜ (ସ୍ରୋତ ମଧ୍ୟରେ ପ୍ରବେଶ କରିଥିଲେ ବା ଆଉଥରେ ଜନ୍ମ ନେବାର ଅବସ୍ଥା)

( ୨ ) ସକଦଗାମୀ (ଆଉ ଥରେ ମାତ୍ର ଭୌତିକ ଜଗତରେ ଜନ୍ମ ନେବାକୁ ଥିବା ଅବସ୍ଥା)

(୩) ଅନଗାମୀ (ଆଉ ଜନ୍ମ ନେବାର ଆବଶ୍ୟକତା ନ ଥିବା ଅବସ୍ଥା); କାୟାକଳ୍ପ (transfiguration); ସନାତନ ପରମ୍ପରାରେ ଏହାକୁ 'ହଂସ' କୁହାଯାଏ ।

(୪) ଅର୍ହତ (ବରେଣ୍ୟ ବା ପୂଜ୍ୟ); ପରମହଂସ ସ୍ତର ।

(୫) ଅଶେଖ (ବ୍ରହ୍ମବିଦ୍ୟା ପୁସ୍ତକ ସମୂହରେ ଏହି ସ୍ତରର ମହାତ୍ମାଙ୍କୁ Adept ବା Master କୁହାଯାଇଛି ।)

ଅଶେଖ ଦୀକ୍ଷା ପରେ ପରେ ଉଚ୍ଚତର ମାର୍ଗର ସାତଟି ମହତ୍ ପଥ ଖୋଲିଯାଏ, ଯାହା ଭିତରୁ ସେହି ସିଦ୍ଧମହାତ୍ମାଙ୍କୁ ନିଜପାଇଁ ପଥ ବାଛିବାକୁ ହୁଏ । ସେ ନିର୍ବାଣ ବା ମୋକ୍ଷର ଆନନ୍ଦମୟ ପଥରେ ପ୍ରବେଶ କରିପାରନ୍ତି, ଭବିଷ୍ୟତର କୌଣସି ଜଗତରେ ଦିବ୍ୟ ରୂପରେ ଅବତୀର୍ଣ୍ଣ ହୋଇ 'ଧର୍ମକାୟା' ଗ୍ରହଣ କରି ମାନବଜାତିର ସହାୟତା କରିପାରନ୍ତି । ସେ 'ସମ୍ଭୋଗକାୟା' ଗ୍ରହଣ କରି 'ଆଧ୍ୟାତ୍ମିକ କାଳ'ରେ ପ୍ରବେଶ କରିପାରନ୍ତି । ସେ 'ନିର୍ମାଣକାୟା' ଗ୍ରହଣ କରି ଆଧ୍ୟାତ୍ମିକ ଶକ୍ତିସମୂହର ବିପୁଳ ଭଣ୍ଡାରର ଅଂଶଟିଏ ହୋଇପାରନ୍ତି । ସେ ଜଗତର ଶାସନ ଓ ସୁରକ୍ଷା ନିର୍ବାହ କରୁଥିବା ଗୂଢ଼ ସିଦ୍ଧ-ସୋପାନକ୍ରମ (Occult Hierarchy) ର ସଦସ୍ୟ ରୂପେ ରହିପାରନ୍ତି, ଯେଉଁଥିରେ ସେ ସିଦ୍ଧ ବା ପୂର୍ଣ୍ଣତା ପ୍ରାପ୍ତ ହୋଇଥା'ନ୍ତି । ସେ ପରବର୍ତ୍ତୀ ସୃଷ୍ଟିଶୃଙ୍ଖଳ (chain) ର ନିର୍ମାଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସେହି ସ୍ତରକୁ ଚାଲିଯାଇପାରନ୍ତି । ସେ ଦେବ ଶରୀର (Deva evolution) ଗ୍ରହଣ କରିପାରନ୍ତି । ସେ ଯେକୌଣସି ସ୍ଥିତି ବା ଅବସ୍ଥାରେ ରହି ନିଜକୁ ପରମେଶ୍ୱରଙ୍କ ସେବାରେ ଉତ୍ସର୍ଗ କରିପାରନ୍ତି ।

ଶିଷ୍ୟତ୍ୱ ବା ସାଧନାର ପଥ ହେଉଛି ଏକ ନିଗୂଢ଼ ପଥ । ସିଦ୍ଧ-ସୋପାନକ୍ରମ (Adept hierarchy) ର କାର୍ଯ୍ୟ ହେଉଛି ବିଭ୍ରାନ୍ତ (stumbling) ମାନବ ଜାତି ପାଇଁ ଧର୍ମଗୁରୁ ବା ଆଧ୍ୟାତ୍ମିକ ଗୁରୁ ନିୟୋଜିତ କରିବା । "ଅତି ଅଳ୍ପସଂଖ୍ୟକ ଅତ୍ୟନ୍ତ ସୁଶୃଙ୍ଖଳ ସ୍ୱଭାବର ସାଧକ ଏହି ମାର୍ଗ ପାଇଁ ଉପଯୁକ୍ତ । ତେଣୁ ଚେଲାତ୍ୱର ପଥରେ ଚାଲିବାକୁ ନ ଲୋଡ଼ିବା ହିଁ ବିଜ୍ଞତା । ଯଦି କେହି ଏଥିପାଇଁ ଉପଯୁକ୍ତ ହୋଇଥାଏ, ତା'ହେଲେ ତା'ର କର୍ମ ଅଲକ୍ଷିତ ଭାବରେ ଓ ଅବ୍ୟର୍ଥ ଭାବରେ ତାକୁ ସେହି ଦିଗରେ ବାଟ କଢ଼ାଇ ନେବ । କାରଣ ଏହି ନିଗୂଢ଼ ମାର୍ଗ ଚେଲା ହେବାପାଇଁ ଯୋଗ୍ୟ ସାଧକକୁ ଖୋଜିଥାଏ ଓ ଯେତେବେଳେ ଯୋଗ୍ୟ ବ୍ୟକ୍ତି ନିଜକୁ ପ୍ରସ୍ତୁତ କରେ, ସେ ପଥ ତାକୁ ପାଇବାରେ ଆଦୌ ବିଫଳ ହୁଏ ନାହିଁ ।

ମୁଁ କହେ ଯେ ସତ୍ୟ ହେଉଛି ଏକ ମାର୍ଗ ନ ଥିବା ଭୂଖଣ୍ଡ । କୌଣସି ବି ଧର୍ମ, କୌଣସି ବି ସଂପ୍ରଦାୟ ବା କୌଣସି ବି ପଥରେ ଗତିକରି ତାକୁ ପାଇ ହେବ ନାହିଁ (ସତ୍ୟ ନିକଟରେ ପହଞ୍ଚି ହେବ ନାହିଁ ।) ସତ୍ୟକୁ ତଳକୁ ଆଣିବା ସମ୍ଭବ ନୁହେଁ; ବରଂ ବ୍ୟକ୍ତି ସତ୍ୟ ନିକଟକୁ ଉତ୍ତରିତ ହେବାପାଇଁ ପ୍ରୟାସ କରିବା ଉଚିତ୍ ।) (ଜେ. କୃଷ୍ଣମୂର୍ତ୍ତି)

ଆଧ୍ୟାତ୍ମିକ ମାର୍ଗରେ ଗତି କରିବାର ଅର୍ଥ ନୁହେଁ କେଉଁଠାକୁ ଯିବା କି କେଉଁ ଏକ ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟରେ ଉପନୀତ ହେବା । ମାର୍ଗ ଶବ୍ଦରୁ ସ୍ଥୂଳଜଗତରେ ଯାତ୍ରା କଲାପରି ଏକ ଯାତ୍ରାର କଥା ମନକୁ ଆସିପାରେ । ମାତ୍ର ମନେରଖିବା ଦରକାର ଯେ ଏହା ଏକ ରୂପକ ମାତ୍ର । ଆମ ଭିତରେ ନିହିତ ଥିବା ଆନନ୍ଦ, ପ୍ରେମ, ଶାନ୍ତି, ଜ୍ଞାନ ଓ ଅନ୍ୟ ଶାଶ୍ୱତ ମୂଲ୍ୟବୋଧ ସମୂହର କ୍ରମବିକାଶ ହିଁ ସେହି ମାର୍ଗ । (ରାଧା ବର୍ଣ୍ଣିଅର୍)

**(୪) ବିବର୍ତ୍ତନର ଯୋଜନାରେ ଜାତି, ସୃଷ୍ଟିଚକ୍ର ଓ ସୃଷ୍ଟି ଶୃଙ୍ଖଳ (Races, Rounds and Chains in Scheme of Evolution) :**

ଗୋଟିଏ ସୌରଜଗତରେ ଉଦ୍‌ବର୍ତ୍ତନର ସାତଟି ଯୋଜନା ଥାଏ । ଗୋଟିଏ ଉଦ୍‌ବର୍ତ୍ତନର ଯୋଜନାରେ ସାତଟି ଶୃଙ୍ଖଳ ଥାଏ । ପ୍ରଥମ ତିନି ଯୋଜନାରେ କୌଣସି ସ୍ଥୂଳ ଗୋଲକ ବା ଗ୍ରହର ସ୍ଥିତି ନ ଥାଏ । ଉଦ୍‌ବର୍ତ୍ତନ ଯୋଜନାର ଗୋଟିଏ ଶୃଙ୍ଖଳରେ ପୃଥିବୀ ପଛକୁ ଭଲ୍‌କାନ୍, ଜୁପିଟର୍, ସଟର୍ନ୍ ଓ ୟୁରାନସ୍ ଥା'ନ୍ତି । ନେପ୍‌ଚୁନ୍ ଯୋଜନା (ପ୍ଲୁଟୋ ଓ ଏଯାବତ୍ ଅନାବିଷ୍କୃତ ଅନ୍ୟ କେତେକ ଗ୍ରହ ଯାହାର ଅନ୍ତର୍ଭୁକ୍ତ) ଏହାର ଚତୁର୍ଥ ଶୃଙ୍ଖଳରେ ପୃଥିବୀ ଯୋଜନାର ଅନୁରୂପ ।"

କିନ୍ତୁ ଭେନସ୍‌ର୍ ଉଦ୍‌ବର୍ତ୍ତନ ଯୋଜନା ପୃଥିବୀର ଉଦ୍‌ବର୍ତ୍ତନ ଯୋଜନାଠାରୁ ଗୋଟିଏ ଶୃଙ୍ଖଳ ଅଧିକ ଅଗ୍ରଣୀ । ତେଣୁ ଭେନସ୍‌ର ସାଧାରଣ ମନୁଷ୍ୟ ମଧ୍ୟ ପୃଥିବୀର ମହାତ୍ମା (ଆଡ଼େପଟ୍)ଙ୍କ ତୁଲ୍ୟ ବା ପାଖାପାଖି । ସେହି ହେତୁ ଭେନସ୍‌ରୁ ଆଗତ ମହାତ୍ମାମାନେ ପୃଥିବୀର ସୃଷ୍ଟିଧାରାରେ ବିକାଶ ଶୃଙ୍ଖଳର ପ୍ରାରମ୍ଭରେ ବିଶ୍ୱ ଜଗତର ପ୍ରଭୁ, ମନୁ, ବୁଦ୍ଧ, ଚୌହାନ୍ ତଥା ଅନ୍ୟ ଅନେକ ନାୟକ ଭାବରେ ଆବିର୍ଭୂତ ହୋଇ ଆମର ଉଦ୍‌ବର୍ତ୍ତନରେ ସହାୟତା କରିଛନ୍ତି । ଅବିକଳ ଅନୁରୂପ

ଭାବରେ ପୃଥିବୀର ବିକାଶଶୃଙ୍ଖଳାର ଶେଷରେ ମହାତ୍ମା ସ୍ତରରେ ପହଞ୍ଚିଥିବା ମଣିଷମାନେ ପଛରେ ଥିବା ଭଲ୍‌କାନ୍, ସଟର୍ନ୍, ଜୁପିଟର୍ ଓ ୟୁରାନସ୍‌ର ଉଦ୍‌ବର୍ତ୍ତନ ଯୋଜନାରେ ସଯତ୍ନ ସହାୟତା କରିପାରନ୍ତି ।

ଗୋଟିଏ ସୃଷ୍ଟି-ଶୃଙ୍ଖଳ ସାତଟି ସୃଷ୍ଟିଚକ୍ର(rounds) ମଧ୍ୟରେ ଗତି କରିଥାଏ । ଗୋଟିଏ ସୃଷ୍ଟି-ଚକ୍ରରେ ସାତଟି ଜାଗତିକ-କାଳ (world periods) ଥାଏ । ଗୋଟିଏ ଜାଗତିକ-କାଳରେ ସାତଟି ମୂଳଜାତି (root races) ଓ ଗୋଟିଏ ମୂଳଜାତିର ସାତଟି ଉପଜାତି (sub-races) ଥାଏ । ବର୍ତ୍ତମାନ ପୃଥିବୀର ମନୁଷ୍ୟମାନେ ଚତୁର୍ଥ ପାର୍ଥିବ ଉଦ୍‌ବର୍ତ୍ତନ ଯୋଜନାର ଚତୁର୍ଥ ପାର୍ଥିବ ସୃଷ୍ଟି-ଶୃଙ୍ଖଳର ଚତୁର୍ଥ ସୃଷ୍ଟିଚକ୍ରର ପଞ୍ଚମ ମୂଳଜାତିର ପଞ୍ଚମ ଉପଜାତିର ଅନ୍ତର୍ଗତ । ଆମ ପାର୍ଥିବ ଶୃଙ୍ଖଳର ତିନିଟି ଭୌତିକ ଗ୍ରହ ହେଉଛନ୍ତି ମଙ୍ଗଳ, ପୃଥିବୀ ସ ବୁଧ । ବର୍ତ୍ତମାନର ମନୁଷ୍ୟଜାତି ପୃଥିବୀକୁ ଆସିବା ପୂର୍ବରୁ ଚନ୍ଦ୍ର ସୃଷ୍ଟିଶୃଙ୍ଖଳରେ ଥିଲା ଓ ଏବେକାର ମନୁଷ୍ୟମାନେ ସେତେବେଳେ ପଶୁ ଥିଲେ । ଗୋଟିଏ ଜଗତ (kingdom) ରେ ପୂର୍ଣ୍ଣତା ପ୍ରାପ୍ତ ହେବାପାଇଁ ଗୋଟିଏ ଶୃଙ୍ଖଳ-କାଳ (chain period) ଆବଶ୍ୟକ ହୋଇଥାଏ । ଯେଉଁମାନେ ବର୍ତ୍ତମାନ ପୃଥିବୀର ସୃଷ୍ଟି-ଶୃଙ୍ଖଳରେ ପଶୁଜଗତରେ ଅଛନ୍ତି, ସେମାନେ ପରବର୍ତ୍ତୀ ଶୃଙ୍ଖଳରେ ମନୁଷ୍ୟ ହୋଇଯିବେ ।

ବର୍ତ୍ତମାନ ପୃଥିବୀପୃଷ୍ଠରେ ଜୀବନ ଚତୁର୍ଥ ସୃଷ୍ଟି ଚକ୍ରରେ ଗତି କରୁଛି । ଯେତେବେଳେ ଏଠାରେ ସାତଟି ମୂଳଜାତିର ସମୟ ସମାପ୍ତ ହୋଇଯିବ, ଜୀବନ-ତରଙ୍ଗ ଅନ୍ୟ ଜଗତ, ଅର୍ଥାତ୍ ବୁଧ ଗ୍ରହକୁ ଚାଲିଯିବ । ବୁଧ ଗ୍ରହରେ ପ୍ରସ୍ତୁତି ଚାଲିଛି । ଆମର ଗୌତମ ବୁଦ୍ଧ ଓ ଅନ୍ୟ ମହାତ୍ମାମାନେ ସେଠାରେ ମହତ୍ତର ଶରୀରରେ କାର୍ଯ୍ୟ କରୁଛନ୍ତି ବୋଲି କୁହାଯାଏ । ସେଠାରେ ମଧ୍ୟ ଜୀବନ-ଲୀଳା ଗୋଟିଏ ଜାଗତିକ କାଳ (world period) ଅର୍ଥାତ୍ ମୂଳଜାତି ପର୍ଯ୍ୟନ୍ତ ଜାରି ରହିବ ଓ ପୁଣି ପରବର୍ତ୍ତୀ ଗ୍ରହରେ ଚାଲିବ । ପଞ୍ଚମ ସୃଷ୍ଟିଚକ୍ର, ଷଷ୍ଠ ଓ ସପ୍ତମ ସୃଷ୍ଟି ଚକ୍ରରେ ଜୀବନ ପୁଣି ପୃଥିବୀକୁ ଆସିବ । ସପ୍ତମ ସୃଷ୍ଟିଚକ୍ରର ସପ୍ତମ ମୂଳଜାତି ବେଳକୁ ସମସ୍ତେ ପୂର୍ଣ୍ଣତାପ୍ରାପ୍ତ ହୋଇଯିବେ । ଗ୍ରହମାନଙ୍କରେ ଜୀବନ ଆଉ ସ୍ଥୂଳ

ବା ଭୌତିକ ଶରୀରରେ ନୁହେଁ, କେବଳ ଭାବଶରୀର ଓ ମାନସ ଶରୀରରେ କାର୍ଯ୍ୟ କରିବ ।

ଅନାବରଣ ପାଇଁ ଲକ୍ଷ ଲକ୍ଷ ବର୍ଷ ନେଉଥିବା ଉଦ୍‌ବର୍ତ୍ତନର ସମୁଦାୟ ପ୍ରକ୍ରିୟା ଏତେ ବିପୁଳ ଯେ, ତାହ କଳ୍ପନା କରିବା ମଧ୍ୟ ସମ୍ଭବ ନୁହେଁ । ପ୍ରତ୍ୟେକ ସ୍ତରରେ ବିଶ୍ୱବ୍ରହ୍ମାଣ୍ଡକୁ ଅଧିକ ଅଧିକ ଶକ୍ତି, ଜ୍ଞାନ ଓ ସୌନ୍ଦର୍ଯ୍ୟ ପ୍ରାପ୍ତ ହୋଇଥାଏ । ପ୍ରତ୍ୟେକ ସୃଷ୍ଟିଚକ୍ର (round) ରେ ଉଦ୍ଭିଦଜଗତ ତା'ର ପୂର୍ବବର୍ତ୍ତୀ ଚକ୍ରର ଉଦ୍ଭିଦ ଜଗତଠାରୁ ଅଧିକ ଉନ୍ନତ ହୋଇଥାଏ । ପ୍ରତ୍ୟେକ ଶୃଙ୍ଖଳ (chain) ରେ ଏହା ଆହୁରି ଆହୁରି ଉନ୍ନତ ହୋଇଚାଲିଥାଏ । ପ୍ରତ୍ୟେକ ଚକ୍ର ଓ ଶୃଙ୍ଖଳରେ ଅଦୃଶ୍ୟ ପରମାଣୁର ମଧ୍ୟ ଉଦ୍‌ବର୍ତ୍ତନ ହୋଇଥାଏ । ଆବର୍ତ୍ତନକ୍ରମରେ ସମଗ୍ର ଜୀବନସତ୍ତାରେ ଆତ୍ମପ୍ରକାଶ ଓ ଆତ୍ମାର ଉଦ୍‌ଘାଟନ କ୍ଷେତ୍ରରେ ଅଭିବୃଦ୍ଧି ଘଟିଥାଏ, ଅର୍ଥାତ୍ ଆତ୍ମଜ୍ଞାନ ଉପଲବ୍ଧିର ସମ୍ଭାବନା ବୃଦ୍ଧି ପାଇଥାଏ ।

ପ୍ରତ୍ୟେକ ଚକ୍ରରେ ମଣିଷର ଜୀବନ ବି ପରିବର୍ତ୍ତିତ ହୋଇ ଚାଲିଥାଏ । ଆଗାମୀ ଚକ୍ରରେ ଆମର ମାନସ-ଜୀବନ (mental life) ଏତେ ସମୃଦ୍ଧ ହେବ ଯେ ତାହା ବର୍ତ୍ତମାନ ବୁଝିବା ଅସମ୍ଭବ । କାରଣ ଏହି ଚତୁର୍ଥ ଚକ୍ର (fourth round) ରେ ଚିନ୍ତା କରିବାର ସର୍ବନିମ୍ନ ଉପକରଣ ମସ୍ତିଷ୍କର ପରମାଣୁ ଯଥେଷ୍ଟ ଅଧିକ ଉଦ୍‌ବର୍ତ୍ତିତ ହୋଇଯିବ । ମାନବତା ମୂଳତଃ ଦିବ୍ୟ । ଉଦ୍‌ବର୍ତ୍ତନ କ୍ଷେତ୍ରରେ ଈଶ୍ୱର ସ୍ୱୟଂ ବିଦ୍ୟମାନ ଥା'ନ୍ତି । ସେ ଯେଉଁଠି ବି ବିଦ୍ୟମାନ ଥା'ନ୍ତି ସେଠାରେ ଆନନ୍ଦମୟ କାର୍ଯ୍ୟ ପାଦେ ପାଦେ ହୋଇ ପରିଣାମ ଆଡ଼କୁ ଆଗେଇ ଚାଲିଥାଏ ।

ମୂଳଜାତି, ଚକ୍ର ଓ ଶୃଙ୍ଖଳ ସଂପର୍କିତ ବିଶଦ ଜ୍ଞାନ ନୁହେଁ, କେବଳ ମୋଟାମୋଟି ଧାରଣା ଆମ ପାଇଁ ଯଥେଷ୍ଟ । ମଣିଷର ଅନ୍ତର୍ନିହିତ ଗୁଣସମୂହକୁ ତଥା ଶକ୍ତି ବା କ୍ଷମତାକୁ ବିକଶିତ କରି ମାନବୀୟ ଚେତନାରେ ମୌଳିକ ପରିବର୍ତ୍ତନ ଆଣିବା ହିଁ ଆବଶ୍ୟକ । ଉଦ୍‌ବର୍ତ୍ତନର ପ୍ରକ୍ରିୟାକୁ ବୁଝିବା ଓ ତାହାକୁ କାର୍ଯ୍ୟକାରୀ ହେବାରେ ସହଯୋଗ କରିବା ହିଁ ଆବଶ୍ୟକ ।

**୫. ଗୋଟିଏ ଜୀବନ, ଗୋଟିଏ ନିୟମ ଓ ଗୋଟିଏ ଅସ୍ତିତ୍ୱ :**

ସମଗ୍ର ଅସ୍ତିତ୍ୱ ବସ୍ତୁତଃ ଏକ । ତାକୁ କେହି ଈଶ୍ୱର କହନ୍ତି ତ କେହି ପରଂବ୍ରହ୍ମ । କେହି ବା ପୁଣି ଶାଶ୍ୱତ ପରମତତ୍ତ୍ୱ ବୋଲି କହନ୍ତି । କେହି ପୁଣି

ସନାତନ ସାରତତ୍ତ୍ୱ, ଶାଶ୍ୱତ ଜୀବନ ବା ଶାଶ୍ୱତ ପ୍ରେମ ବାଲି ମନେକରନ୍ତି । 'ଈଶ୍ୱର' ଶବ୍ଦ ଏକ ମାନବାକୃତି ଅଥବା ଅତିଲୌକିକ ଦେବତା ପରି ସର୍ବୋଚ୍ଚ ସତ୍ତାର ଧାରଣା ସୃଷ୍ଟି କରିଥାଏ । କିନ୍ତୁ ବ୍ରହ୍ମବିଦ୍ୟା ନରାକୃତି ଈଶ୍ୱରଙ୍କ ଉପରେ ନୁହେଁ, ସର୍ବେଶ୍ୱରବାଦ (Pantheism) ରେ ବିଶ୍ୱାସ କରେ । ମହାତ୍ମା କୁତ୍‌ହୁମି କହିଛନ୍ତି, "ଆମେ ଅଦ୍ୱୈତବାଦୀ ନୋହୁ; କିନ୍ତୁ ଏକ ହିଁ ଜୀବନ (ଏକ ହିଁ ଅସ୍ତିତ୍ୱ), ପରବ୍ରହ୍ମତତ୍ତ୍ୱର ଜ୍ଞାନ ଉପରେ ଆଧାରିତ ଆମର ଶିକ୍ଷା ଅଦ୍ୱୈତବାଦର ଅନୁରୂପ । ଅଦ୍ୱୈତଦର୍ଶନ ସଂପର୍କରେ ଯଥାର୍ଥ ଜ୍ଞାନ ଥିବା ବ୍ୟକ୍ତି କଦାପି ନିଜକୁ ନିରୀଶ୍ୱରବାଦୀ ବୋଲି କହିବ ନାହିଁ, କାରଣ ସେ ଜାଣେ ଯେ ସେ ନିଜେ ପରଂବ୍ରହ୍ମ; ସେ ବିଶ୍ୱଜୀବନ ଓ ବିଶ୍ୱାତ୍ମା ସହିତ ସବୁମନ୍ତେ ଏକରୂପ । ବିରାଟ ବିଶ୍ୱ ସୂକ୍ଷ୍ମାତିସୂକ୍ଷ୍ମ ସତ୍ତାରେ ମଧ୍ୟ ନିହିତ । ସେ ଜାଣେ ଯେ ତା' ବ୍ୟତୀତ ଅନ୍ୟ କେହି ଈଶ୍ୱର ନାହାନ୍ତି; ସୃଷ୍ଟ ଜୀବସତ୍ତା ଭିନ୍ନ କୌଣସି ସ୍ରଷ୍ଟା ନାହାନ୍ତି ।"

ଏ.ପି. ସିନେଟ୍‌ଙ୍କ ଉଦ୍ଦେଶ୍ୟରେ ମହାତ୍ମା କୁତ୍-ହୁମି ଏକ ପତ୍ରରେ ଲେଖିଥିଲେ, "Neither our philosophy nor ourselves believe in a God, least of all in one whose pronoun necessiates a capital H. Our philosophy falls under the definition of Hobbes. It is preeminently the science of effects by their causes and of causes by their effects and since it is also the science of things deducted from the first principle... Therefore, we deny God both as philosophers and as Buddhists. We know there are planetary and other spiritual lives and we know there is in our system no such things as God, either personal or impersonal."

ଏହି ଉକ୍ତିକୁ ସ୍ପଷ୍ଟ କରି ବୁଝାଇବା ପାଇଁ ମହାତ୍ମା ଆହୁରି ଲେଖିଛନ୍ତି, "ପରବ୍ରହ୍ମ କୌଣସି ବ୍ୟକ୍ତୀଭୂତ ଈଶ୍ୱର ନୁହନ୍ତି; ବରଂ ଶାଶ୍ୱତ ଓ ଅଲଂଘ୍ୟ ନିୟମ । ଈଶ୍ୱର ଅବିଦ୍ୟା ଓ ମାୟାର, ମହାଭ୍ରାନ୍ତି ଉପରେ ଆଧାରିତ ଅଜ୍ଞାନର ପରିଣାମ । ଯେଉଁସବୁ ପରିଣାମକୁ ଲକ୍ଷ୍ୟ କରି ମଣିଷ ଉତ୍‌ଫୁଲ୍ଲ ଅଥବା ଭୟଭୀତ ହେଉଥିଲା, ଅଥଚ

ତା'ର କାରଣ ବୁଝିପାରୁ ନ ଥିଲା, ସେହି ଅନ୍ତର୍ନିହିତ କାରଣକୁ ହିଁ ସେ ଈଶ୍ୱର ରୂପେ ଅଭିହିତ କରିଥିଲା । ଆମେ ଯେତେବେଳେ ସେହି କାରଣ ଓ କାରଣସମୂହ ବିଷୟକ ଜ୍ଞାନ ଲାଭ କରିପାରୁଛୁ ବୋଲି ଦାବି କରୁଛୁ, ସେହି ଦାବିକୁ ସାବ୍ୟସ୍ତ ବା ପ୍ରମାଣିତ କରିପାରିବାରେ ଯୋଗ୍ୟ ହୋଇସାରିଛୁ । ସେସବୁ ପଛରେ ଈଶ୍ୱର ବା ଦେବଗଣଙ୍କର ଭୂମିକାକୁ ଅସ୍ୱୀକାର କରିବାର ଅବସ୍ଥାକୁ ଆସିଯାଇଛୁ ।"

ମହାତ୍ମା ଆହୁରି ମଧ୍ୟ କହିଛନ୍ତି, "ଆମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଣିଷ ଜାତିକୁ ଏହି ଭୀତତ୍ରସ୍ତ ଅନୁଭବରୁ ରକ୍ଷା କରିବା, ସଦ୍‌ଗୁଣ ବା ସତ୍‌ପ୍ରବୃତ୍ତିକୁ କେବଳ ସତ୍ ଅନୁଭବ ପାଇଁ ହିଁ ଶିକ୍ଷା ଦେବା (ଠାକୁର କି ଈଶ୍ୱର ଅସନ୍ତୁଷ୍ଟ ହେବାର ଭୟରେ ନୁହେଁ); ଯୁଗଯୁଗ ଧରି ପ୍ରାୟ ସମସ୍ତ ଦୁର୍ଭାଗ୍ୟର କାରଣ ହେଉଥିବା ଦେବବାଦର ଆଶାବାଡ଼ି ଉପରେ ନିର୍ଭର ନ କରି ଜୀବନରେ ଆତ୍ମବିଶ୍ୱାସକୁ ଆଧାର କରି ଚାଲିବା । ଆମକୁ ସର୍ବେଶ୍ୱରବାଦୀ କୁହାଯାଇପାରେ; ନାସ୍ତିକ ବୋଲି କଦାପି କହି ହେବ ନାହିଁ । ଯଦି ଲୋକେ ଚାହାନ୍ତି ଆମର ଏକ ହିଁ ଜୀବନ, ଅଲଂଘ୍ୟ ଶାଶ୍ୱତ ନିୟମକୁ ଈଶ୍ୱର ବୋଲି ଗ୍ରହଣ କରିପାରନ୍ତି; ତା'ର ସନାତନତ୍ୱ ବିଷୟରେ ସଚେତନ ନ ହୋଇ ଏକ ବିରାଟ ଅପନାମ ବା ଅନୁପଯୁକ୍ତ ନାମର ପ୍ରୟୋଗ କରିପାରନ୍ତି । ତାହେଲେ କିନ୍ତୁ ସ୍ପିନୋଜାଙ୍କ ପରି ସେମାନଙ୍କୁ କହିବାକୁ ହେବ ଯେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ, କି ଆମେ ଈଶ୍ୱରଙ୍କ ବିନା ଅନ୍ୟ କିଛି ବିଷୟ ଚିନ୍ତାକରିପାରିବୁ ନାହିଁ ।"

ବ୍ରହ୍ମବିଦ୍ୟାବିଦ୍‌ମାନେ ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ସୌରଜଗତ ପାଇଁ ସୂର୍ଯ୍ୟନାରାୟଣମାନେ ଅଛନ୍ତି । ବ୍ରହ୍ମାଣ୍ଡଗୁଡ଼ିକର ଈଶ୍ୱର ସ୍ୱରୂପ cosmic logos (ବ୍ରହ୍ମାଣ୍ଡର ଶୃଙ୍ଖଳା ନିର୍ଦ୍ଧାରକ ମୌଳିକ ତତ୍ତ୍ୱ)ର ଅସ୍ତିତ୍ୱ ମଧ୍ୟ ସେମାନେ ସ୍ୱୀକାର କରନ୍ତି । କିନ୍ତୁ ଅଗଣିତ ବିଶ୍ୱ, ଅଗଣିତ ବ୍ରହ୍ମାଣ୍ଡ, ଅଗଣିତ ସୌରଜଗତ ଥିବାରୁ ଅଗଣିତ ସୂର୍ଯ୍ୟନାରାୟଣ ମଧ୍ୟ ଅଛନ୍ତି । କିନ୍ତୁ ଏହି ସୂର୍ଯ୍ୟନାରାୟଣ ଏକ ଶକ୍ତିଶାଳୀ ଅସ୍ତିତ୍ୱ ହେଲେହେଁ ସ୍ଥାନ-କାଳର ପରିସର ମଧ୍ୟରେ ଆବଦ୍ଧ । ସେ ପୂର୍ଣ୍ଣତମ ପରମସତ୍ୟ, ଏକ ଅଦ୍ୱିତୀୟ ସାର ସନାତନ ଏକମାତ୍ର ସତ୍ତା (Being) ନୁହନ୍ତି; ସେ କେବଳ Be-ness ବା ଅସ୍ତିତ୍ୱର ଇନ୍ଦ୍ରିୟୋତ୍ତର ଅବାଙ୍‌ମାନସଗୋଚର ଉପଲବ୍ଧି ମାତ୍ର । ସେ ଚିରଅବ୍ୟକ୍ତ 'ସତ୍' ।

ଏ.ପି. ସିନେଟ୍‌ଙ୍କୁ ମହାତ୍ମା କୁଟ୍-ହୁମି ଲେଖିଥିବା ଏକାଦଶତମ ପତ୍ରରେ ଲେଖାଅଛି–

"ଶାଶ୍ୱତ ବା ସନାତନ ସାରସତ୍ତା 'ସ୍ୱଭବତ୍' ଆତ୍ମା ଓ ବସ୍ତୁ ରୂପେ ଅଭିହିତ ଯୌଗିକ ବସ୍ତୁ ନୁହେଁ । ଏହାହିଁ ଏକମାତ୍ର ସତ୍ତା, ଯାହାକୁ ନାମିତ କରିବା ପାଇଁ କୌଣସି ଉପଯୁକ୍ତ ଶବ୍ଦ ମିଳେ ନାହିଁ । ଏହା ନିଷ୍କ୍ରିୟ, ଅଥଚ ସକ୍ରିୟ ମଧ୍ୟ । ଏହା ପରିପୂର୍ଣ୍ଣ ଓ ଶାନ୍ତ ଅବସ୍ଥାରେ ଥିବା ବିଶୁଦ୍ଧ ଆତ୍ମସତ୍ତା (spirit essence); ସୀମିତ ଓ ପରିସ୍ଥିତି ନିର୍ଭର ଅବସ୍ଥାରେ ଥିବା ବିଶୁଦ୍ଧ ବସ୍ତୁସତ୍ତା ମଧ୍ୟ, ଯାହା ଅତି ହାଲୁକା ବାଷ୍ପ ହୋଇପାରେ, ଭୌତିକ ବିଜ୍ଞାନଦ୍ୱାରା ଶକ୍ତି ରୂପେ ଅଭିହିତ ଘୋର ଅଜ୍ଞାତ ବସ୍ତୁସତ୍ତା ମଧ୍ୟ ହୋଇପାରେ।

ଆମେ ସହଜରେ 'ଏକ ଜୀବନ', 'ଏକ ନିୟମ', 'ଏକ ତତ୍ତ୍ୱ' ବୋଲି କହି ଦେଇଥାଉ ।.... ଆତ୍ମା, ଜୀବନ ଓ ବସ୍ତୁ ପରସ୍ପରଠାରୁ ସ୍ୱତନ୍ତ୍ର ଭାବେ ରହୁଥିବା ସ୍ୱାଭାବିକ ବା ପ୍ରାକୃତିକ ତତ୍ତ୍ୱ ନୁହେଁ । ବରଂ ମହାଶୂନ୍ୟରେ ଚାଲିଥିବା ଚିରନ୍ତନ ଗତିଶୀଳତାର ସମାହାରର ପରିଣାମ ।

ଆତ୍ମା ଓ ବସ୍ତୁର ପରିଣାମ ଏକ । ଉଭୟ ମଧ୍ୟରେ ଅବସ୍ଥାର ପାର୍ଥକ୍ୟ ଥାଏ, ତତ୍ତ୍ୱଗତ ପାର୍ଥକ୍ୟ ନ ଥାଏ । .... ଆମର ସିଦ୍ଧାନ୍ତ ସମୂହରେ ଦର୍ଶାଇ ଦିଆଯାଇଛି ଯେ ପ୍ରକୃତି–ଆତ୍ମା–ବସ୍ତୁରେ ଏକ ହିଁ ତତ୍ତ୍ୱ ନିହିତ । ବସ୍ତୁ, ଆତ୍ମା ଓ ତୃତୀୟଟି ପୂର୍ଣ୍ଣାତ୍ ପୂର୍ଣ୍ଣତର ପୂର୍ଣ୍ଣତମ ତତ୍ତ୍ୱ ଅଥବା ଉଭୟର ସାରତତ୍ତ୍ୱ.... ଆତ୍ମାକୁ ବସ୍ତୁର ଚରମ ଉତ୍ତରିତ ଅବସ୍ଥା ବୋଲି କୁହାଯାଏ; ବସ୍ତୁ ମଧ୍ୟ ଆତ୍ମାର ସ୍ଥୂଳୀଭୂତ ରୂପାୟନ ବୋଲି ମନେକରାଯାଏ । ଉର୍ଦ୍ଧ୍ୱାୟନର ସର୍ବୋତ୍ତମ ଦୃଷ୍ଟାନ୍ତ ହେଉଛି ବରଫ, ଜଳ, ବାଷ୍ପ ଓ ପରିଶେଷରେ ତା'ର ଅନ୍ତର୍ଦ୍ଧାନ । ଏହାର ବିପରୀତ ପ୍ରକ୍ରିୟାଟି ଆତ୍ମାର ସ୍ଥୂଳ ରୂପ ପରିଗ୍ରହ ବା ବସ୍ତୁରେ ପରିଣତ ହେବାର ଦୃଷ୍ଟାନ୍ତ । ଏହି ତ୍ରିବିଧ ରୂପ ଏକରୂପତାରେ ବିଲୀନ ହୋଇଥାଏ ।

"କିନ୍ତୁ ବିଶୁଦ୍ଧ ଓ ନୈର୍ବାକ୍ତିକ ଆତ୍ମା (spirit) ପ୍ରକୃତରେ କ'ଣ ? ଆମେ ଯାହା ବୁଝାଇଛୁ, ତୁମେ ହୁଏତ ହୃଦୟଙ୍ଗମ କରି ନ ଥିବ । ଏହି ଆତ୍ମା ଆମ ଇନ୍ଦ୍ରିୟସମୂହର, ଏପରିକି ଯଥେଷ୍ଟ ଆଧ୍ୟାତ୍ମିକ ଉନ୍ନତି ଲାଭ କରିଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଅନନୁଭବ୍ୟ, ପୂର୍ଣ୍ଣତଃ ପୃଥକ୍ ଭାବଦ୍ୟୋତକ, ପରମ ଶୂନ୍ୟ । ଏହି

ପରମଶୂନ୍ୟ କେବଳ ବସ୍ତୁ ସହିତ ଯୁକ୍ତ ହେଲେ କୌଣସି ଏକ ଅସ୍ତିତ୍ୱରେ ପରିଣତ ହୋଇଥାଏ । ତେଣୁ ଆତ୍ମା ବସ୍ତୁ ସଂସ୍ପର୍ଶରେ ସବୁବେଳେ ଅସ୍ତିତ୍ୱ ଧାରଣ କରିଥାଏ । ବସ୍ତୁ ଅସୀମ, ଅବିନାଶୀ ଓ ଆତ୍ମା ବ୍ୟତିରେକେ ସ୍ଥିତିହୀନ । ଆତ୍ମା ହିଁ ବସ୍ତୁରେ ଜୀବନ ରୂପେ ନିହିତ ଥାଏ । ବସ୍ତୁ ଆତ୍ମାଠାରୁ ଭିନ୍ନ ହୋଇପାରେ ନାହିଁ । ଆତ୍ମା ବସ୍ତୁଠାରୁ ବିଚ୍ଛିନ୍ନ ହେଲେ ଜୀବନ ଓ ଅସ୍ତିତ୍ୱର ପୂର୍ଣ୍ଣତଃ ଅଭାବ ଘଟିଥାଏ । ଏପରି ବସ୍ତୁକଣିକା ନାହିଁ, ଯହିଁରେ ଆତ୍ମା ନିହିତ ନାହିଁ; ବସ୍ତୁରେ ନିବଦ୍ଧ ହୋଇ ନ ଥିବା ଆତ୍ମା ମଧ୍ୟ ନାହିଁ ।

"ପ୍ରକୃତି ବିନା ପୁରୁଷ (spirit) ନିଜକୁ ପ୍ରକାଶ କରିବାରେ ସମର୍ଥ ହୋଇ ନଥାଏ । ତେଣୁ ଅସ୍ତିତ୍ୱବିହୀନ ବା ଶୂନ୍ୟତାରେ ପରିଣତ ହୋଇଥାଏ । ଆତ୍ମା ବା ଶକ୍ତି ବିନା ବିଜ୍ଞାନଶାସ୍ତ୍ରରେ 'ନିର୍ଜୀବ' ରୂପେ ଅଭିହିତ ବସ୍ତୁ, ଉଦ୍ଭିଦଜଗତକୁ ଖାଦ୍ୟ ଯୋଗାଇ ପୋଷଣ ଦେଉଥିବା ତଥାକଥିତ ଧାତବ ପଦାର୍ଥଗୁଡ଼ିକ ମଧ୍ୟ ରୂପ ପାଇପାରି ନଥାନ୍ତି । ବସ୍ତୁର ପ୍ରତି ଅଣୁ-ପରମାଣୁର ସ୍ଥିତିରେ ଏପରି ଏକ ମୁହୂର୍ତ୍ତ ଆସିଥାଏ, ଯେତେବେଳେ କୌଣସି ନା କୌଣସି କାରଣରୁ ଆତ୍ମାର ସ୍ଫୁଲିଙ୍ଗ ବା ଜୀବନର ଗତି ଫେରିଯାଏ ଓ ସେହି ମୁହୂର୍ତ୍ତରେ ବିଦ୍ୟୁତ୍‌ର ସ୍ଫୁରଣଠାରୁ, ଚିନ୍ତାର ଗତିଠାରୁ ଅଧିକ କ୍ଷିପ୍ର ଭାବରେ ଅଣୁ-ପରମାଣୁ ଅବା ଅଣୁସମୂହ ବିଲୁପ୍ତ ହୋଇଯା'ନ୍ତି, ବ୍ରହ୍ମାଣ୍ଡୀୟ ବସ୍ତୁ ରୂପର ମୌଳିକ ଶୁଦ୍ଧତାକୁ ଫେରିଯା'ନ୍ତି । ପାରଦର ଗୋଲକ କେନ୍ଦ୍ରୀୟ ବସ୍ତୁ ଅଭିମୁଖେ ଆକୃଷ୍ଟ ହେବା ପରି କ୍ଷିପ୍ରତାର ସହିତ ମାତୃ-ସ୍ରୋତ୍ର ଆଡ଼କୁ ଚାଲିଯା'ନ୍ତି । ବସ୍ତୁ, ଶକ୍ତି ଓ ଗତି ଭୌତିକ ବସ୍ତୁପରକ ପ୍ରକୃତିର ତ୍ରିବିଧ ରୂପ, ଯେତେବେଳେ କି ଆତ୍ମା-ବସ୍ତୁର ତ୍ରୟୀରୂପ ଆଧ୍ୟାତ୍ମିକ ଆତ୍ମନିଷ୍ଠ ପ୍ରକୃତିର ଏକତ୍ୱ ଦ୍ୱାରା ସଂପନ୍ନ ହୋଇଥାଏ । ଆତ୍ମା ଶାଶ୍ୱତ ବା ଚିରନ୍ତନ ହୋଇଥିବା ହେତୁ ଗତି ମଧ୍ୟ ଚିରନ୍ତନ । କିନ୍ତୁ କୌଣସି ବି ପ୍ରକାରର ଗତି ବିଷୟରେ ବସ୍ତୁ-ସଂପର୍କ ବ୍ୟତିରେକେ ଧାରଣା କରିବା ସମ୍ଭବ ନୁହେଁ ।"

ବ୍ରହ୍ମବିଦ୍ୟା ଏକ ଅଦ୍ୱିତୀୟ ପରମ ଅଲଂଘନୀୟ ନିୟମ ବିଷୟକ ଧାରଣାକୁ ନିଶ୍ଚିତ ବା ସୁଦୃଢ଼ କରିଥାଏ, ଯାହା ନିମ୍ନସ୍ତରରେ ଯେପରି ଉଚ୍ଚସ୍ତରରେ ମଧ୍ୟ ସେହିପରି କାର୍ଯ୍ୟକାରୀ ହୋଇଥାଏ । ଅନ୍ୟ ସକଳ ନିୟମ ସେହି ନିୟମର ପ୍ରତିଫଳନ ବା ପ୍ରକାଶିତ ରୂପ ମାତ୍ର । ଅଗଣିତ ବ୍ରହ୍ମାଣ୍ଡ ସାର୍ବଜାଗତିକ ଶାଶ୍ୱତ

ନିୟମଦ୍ୱାରା ହିଁ  ପରିଚାଳିତ । 'The Secret Doctrine' ରେ କାଳଚକ୍ରର ନିୟମ (Law of Periodicity), ସତତ ନବୀକରଣ ଓ ଜନ୍ମାନ୍ତରର ନିୟମ, ସନ୍ତୁଳନ ଓ ସମତା ରକ୍ଷାର ନିୟମ, କର୍ମର ନିୟମ, ମୌଳିକ ସଂହତିର ସଂରକ୍ଷଣ ନିୟମ (ଏଥିପାଇଁ ସୋପାନକ୍ରମ ବିଷୟକ ସିଦ୍ଧାନ୍ତ), ଆତ୍ମ-ଅନାବରଣର ନିୟମ (ବାସ୍ତବ ପରିଚୟ ବିଷୟକ ସିଦ୍ଧାନ୍ତ), ଗତି ବା ନିରନ୍ତର ପରିବର୍ତ୍ତନର ନିୟମ (ଉଦ୍‌ବର୍ତ୍ତନ ବିଷୟକ ସିଦ୍ଧାନ୍ତ), କରୁଣା ବା ପ୍ରେମର ନିୟମ ଓ ସୃଷ୍ଟି ପରିପ୍ରକାଶର ନିୟମ ଆଦି ଅନେକ ନିୟମର ବିଶଦ ବ୍ୟାଖ୍ୟା ରହିଛି ।

'The Laws of the Higher Life' ପୁସ୍ତକରେ ଆନିବେଶାନ୍ତ ବଳିଦାନର ନିୟମ ବା ଆତ୍ମୋତ୍ସର୍ଗର ନିୟମ (Law of Sacrifice) ବିଷୟରେ ସୂଚାଇଛନ୍ତି । କ୍ଷୟପୂର୍ତ୍ତି ଅଥବା କର୍ମର ପ୍ରତିଫଳ ଭୋଗର ନିୟମ ହିଁ ପ୍ରକାଶିତ ରୂପରେ ଅଭିବ୍ୟକ୍ତିର ମୂଳକାରଣ ବା ଆଧାର । ଈଶ୍ୱରଙ୍କର ଆତ୍ମ-ବଳିଦାନର କ୍ରିୟା ଫଳରେ ବ୍ୟକ୍ତଜଗତର ଉଦ୍‌ଭବ, ସମଗ୍ର ବ୍ୟକ୍ତ ଜଗତ ରୂପରେ ସେ ହିଁ ପ୍ରକାଶିତ । ବିଶ୍ୱବ୍ରହ୍ମାଣ୍ଡ ଉତ୍ସର୍ଗଭାବ ଦ୍ୱାରା ପରିଚାଳିତ, ଉତ୍ସର୍ଗଭାବ ଦ୍ୱାରା ହିଁ ମଣିଷ ପୂର୍ଣ୍ଣତା ଲାଭ କରିଥାଏ । ଏପରି ତ୍ୟାଗ ବା ଉତ୍ସର୍ଗର ଭାବ ଏକ କ୍ଳେଶପ୍ରଦ ପ୍ରକ୍ରିୟା ନୁହେଁ, ବରଂ ଏକ ଆନନ୍ଦମୟ ସୁଯୋଗ ।

ତ୍ୟାଗ ବା ଉତ୍ସର୍ଗର ନିୟମକୁ ଜାଣିବା ଦ୍ୱାରା ମଣିଷ ମାନସଲୋକର ଊର୍ଦ୍ଧ୍ୱକୁ ଉତ୍ତୀର୍ଣ୍ଣ ହୋଇଯାଏ । ସେହି ଅବସ୍ଥାରେ ସେ କର୍ତ୍ତବ୍ୟକୁ କେବଳ କର୍ତ୍ତବ୍ୟ ବୋଲି ଜାଣିଥାଏ । ଯାହା କରିବା ଆବଶ୍ୟକ ତାହା ହିଁ କରିବାକୁ ଉଚିତ ମଣିଥାଏ । ସେହି ବୁଦ୍ଧିଲୋକରେ ସମସ୍ତ ସତ୍ତା ଏକ ବୋଲି ଅନୁଭବ ଆସିଥାଏ । ସେହି ସ୍ତରରେ ସମସ୍ତ କ୍ରିୟାକଳାପ ସମସ୍ତଙ୍କର ଦରକାର ମୁତାବକ କରାଯାଇଥାଏ; ପୃଥକ୍ ସତ୍ତାର ଲାଭ ପାଇଁ ନୁହେଁ । କେବଳ ସେହି ସ୍ତରରେ ହିଁ ତ୍ୟାଗର ନିୟମ ମସ୍ତିଷ୍କର ବୌଦ୍ଧିକ ଚିନ୍ତାଦ୍ୱାରା ସତ୍ୟ ଓ ନ୍ୟାୟସଙ୍ଗତ ବୋଲି ବିବେଚିତ ନ ହୋଇ ଆନନ୍ଦମୟ ସୁଯୋଗ ବୋଲି ମର୍ମାନୁଭୂତି ଆସିଥାଏ ।

ବୁଦ୍ଧି ଲୋକ (Buddhic plane) ରେ ଉପନୀତ ମଣିଷ ସ୍ୱଷ୍ଟ ଦେଖିପାରେ ଯେ ଜୀବନ ଏକ, ଯାହା ଈଶ୍ୱରୀୟ ପ୍ରେମର ଅବାରିତ ମୁକ୍ତ ପ୍ରବାହରୁ ନିରନ୍ତର ଝରି ଚାଲିଛି । ଅତଏବ ଏହା ହେଉଛି ପ୍ରେମ ଓ ଏକତ୍ୱବୋଧର ନିୟମ । କରୁଣା

ଓ ସେବା ଭାବରେ ଏହା ଅଭିବ୍ୟକ୍ତ ହୋଇଥାଏ । ତ୍ୟାଗର ନିୟମକୁ ବୁଝିବା ଓ ଅଭ୍ୟାସ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟରେ ଆଧ୍ୟାତ୍ମିକ ପ୍ରଗତି, ଜୀବାତ୍ମାଠାରେ ନିହିତ ସୁପ୍ତ ଶକ୍ତିର ପରିପ୍ରକାଶ ଏତେ ଶୀଘ୍ର ଘଟିବା ସମ୍ଭବ ନୁହେଁ । ଏହା ହିଁ ପରିପ୍ରକାଶ ବା ସୃଷ୍ଟିପ୍ରକ୍ରିୟାର ନିୟମ ଓ ମନୁଷ୍ୟର ଉଦ୍‌ବର୍ତ୍ତନର ନିୟମ । ଅବଶ୍ୟ ଏଠାରେ ଏହାର ଯେତିକି ବିଷୟକୁ ସ୍ପର୍ଶ କରାଯାଇଛି, ତା'ଠାରୁ ଯଥେଷ୍ଟ ଅଧିକ ରହସ୍ୟମୟ ଓ ଗଭୀର ସ୍ୱରୂପ ରହିଛି । କିନ୍ତୁ ଯେଉଁମାନଙ୍କର ହୃଦୟ ଧୈର୍ଯ୍ୟଶୀଳ, ପ୍ରେମପୂର୍ଣ୍ଣ, ଯେଉଁମାନଙ୍କର ସମଗ୍ର ଜୀବନ ତ୍ୟାଗ ଓ ଉତ୍ସର୍ଗ ଭାବରେ ପରିପୃକ୍ତ, ସେମାନଙ୍କ ପାଇଁ ସେ ଗଭୀର ରହସ୍ୟ ସ୍ୱତଃ ଉନ୍ମୋଚିତ ହୋଇଯିବ । ତାହା ବୁଝାଇବା ପାଇଁ ଶବ୍ଦର ଆବଶ୍ୟକତା ନାହିଁ । ଏପରି କେତେକ ବିଷୟ ଅଛି, ଯାହା କେବଳ ନୀରବତାର ସ୍ୱର (The voice of the silence) ଦ୍ୱାରା ଉଚ୍ଚାରିତ ହୋଇପାରେ । ତ୍ୟାଗର ନିୟମ ମଧ୍ୟରେ ନିହିତ ଗଭୀର ସତ୍ୟ ମଧ୍ୟ ଏହି ପ୍ରକାର ବିଷୟର ଅନ୍ତର୍ଭୁକ୍ତ ।

**ଜ୍ଞାନ, ପ୍ରଜ୍ଞା ଓ ଆତ୍ମୋପଲବ୍ଧି :**

"At the Feet of the Master" ରେ କୁହାଯାଇଛି, "ଯେଉଁ ପ୍ରଜ୍ଞା ତୁମକୁ ସହାୟତା  କରିବାର ସାମର୍ଥ୍ୟ ଦିଏ, ଯେଉଁ ଇଚ୍ଛା ତୁମକୁ ପ୍ରଜ୍ଞା ଆଡ଼କୁ ଉନ୍ମୁଖ କରାଏ, ଯେଉଁ ପ୍ରେମ ତୁମର ଇଚ୍ଛାକୁ ଅନୁପ୍ରେରିତ କରେ, ସେହିସବୁ ହିଁ ତୁମର ଯୋଗ୍ୟତା । ଇଚ୍ଛା, ପ୍ରଜ୍ଞା ଓ ପ୍ରେମ ହେଉଛି ଈଶ୍ୱରଙ୍କର ତ୍ରିବିଧ ସ୍ୱରୂପ । ତୁମେ, ଯଦି ତାଙ୍କର ସେବକ ହେବାକୁ ଚାହୁଁଛ, ସଂସାରରେ ଏହିସବୁ ଗୁଣ ପ୍ରଦର୍ଶନ କର ।" ତେଣୁ ପ୍ରଜ୍ଞାର ଆବଶ୍ୟକତା ସର୍ବୋପରି । କେବଳ ଭୌତିକ ଅବଗତିମୂଳକ ଜ୍ଞାନ ଯଥେଷ୍ଟ ନୁହେଁ ।

"The Voice of the Silence" ରେ ଶିଷ୍ୟଙ୍କ ପ୍ରଶ୍ନର ଉତ୍ତରରେ ଆଧ୍ୟାତ୍ମିକ ଗୁରୁ ଏକ ଗଭୀର ତତ୍ତ୍ୱ ପ୍ରକାଶ କରିଛନ୍ତି । ଶିଷ୍ୟ ପ୍ରଶ୍ନ କରିଛନ୍ତି, "ହେ ଗୁରୁ ! ପ୍ରଜ୍ଞା ଲାଭ ପାଇଁ ମୋତେ କ'ଣ କରିବାକୁ ହେବ ? ହେ ବିଜ୍ଞବର ! ପୂର୍ଣ୍ଣତା ପ୍ରାପ୍ତି ପାଇଁ ମୁଁ କ'ଣ କରିବା ଆବଶ୍ୟକ ?"

ଗୁରୁ ଉତ୍ତର ଦେଇଛନ୍ତି, "ମାର୍ଗ ଅନ୍ୱେଷଣ କର । କିନ୍ତୁ ହେ ଲାନୁ ! ଯାତ୍ରା ଆରମ୍ଭ କରିବା ପୂର୍ବରୁ ନିଜ ହୃଦୟକୁ ପରିଶୁଦ୍ଧ କର । ପ୍ରଥମ ପାଦଟି ପକାଇବା

ପୂର୍ବରୁ ସତ୍‌କୁ ଅସତ୍‌ଠାରୁ, ଶାଶ୍ୱତକୁ ନଶ୍ୱରଠାରୁ ପୃଥକ୍ କରି ବାଛିବାକୁ ଶିଖ । ସର୍ବୋପରି ମସ୍ତିଷ୍କର ଶିକ୍ଷା ଓ ଆତ୍ମିକ ଉପଲବ୍ଧିର ପ୍ରଜ୍ଞା ମଧ୍ୟରେ, ଚକ୍ଷୁ ଓ ହୃଦୟର ସିଦ୍ଧାନ୍ତ ମଧ୍ୟରେ ପାର୍ଥକ୍ୟକୁ ବୁଝ ।

ଆହୁରି ମଧ୍ୟ କୁହାଯାଇଛି, "ଆତ୍ମିକ ପ୍ରଜ୍ଞାର ଆଲୋକ ଓ ଦିଗ୍‌ଦର୍ଶନ ବର୍ଜିତ ମସ୍ତିଷ୍କର ଜ୍ଞାନ ଅପେକ୍ଷା ଅଜ୍ଞତା ବରଂ ଭଲ ।"

ଆଧ୍ୟାତ୍ମିକ ଗୁରୁ ଯଥାର୍ଥରେ ସୂଚାଇଛନ୍ତି ଯେ ଜୀବନ, ଅର୍ଥାତ୍ ପୂର୍ଣ୍ଣ ପରିଶୁଦ୍ଧତା, ଭୌତିକ ଶରୀର, ଭାବଶରୀର ଓ ମାନସ ଶରୀରର ସମ୍ବେଦନଶୀଳତା ଓ ସମତା ସମ୍ପାଦନ ହିଁ ଆଧ୍ୟାତ୍ମିକ-ଜୀବନ ଆରମ୍ଭ କରିବାର ମୌଳିକ ଆବଶ୍ୟକତା । ଅଭ୍ରାନ୍ତ ଅନ୍ତର୍ଦୃଷ୍ଟି ଓ ଅବବୋଧ; ସତ୍ ଓ ଅସତ୍, ସ୍ଥାୟୀ ଓ ଅସ୍ଥାୟୀ ବିଷୟକ ଅଭ୍ରାନ୍ତ ଧାରଣା ହିଁ ପ୍ରଜ୍ଞା ଓ ପୂର୍ଣ୍ଣତା ପ୍ରାପ୍ତି ନିମନ୍ତେ ଆଧ୍ୟାତ୍ମିକ ଭିତ୍ତି ।

ଆଧ୍ୟାତ୍ମିକ-ଉନ୍ନତି-ଅଭିଳାଷୀମାନଙ୍କ ପାଇଁ ମାଡ଼ାମ୍ ହେଲେନା ପେଟ୍ରୋଭ୍‌ନା ବ୍ଲାଭଟ୍‌ସ୍କି ସାତଗୋଟି ଯୋଗ୍ୟତାର ଉଲ୍ଲେଖ କରିଛନ୍ତି ।

(୧) ଅଖଣ୍ଡ ଶାରୀରିକ ସ୍ୱାସ୍ଥ୍ୟ ।

(୨) ଶରୀର ଓ ମନର ସଂପୂର୍ଣ୍ଣ ଶୁଦ୍ଧତା ।

(୩) ସ୍ୱାର୍ଥଭାବନାଶୂନ୍ୟ ଉଦ୍ଦେଶ୍ୟ, ବାଛବିଚାରଶୂନ୍ୟ ସାର୍ବଭୌତିକ ପରୋପକାରିତା, ସକଳ ଜୀବଙ୍କ ପ୍ରତି ଦୟା ବା କରୁଣା ।

(୪) ସତ୍ୟନିଷ୍ଠା ଓ କର୍ମର ନିୟମରେ ଅଟଳ ବିଶ୍ୱାସ, ଏହି ନିୟମ ପ୍ରକୃତିରେ ନିହିତ ଯେକୌଣସି ଶକ୍ତିର ଅନ୍ତଃକ୍ଷେପ (intervention) ର ଊର୍ଦ୍ଧ୍ୱରେ ବୋଲି ବିଶ୍ୱାସ, ଯେଉଁ ନିୟମର ମାର୍ଗକୁ କୌଣସି ବାହ୍ୟ ଶାନ୍ତୀକରଣ ଅନୁଷ୍ଠାନ ଦ୍ୱାରା ଅବରୁଦ୍ଧ କରିବାର ଚେଷ୍ଟା ସମୀଚୀନ ନୁହେଁ ।

(୫) ଯେକୌଣସି ସଙ୍କଟ, ଏପରିକି ପ୍ରାଣସଙ୍କଟରେ ମଧ୍ୟ ନିର୍ଭୀକଭାବ ଓ ସାହସ ।

(୬) ବ୍ୟକ୍ତିର ଅସ୍ତିତ୍ୱ ବ୍ୟକ୍ତରୂପ ଅବଲୋକିତେଶ୍ୱର ବା ଦିବ୍ୟ ଆତ୍ମାର ବାହନ ମାତ୍ର, ଏପରି ବଦ୍ଧମୂଳ ଧାରଣା ।

(୭) ଶାନ୍ତ ନିର୍ଲିପ୍ତଭାବ; ଅଥଚ ନଶ୍ୱର ଭୌତିକଜଗତ ଇନ୍ଦ୍ରିୟୋତ୍ତର ଅଦୃଶ୍ୟ ଜଗତ ସହିତ ସଂପର୍କର ଉପଲକ୍ଷ୍ୟ ବୋଲି ବିବେଚନା କରିବା ।

ମହାତ୍ମା ମୌର୍ଯ୍ୟ ହେଲେନା ପେଟ୍ରୋଭ୍‌ନା ବ୍ଲାଭାଟ୍‌ସ୍କିଙ୍କୁ ନିର୍ଦ୍ଦେଶିତ କରିଥିବା 'ସ୍ୱର୍ଣ୍ଣିମ ସୋପାନଶ୍ରେଣୀ' (The Golden Stairs) ରେ ପ୍ରଜ୍ଞାଲାଭ ନିମନ୍ତେ ସୁସ୍ପଷ୍ଟ ସୋପାନକ୍ରମର ନିର୍ଦ୍ଦେଶ ରହିଛି । ଏଥିରେ କୁହାଯାଇଛି–

"ଶୁଦ୍ଧ ଜୀବନ, ଉନ୍ମୁକ୍ତ ମନ, ନିର୍ମଳ ହୃଦୟ, ଉତ୍ସୁକ ବୋଧଶକ୍ତି, ଅନାବୃତ ଆଧ୍ୟାତ୍ମିକ ଦୃଷ୍ଟି, ସମସ୍ତଙ୍କ ପ୍ରତି ଭ୍ରାତୃଭାବ, ପରାମର୍ଶ ଦେବା ଓ ନେବା ପାଇଁ ସଦା ପ୍ରସ୍ତୁତ ମାନସିକତା, ଗୁରୁଙ୍କ ପ୍ରତି ଆସ୍ଥାପୂର୍ଣ୍ଣ କର୍ତ୍ତବ୍ୟପରାୟଣତା, ସତ୍ୟର ଅନୁପାଳନରେ ଏକନିଷ୍ଠତା, ନିଜ ପ୍ରତି ହେଉଥିବା ଅନ୍ୟାୟକୁ ସାହସର ସହିତ ସହନ କରିବା, ନୀତିଗତ ସିଦ୍ଧାନ୍ତସମୂହର ନିର୍ଭୀକ ଉଦ୍‌ଘୋଷଣ, ଅନ୍ୟ ପ୍ରତି ହେଉଥିବା ଅନୁଚିତ ଆକ୍ରମଣର ବୀରତାପୂର୍ବକ ପ୍ରତିରୋଧ, ବ୍ରହ୍ମବିଦ୍ୟାରେ ବର୍ଣ୍ଣିତ ମାନବୀୟ ପ୍ରଗତି ଓ ପୂର୍ଣ୍ଣତାର ଆଦର୍ଶ ପ୍ରତି ନିରନ୍ତର ଦୃଷ୍ଟି, ଏହି ସ୍ୱର୍ଣ୍ଣିମ ସୋପାନଶ୍ରେଣୀକୁ ଆରୋହଣ କରି ସାଧକ ଦିବ୍ୟଜ୍ଞାନର ମନ୍ଦିରରେ ଉପନୀତ ହୋଇପାରେ ।"

ଆମେ ଆଧ୍ୟାତ୍ମିକ ଜୀବନର ଏହି ଆଦର୍ଶକୁ ଜୀବନରେ ପ୍ରୟୋଗ କରିବା ଓ କାର୍ଯ୍ୟରେ ପରିଣତ କରିବା ଉଚିତ, ଏହିପରି ଭାବରେ ବୌଦ୍ଧିକ ବା ମସ୍ତିଷ୍କଗତ ଜ୍ଞାନକୁ ପ୍ରଜ୍ଞାରେ ରୂପାନ୍ତରିତ କରିବାକୁ ଚେଷ୍ଟା କରିବା ଉଚିତ । ସେଥି ସଙ୍ଗେସଙ୍ଗେ ଭକ୍ତି ବା ପ୍ରେମଭାବକୁ ବିକଶିତ କରାଇ ନିଜ ଚରିତ୍ରର ଏକ ଅଭିନ୍ନ ଅଙ୍ଗରେ ପରିଣତ କରିବା ଆବଶ୍ୟକ । କାରଣ ବୁଦ୍ଧି-ସଂପୃକ୍ତ ଜ୍ଞାନକୁ ଅନାବୃତ କରାଇ ପ୍ରକୃତ ପ୍ରଜ୍ଞା ଲାଭ କରିବା ନିମନ୍ତେ ଏହା ସବୁଠାରୁ ଶକ୍ତିଶାଳୀ ଉପାୟ ।

ପରବର୍ତ୍ତୀ ଅବସ୍ଥା ବା ଉଚ୍ଚତର ସ୍ତରକୁ ଯିବା ପୂର୍ବରୁ ଭକ୍ତି ଓ ଆତ୍ମ-କର୍ଷଣଦ୍ୱାରା ବୁଦ୍ଧିର ପର୍ଯ୍ୟାପ୍ତ  ବିକାଶ ସାଧନ କରିବା ଆବଶ୍ୟକ । ଏହାର ଅନେକ କାରଣ ରହିଛି । ସେହି ସ୍ତରରେ ସତ୍ୟକୁ ଆଚ୍ଛନ୍ନ କରି ରଖୁଥିବା ମାୟାର ଆବରଣ ଗୋଟିଏ ପରେ ଗୋଟିଏ ଦୂର ହୋଇଥାଏ । ଉଚ୍ଚତର ଜୀବନର ସତ୍ୟକୁ ପ୍ରତ୍ୟକ୍ଷ ଭାବେ ଉପଲବ୍ଧି କରିହୁଏ ଓ ପରିଶେଷରେ ଆତ୍ମ-ଉପଲବ୍ଧି ହୋଇଥାଏ । ଯେତେବେଳେ ଆମେ କେବଳ ବୁଦ୍ଧିର ସାମର୍ଥ୍ୟଦ୍ୱାରା ସତ୍‌କୁ ନ ଜାଣି ଆମର ଚେତନାକୁ ଆତ୍ମାରେ ସମାହିତ କରି, ଆତ୍ମା ସହିତ ଏକୀଭୂତ ହୋଇ ସତ୍‌କୁ ପ୍ରତ୍ୟକ୍ଷ ଅନୁଭବ କରୁଁ,

ସେତେବେଳେ ପ୍ରଜ୍ଞା ଆତ୍ମ-ଉପଲବ୍ଧିରେ ପରିଣତ ହୁଏ ।

'ଉପଲବ୍ଧି'ର ଅର୍ଥ 'ହେବାଦ୍ୱାରା ଜାଣିବା' (knowing by becoming) ବୋଲି କୁହାଯାଇପାରେ । ଏହା ହେଉଛି ଧ୍ୟାନ ଓ ସମାଧିର କ୍ଷେତ୍ର । ଯେତେବେଳେ ମନ ଶୁଦ୍ଧ ହୋଇଯାଏ, ଚିତ୍ତବୃତ୍ତିର ନିରୋଧ ହୋଇ ସମାଧି ଅବସ୍ଥା-ପ୍ରାପ୍ତ ହୁଏ, ସାଧକର ଚେତନା ବିଭିନ୍ନ ଶରୀର ସହିତ ସଂପୃକ୍ତ ମନର ବିଭିନ୍ନ ସ୍ତରରେ କ୍ରମଉତ୍ତରିତ ହୋଇଥାଏ; ସର୍ବଶେଷ ବନ୍ଧନ ଆତ୍ମିକ ଜଗତକୁ ଅତିକ୍ରମ କରିଯାଏ । ଚେତନା ମନୋରାଜ୍ୟର ସୀମା ଲଙ୍ଘି ଶାଶ୍ୱତ ଜୀବାତ୍ମା (eternal monad) ବା ପୁରୁଷର ଚେତନା ସହ ଏକ ହୋଇଯାଏ । ଏହା ନିମ୍ନସ୍ତରରୁ, ଅର୍ଥାତ୍ ବ୍ୟକ୍ତିସତ୍ତାର ଦୃଷ୍ଟିକୋଣରୁ ଦେଖିବାର ପ୍ରକ୍ରିୟା । ଯଦି ଆମେ ଊର୍ଦ୍ଧ୍ୱତନ ସ୍ତରରୁ, ଅର୍ଥାତ୍ ଜୀବାତ୍ମାର ଦୃଷ୍ଟିକୋଣରୁ ଲକ୍ଷ୍ୟ କରିବା, କହି ପାରିବା ଯେ ଜୀବାତ୍ମା ତା'ର ଚେତନାକୁ ଆତ୍ମିକ ଜଗତରୁ ମୁକ୍ତ କରିବା ପର୍ଯ୍ୟନ୍ତ ଧୀରେଧୀରେ ନିଜକୁ ମନର ସ୍ତରରୁ ଊର୍ଦ୍ଧ୍ୱାୟିତ କରିଥାଏ । ଶେଷରେ ସେ ମୁକ୍ତଭାବରେ ଆତ୍ମ-ଉପଲବ୍ଧି କରି ନିଜର ଦିବ୍ୟ ସ୍ୱରୂପରେ ଅବସ୍ଥିତ ହୋଇଥାଏ; ଅଥଚ ନିମ୍ନତର ଜଗତ ସମୂହରେ ନିଜର ଶରୀର ରୂପକ ଉପକରଣ ସମୂହକୁ ନିଜ ଆୟତ୍ତରେ ରଖିଥାଏ ।

ଆତ୍ମିକ ଶରୀର ଆତ୍ମିକ ଜଗତର ଗୋଟିଏ ମାତ୍ର ପରମାଣୁରେ ନିର୍ମିତ, ଯେଉଁଥିରେ ଚେତନା କ୍ରମାନ୍ୱୟରେ ବିସ୍ତାରିତ ଓ ସଙ୍କୁଚିତ ହେବାର କ୍ଷମତା ରହିଥାଏ । ତାହା ଏତେ ଦ୍ରୁତ ବେଗରେ ବିସ୍ତାରିତ ହୋଇ ସେହି ସମଗ୍ର ଜଗତର ଚେତନାକୁ ନିଜ ଭିତରେ ସମାହିତ କରିଥାଏ ଓ ଏହି ସର୍ବାଶ୍ଲେଷୀ (all embracing) ଚେତନାକୁ ବ୍ୟକ୍ତିସ୍ୱାତନ୍ତ୍ର୍ୟର ରଙ୍ଗରେ ରଞ୍ଜିତ କରିବା ପାଇଁ ଗୋଟିଏ ବିନ୍ଦୁରେ ସଙ୍କୁଚିତ କରିଦେଇଥାଏ ଯେ, ତାହା ଅବଧାରଣାର ଅତୀତ ।

ଏହିପରି ଭାବରେ ଏକ ହିଁ ଚେତନାର ସଂପୂର୍ଣ୍ଣ ବିପରୀତ ଓ ଅସଂଗତ ବୋଧ ହେଉଥିବା ଦୁଇ ଲକ୍ଷଣ—ବ୍ୟାପକତା ଓ ବ୍ୟକ୍ତିସତ୍ତାର ସୀମିତତା, ଏ ଦୁଇଟି ମଧ୍ୟରେ ସମନ୍ୱୟର କଥାକୁ ବୁଝିବା ମନୁଷ୍ୟର ବୋଧଶକ୍ତି ପାଇଁ ଅତି କଠିନ ବ୍ୟାପାର । ଚେତନାର ଏହି ଅତିଲୌକିକ ସ୍ୱରୂପକୁ ବୁଝାଇବାକୁ ଯାଇ କୁହାଯାଇଛି, "ଏହାର କେନ୍ଦ୍ର ସବୁଠି ରହିଛି; ମାତ୍ର ପରିଧି କେଉଁଠାରେ ହେଲେ ନାହିଁ ।"

ଏହିପରି ଭାବରେ ଆମେ ଦେଖୁ ଯେ ମନୁଷ୍ୟର ତିନି ଉଚ୍ଚତର ତତ୍ତ୍ୱ ଗୋଟିଏ ପରେ ଗୋଟିଏ ଅନାବୃତ ହୋଇଥା'ନ୍ତି । ପ୍ରଥମେ ବୌଦ୍ଧିକତା, ଦ୍ୱିତୀୟରେ ପ୍ରେମ / ପ୍ରଜ୍ଞା ଓ ତୃତୀୟରେ ଆଧ୍ୟାତ୍ମିକ ଅଭୀପ୍‌ସା ।

ପ୍ରେମ ବା ଭକ୍ତିର ସଂଯୋଗରେ ବୌଦ୍ଧିକତା ପ୍ରଜ୍ଞାକୁ ବିକଶିତ କରେ । ପ୍ରଜ୍ଞାଦ୍ୱାରା ପରିଚାଳିତ ଆଧ୍ୟାତ୍ମିକ ଅଭୀପ୍‌ସା ଆତ୍ମ-ଉପଲବ୍ଧି ପ୍ରଦାନ କରେ । ତୃତୀୟ ଅବସ୍ଥାରେ ଆତ୍ମ-ଉପଲବ୍ଧି ପାଇଁ ରାଜଯୋଗର ପ୍ରକ୍ରିୟା ଅନୁଷ୍ଠାନ କରାଯାଇଥାଏ । ଏହା ଚରମ ଲକ୍ଷ୍ୟ ପ୍ରାପ୍ତି ପାଇଁ, ଅର୍ଥାତ୍ ବିଶ୍ୱଚେତନା (Universal conciousness) ସହିତ ଯୁକ୍ତହେବା ପାଇଁ ବା ଏକାକାର ହେବାପାଇଁ ଆତ୍ମାର ଆଧ୍ୟାତ୍ମିକ ଅଭୀପ୍‌ସା ।

ରାଜଯୋଗ ହେଉଛି ଏକ ସମନ୍ୱୟାତ୍ମକ ମାର୍ଗ । ଜ୍ଞାନମାର୍ଗ, ଭକ୍ତିମାର୍ଗ, କର୍ମମାର୍ଗ ଆଦି ପୃଥକ୍ ପୃଥକ୍ ମାର୍ଗ ଥିବା ସଂପର୍କରେ ଭ୍ରାନ୍ତ ଧାରଣା ରହିଛି । କିନ୍ତୁ ଏହାର ବିପରୀତାତ୍ମକ ଅତି ସ୍ପଷ୍ଟ ଉକ୍ତି ରହିଛି । 'Light on the path' ପୁସ୍ତକରେ କୁହାଯାଇଛି– "ପ୍ରତ୍ୟେକ ମଣିଷ ପୂର୍ଣ୍ଣଭାବରେ ନିଜେ ହିଁ ନିଜ ପାଇଁ ପଥ, ସତ୍ୟ ଓ ଜୀବନ । ଏହାକୁ ଗୋଟିଏ ମାର୍ଗରେ ଅନ୍ୱେଷଣ କର ନାହିଁ । ପ୍ରତ୍ୟେକଙ୍କ ସ୍ୱଭାବ ପାଇଁ ଏକ ନିର୍ଦ୍ଦିଷ୍ଟ ମାର୍ଗ ରହିଛି, ଯାହା ତାଙ୍କ ପାଇଁ ସର୍ବୋତ୍ତମ । କିନ୍ତୁ କେବଳ ଭକ୍ତିଦ୍ୱାରା, ଧାର୍ମିକ ଚିନ୍ତନଦ୍ୱାରା, ପ୍ରଖର ଅଗ୍ରଗତିଦ୍ୱାରା, ଆତ୍ମୋତ୍ସର୍ଗର ଶ୍ରମଦ୍ୱାରା, ଜୀବନର ଗଭୀର ଅନୁଶୀଳନ ବା ଅନୁଧ୍ୟାନ ଦ୍ୱାରା ମାର୍ଗ ଅନ୍ୱେଷଣ କରି ହୁଏ ନାହିଁ । କୌଣସି ଗୋଟିଏ ମାର୍ଗ ସାଧକକୁ ଗୋଟିଏ ପାଦରୁ ଅଧିକ ଅଗ୍ରସର କରାଇପାରିବ ନାହିଁ । ସିଡ଼ି ପ୍ରସ୍ତୁତି ପାଇଁ ସବୁ ପାହାଚ ଅପରିହାର୍ଯ୍ୟ ରୂପେ ଆବଶ୍ୟକ ।"

ଧ୍ୟାନ ବା ସମାଧି ହେଉଛି ପୂର୍ଣ୍ଣ ସଚେତନତା ଓ ମନୋଯୋଗ ସମନ୍ୱିତ ସଂପୂର୍ଣ୍ଣ ଆଭ୍ୟନ୍ତରୀଣ ନୀରବତା । ପ୍ରଥମେ ମନେରଖିବା ଆବଶ୍ୟକ ଯେ 'ଚିତ୍ତବୃତ୍ତି' ରୂପେ ଅଭିହିତ ମନର ଆଲୋଡ଼ନ ବା ଉତ୍ତେଜନା, ବିକାର ଓ ଅତି ସାଧାରଣ ପରିବର୍ତ୍ତନ ବା ବିକ୍ଷିପ୍ତତା ହିଁ ସତ୍‌କୁ ଅସ୍ପଷ୍ଟ କରି ଦେଇଥାଏ, ଆମର ବାସ୍ତବ ଦିବ୍ୟ ପ୍ରକୃତିକୁ ଆମଠାରୁ ଲୁଚାଇ ରଖିଥାଏ । ଯଦି ଏଗୁଡ଼ିକୁ ଦୂର କରିଦିଆଯାଏ ଓ

ମନ ଅସ୍ଥିରତାରହିତ ଅତ୍ୟନ୍ତ ଶୁଦ୍ଧ ଓ ଶାନ୍ତ ହୋଇଯାଏ, ଏହା ମୂଳରୁ ଯେପରି ଥିଲା, ସେହିପରି ସ୍ୱଚ୍ଛ ହୋଇଯାଏ, ଆମେ ଆମ ଚେତନାର କେନ୍ଦ୍ରରେ ନିହିତ ସମୁଜ୍ଜ୍ୱଳ ସତ୍ ସଂପର୍କରେ ସଚେତନ ହୋଇପାରୁଁ । ଆତ୍ମ-ଉପଲବ୍ଧି ବା କୈବଲ୍ୟର ଅବସ୍ଥା ଏହିପରି ।

ଯୋଗ ପ୍ରକ୍ରିୟାରେ ଧାରଣା, ଧ୍ୟାନ ଓ ସମାଧିଦ୍ୱାରା ମନରେ ସୂକ୍ଷ୍ମଭାବରେ ଘଟୁଥିବା ନାନାପ୍ରକାରର ଆଲୋଡ଼ନ ଓ ବିଚଳନ ପାଦେ ପାଦେ କରି ଧୀରେ ଧୀରେ ବନ୍ଦ ହୋଇଯାଏ । ସାକ୍ଷୀଭାବ, ଅର୍ଥାତ୍ ନିରନ୍ତର ପୂର୍ଣ୍ଣତଃ ନିଃସ୍ୱାର୍ଥ ଭାବରେ ମନର ଚିନ୍ତା ଓ ଭାବସମୂହକୁ ଲକ୍ଷ୍ୟ କରିବା ଦ୍ୱାରା ନିରନ୍ତର ଚେତନ ଓ ଅଚେତନକୁ ସ୍ତର ପରେ ସ୍ତର ଉନ୍ମୁକ୍ତ କରାଯାଇପାରେ । ତା'ପରେ ମନ ଆପେଆପେ ସ୍ଥିର ହୋଇଯାଏ ଓ ସନାତନତ୍ୱର ମେଘମୁକ୍ତ ବା ପରିଚ୍ଛନ୍ନ ଦୃଷ୍ଟି ଭିତରେ ସାମଗ୍ରିକ ଜୀବନର ଗଭୀରତାରେ ହଜିଯାଏ ।

ଶାଶ୍ୱତ ଜ୍ଞାନର ମହାନ୍ ଗୁରୁମାନେ ତଥା ଆତ୍ମ-ଉପଲବ୍ଧି ବିଷୟକ ଗ୍ରନ୍ଥସମୂହ ବାରମ୍ବାର ସୂଚିତ କରିଛନ୍ତି ଯେ ସତ୍ୟର ସନ୍ଧାନରେ ଅନ୍ୱେଷଣରତ ସାଧକଙ୍କୁ ପଥ ଦେଖାଇବାରେ ସହାୟକ ଆଲୋକ ତା' ନିଜ ଭିତରୁ ହିଁ ଆସିଥାଏ । ଏ ସଂପର୍କରେ 'Light on the Path' ରେ କୁହାଯାଇଛି : "ତୁମରି ଭିତରେ ହିଁ ବିଶ୍ୱର ଆଲୋକ ରହିଚି, ଏକମାତ୍ର ଆଲୋକ ଯାହା ପଥକୁ ଆଲୋକିତ କରିପାରେ । ଯଦି ତୁମେ ନିଜ ଭିତରେ ତା'ର ସ୍ଥିତି ଅନୁଭବ କରି ନ ପାର, ତେବେ ବାହାରେ ତାକୁ ଅନ୍ୱେଷଣ କରିବା ନିରର୍ଥକ ।"

ନିଜ ଭିତରର ଅଶୁଦ୍ଧି, ବିଶୃଙ୍ଖଳତା ଓ ବିକାରର ବିନାଶ ହେଲେ ଆଧ୍ୟାତ୍ମିକ ଜ୍ୟୋତି ପ୍ରଜ୍ୱଳିତ ହୁଏ, ଯାହା ସତ୍(Reality) ବିଷୟକ ସଚେତନତାରେ ପରିଣତ ହୁଏ । ଏଥିରୁ ସ୍ପଷ୍ଟ ବୁଝିହୁଏ ଯେ ଯଦି କେହି ଆତ୍ମ-ଉପଲବ୍ଧିର ପ୍ରୟାସ କରୁକରୁ ସମସ୍ୟାରେ ଛନ୍ଦି ହୋଇଯାଇଛି, ତେବେ ମାର୍ଗଦର୍ଶନର ଏହି ପ୍ରଶ୍ନ ଉପରେ ବିଚାର କରିବା ଆବଶ୍ୟକ । ସେ ପର୍ଯ୍ୟନ୍ତ ଚିନ୍ତା କରିବା ଆବଶ୍ୟକ, ଯେପର୍ଯ୍ୟନ୍ତ ଏହି ମାର୍ଗଦର୍ଶନ କେବଳ ନିଜ ଭିତରୁ ହିଁ ମିଳିପାରିବା ବିଷୟରେ ସଂଶୟ ଦୂର ନ ହୋଇଛି । ତା'ପରେ ଯାଇ ସେ ଦୃଢ଼ ସଂକଳ୍ପର ସହିତ ନିଜ ଅନ୍ତରରେ ନିହିତ

ସେହି ଆଲୋକର ଅନ୍ୱେଷଣ କରିବ, ଯାହା ତାକୁ ନିରନ୍ତର ଅଭ୍ରାନ୍ତ ଦିଗ୍‌ଦର୍ଶନ ଦେଇପାରିବ ।

ଜଣେ କେତେବେଳେ ମାର୍ଗଦର୍ଶନ ପାଇଁ ଅନ୍ତର୍ନିହିତ ଆଲୋକ ପ୍ରତି ଉନ୍ମୁଖ ହେବ ? କହିବା ନିଷ୍ପ୍ରୟୋଜନ ଯେ ନିଜ ଉଦ୍‌ବର୍ତ୍ତନର ପ୍ରାରମ୍ଭିକ ଅବସ୍ଥାରେ ଏପରି ମାର୍ଗଦର୍ଶନର ସୁଯୋଗ ନେବାର ସାମର୍ଥ୍ୟ  ମଣିଷର ନ ଥାଏ । ବାହ୍ୟ ଉତ୍ସରୁ ମିଳୁଥିବା ଶିକ୍ଷା ବା ଉପଦେଶ ହିଁ ଦୀର୍ଘକାଳ ଯାବତ୍ ତା'ର ମନକୁ ବିକଶିତ କରିବାରେ ସହାୟକ ହୋଇଥା'ନ୍ତି, ତା'ର ଚରିତ୍ର ନିର୍ମାଣ କରିଥା'ନ୍ତି, ତା'ର ବିକାଶୋନ୍ମୁଖ ଆଧ୍ୟାତ୍ମିକ ଆସ୍ପୃହାକୁ ଅନୁପ୍ରେରିତ ବା ଉତ୍ସାହିତ କରିଥା'ନ୍ତି । କିନ୍ତୁ ପ୍ରତ୍ୟେକ ଆତ୍ମାର ବିକାଶ ପଥରେ ଏପରି ଏକ ସମୟ ଆସିଥାଏ, ଯେତେବେଳେ ଏସବୁ ଯଥେଷ୍ଟ ନୁହେ ବୋଲି ପ୍ରତିପାଦିତ ହୋଇଥାଏ । କେବଳ ଏକ ସ୍ଥିରନିଶ୍ଚିତ ଆଧ୍ୟାତ୍ମିକ ଲକ୍ଷ୍ୟ ଘେନି ଅଗ୍ରସର ହେବାର ଆବଶ୍ୟକତା ଅନୁଭୂତ ହୁଏ ନାହିଁ; ଆଧ୍ୟାତ୍ମିକ ସାଧକ ନିଜ ଅନ୍ତର୍ନିହିତ ସଂଗୋପନ  ସତ୍ୟର ସନ୍ଧାନ ପାଇଁ ଅନ୍ତର୍ମୁଖୀ ହୋଇଥାଏ । ତା'ର ମନ, ମସ୍ତିଷ୍କ ଓ ହୃଦୟରେ ଆବଶ୍ୟକୀୟ ପରିବର୍ତ୍ତନ ଘଟେ, ଯାହା ତାକୁ ତା'ର କାର୍ଯ୍ୟ ସଂପାଦନ ବା ଲକ୍ଷ୍ୟ ସାଧନର ସାମର୍ଥ୍ୟ ଦିଏ । ଏ ପଥକୁ ଆଲୋକିତ କରିବାରେ ସମର୍ଥ ସେହି ଏକମାତ୍ର ଆଲୋକର ଉତ୍ସକୁ ସନ୍ଧାନ କରିବାର ପ୍ରୟାସ ଆରମ୍ଭ କରିବା ପାଇଁ ଏହା ହିଁ ଉପଯୁକ୍ତ ସମୟ ।

❖❖❖